ସଞ୍ଜ ସକାଳେ

ଓଡ଼ିଆ ଚଳଚ୍ଚିତ୍ର ଭକ୍ତି ସଙ୍ଗୀତ

Sanja Sakaale

A Collection of Devotional Songs from Odia Movies

Compiled by : **Sukant Mishra**

ସଞ୍ଜ ସକାଳେ

ଓଡ଼ିଆ ଚଳଚ୍ଚିତ୍ର ଭକ୍ତି ସଙ୍ଗୀତ

Sanja Sakaale

A collection of devotional songs from Odia movies

Compiled by: Sukant Mishra

ସଞ୍ଜ ସକାଳେ

Sanja Sakaale

A Collection of Devotional Songs From Odia Movies

Compiled by: **Sukant Mishra**

Copyright © **Sukant Mishra**

All rights reserved. No part of this publication may be reproduced, stored in a retrieval system, or transmitted, in any form or by any means, electronic, mechanical, photocopying, recording or otherwise without the prior permission of the author.

ପଦେ ଅଧେ

ପିଲାଦିନେ ସ୍କୁଲରେ ସକାଳେ କ୍ଲାସ ଆରମ୍ଭ ହେବା ଆଗରୁ ସମବେତ ପ୍ରାର୍ଥନା ବୋଲା ଯାଉଥିଲା। ଆଉ ଘରେ ସବୁଦିନ ସଞ୍ଜବେଳେ ଠାକୁରଙ୍କୁ ଦୀପ ଦେଇ ଆମେ ଭାଇ ଭଉଣୀ ମିଶି ପ୍ରାର୍ଥନା ବୋଲୁଥିଲୁ। ଏଇ ସଞ୍ଜବେଳ ପ୍ରାର୍ଥନାରେ ଆମେ ପାରମ୍ପରିକ ପ୍ରାର୍ଥନା ସହିତ କିଛି ନୂଆ ଭଜନ ମଧ ବାଛି ବୋଲୁଥିଲୁ। ଭଜନ ପ୍ରତି ଅନୁରାଗ ଏଇଠୁ ଆରମ୍ଭ ହେଇଥିଲା। ଆଉ କଲେଜ ପଢିବା ସମୟରେ ସଞ୍ଜବେଳରେ ହଷ୍ଟେଲରେ ବିଜୁଳି କଟି ଯାଇଥିବା ବେଳେ "ଖଞ୍ଜଣି ପାର୍ଟି"ର ବନ୍ଧୁ ମେଳରେ ବସି ଟେବୁଲ ଉପରେ ବାଜା ବଜେଇ ଭଜନ ବୋଲି ଏହି ଅନୁରାଗଟି ଆହୁରି ବଳବତ୍ତର ହୋଇଥିଲା। ବିଶେଷତଃ ଓଡ଼ିଆ ଚଳଚ୍ଚିତ୍ରରେ ପରିବେଷିତ ଭଜନ ପ୍ରତି ମୋର ଆକର୍ଷଣ ଥିଲା ବେଶୀ। ଦୁଇଟି କାରଣ ଯୋଗୁଁ - ପ୍ରଥମତଃ ଫିଲ୍ମ ଭଜନ ଗୁଡିକ ସ୍ୱନାମଧନ୍ୟ ସଙ୍ଗୀତକାର, ଗୀତିକାର ଓ କଣ୍ଠଶିଳ୍ପୀ ମାନଙ୍କ ମିଳିତ ଉଦ୍ୟମ ଯୋଗୁଁ ବେଶ୍ ଶ୍ରୁତି ମଧୁର ହୋଇଥାଏ। ଦ୍ୱିତୀୟ ରେ ଫିଲ୍ମ ସଙ୍ଗୀତରେ ସାଜ ସରଞ୍ଜାମ ତଥା ବାଦ୍ୟଯନ୍ତ୍ରର ଆୟୋଜନ ପାରମ୍ପରିକ ଭଜନ ତୁଳନାରେ ସାଧାରଣତଃ ଅଧିକ ମାତ୍ରାରେ ଥିବାରୁ ତାହା ସଙ୍ଗୀତର ଲାଳିତ୍ୟ ଓ ମାଧୁର୍ଯ୍ୟକୁ ପରିବର୍ଦ୍ଧନ କରିଥାଏ।

ଏକ ଶତ (୧୦୦) ଟି ଓଡ଼ିଆ ଫିଲ୍ମ ଭକ୍ତି ସଙ୍ଗୀତ ସଂଗୃହୀତ ହୋଇ ଏହି ସଙ୍କଳନରେ ଉପସ୍ଥାପିତ କରାଯାଇଛି। ଏଥିରୁ ଗୋଟିଏ ଦୁଇଟିକୁ ବାଦ ଦେଲେ, ବାକି ସମସ୍ତ ଭକ୍ତି ସଙ୍ଗୀତ 1961 ରୁ 1990 ମଧ୍ୟରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର ମାନଙ୍କରୁ ଉଦ୍ଧୃତ ହୋଇଛି। 1961 ରୁ 1990 - ଏହି 30 ବର୍ଷ ଓଡ଼ିଆ ଚଳଚ୍ଚିତ୍ର ପାଇଁ Golden Era ବା ସୁବର୍ଣ୍ଣ ଯୁଗ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସମୟ ସୀମାରେ - କାହାଣୀ, ଅଭିନୟ, ନିର୍ଦ୍ଦେଶନା ଓ ସଙ୍ଗୀତ - ପ୍ରତିଟି ବିଭାଗରେ ଓଡ଼ିଆ ଚଳଚ୍ଚିତ୍ର ପରାକାଷ୍ଠାର ଚରମ ସୋପାନରେ ଉତ୍ତୀର୍ଣ୍ଣ ହୋଇଥିଲା । ତେଣୁ କହିବା ବାହୁଲ୍ୟ ଯେ ଏହି ଚଳଚ୍ଚିତ୍ର ମାନଙ୍କର ଭକ୍ତି ସଙ୍ଗୀତ ମଧ ଖୁବ ହୃଦୟସ୍ପର୍ଶୀ ହୋଇଥିଲା । ପରିବେଷଣ ଶୈଳୀ ଅନୁସାରେ ଚଳଚ୍ଚିତ୍ର ଭକ୍ତି ସଙ୍ଗୀତ ଗୁଡିକ ମୁଖ୍ୟତଃ ତିନିଟି ଶ୍ରେଣୀରେ ବିଭକ୍ତ କରା ଯାଇପାରେ । ପ୍ରଥମ ଶ୍ରେଣୀରେ ଅନ୍ତର୍ଭୁକ୍ତ ହେଉଛନ୍ତି ସେହି ଭକ୍ତିଗୀତ ଯାହାର ରଚନା ଓ ସ୍ୱର ପରିବେଷଣ ଉଭୟ ପାରମ୍ପରିକ ଶୈଳୀରେ ହୋଇଛି - ଯଥା - ଭଜୁ କିନା ରାମ ନାମ (କନକଲତା - 1974),   ବାଧିଲା ଜାଣି କ୍ଷମା (ମୁକ୍ତି - 1977)। ଦ୍ୱିତୀୟ ଶ୍ରେଣୀରେ ଗୃହୀତ ହୋଇଥିବା ଭକ୍ତି ଗୀତ ଗୁଡିକର ରଚନା ପାରମ୍ପରିକ, କିନ୍ତୁ ସ୍ୱର ନୂତନ ଶୈଳୀରେ ପ୍ରସ୍ତୁତ ହୋଇଛି - ଉଦାହରଣ ସ୍ୱରୂପ: ବିଶ୍ୱ ଜୀବନ ହେ (ଅସ୍ତରାଗ - 1982), ଆହେ ଦୟାମୟ ବିଶ୍ୱ ବିହାରୀ (ବଳିଦାନ - 1978) । କିଛି ପାରମ୍ପରିକ ଗୀତର କିୟଦଂଶ ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିବା ସତ୍ତ୍ୱେ ଭଜନ ଗୁଡିକ ଏ ପୁସ୍ତକରେ ସମ୍ପୂର୍ଣ୍ଣ ଭାବେ ପ୍ରକାଶିତ କରାଗଲା । ପରିଶେଷରେ ତୃତୀୟ ଶ୍ରେଣୀରେ ଥିବା ଭକ୍ତିଗୀତର ରଚନା ହେଉଛି ନୂତନ ଓ ପରିବେଷଣ ଶୈଳୀ ମଧ ନୂତନ - ଉଦାହରଣ - ସଞ୍ଜ ସକାଳେ ତୁମ ଛବି ଖୋଜେ (ସ୍ତ୍ରୀ - 1968), ଜଗତର ନାଥ ଆହେ ଜଗନ୍ନାଥ (ଚିହ୍ନା ଅଚିହ୍ନା - 1979) । ଏହି ସଙ୍କଳନର ଅଧିକାଂଶ ଗୀତ ଏହି ଶେଷ ଶ୍ରେଣୀଭୁକ୍ତ।

ଏ ପୁସ୍ତକର ପ୍ରାୟ ସମସ୍ତ ଗୀତ ଗୁଡିକ ଇଣ୍ଟରନେଟ, ବା ୟୁ ଟ୍ୟୁବରେ ଶୁଣିବା ପାଇଁ ଉପଲବ୍ଧ । ତେଣୁ କୌଣସି ଗୀତର ସ୍ୱର ଜାଣିବାକୁ ଚାହିଁଲେ ପାଠକ ନେଟରୁ ଅନାୟାସରେ ପାଇ ପାରନ୍ତି । ଆଉ ଗୋଟିଏ କଥା, ଯେଉଁ ବ୍ୟକ୍ତି ଓଡ଼ିଆ ଭାଷା କହି ଓ ବୁଝି ପାରିଲେ ମଧ ପଢି ପାରନ୍ତି ନାହିଁ - ସେମାନଙ୍କ ସୁବିଧା ପାଇଁ ସଙ୍ଗୀତ ଗୁଡିକ (ଓଡ଼ିଆ ସହିତ) ଇଂରାଜୀରେ ମଧ ପ୍ରକାଶିତ କରାଗଲା । ମୋର ଦୃଢ଼ ଆଶା ଓ ବିଶ୍ୱାସ ଯେ ପାଠକ ବନ୍ଧୁମାନଙ୍କ ପାଇଁ ଏହି ସଙ୍କଳନଟି ଉପଯୋଗୀ ହେବ ।

ଜୟ ଜଗନ୍ନାଥ ।

ବିନୀତ ,

ସୁକାନ୍ତ ମିଶ୍ର

କାର୍ତ୍ତିକ ପୂର୍ଣ୍ଣିମା
ନଭେମ୍ବର 30, 2020

ସୂଚୀପତ୍ର

#	ଗୀତ	ଚଳଚ୍ଚିତ୍ର	ପୃଷ୍ଠା
1	ଅଧାଗଢ଼ା ଦିଅଁଙ୍କର ଦେଖ ଚକାଆଖିକୁ	ଶ୍ରୀ ଜଗନ୍ନାଥ	8
2	ଆହେ ଦୟାମୟ ବିଶ୍ୱ ବିହାରୀ	ବଳିଦାନ	10
3	ଆହେ କଳା ଶ୍ରୀମୁଖ	ଅଗ୍ନି ପରୀକ୍ଷା	11
4	ଆହେ ନୀଳ ଶଇଳ	ଭକ୍ତ ସାଲବେଗ	12
5	ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ	କନକଲତା	13
6	ଆରତ ସୁରେ ବାରେ	ଲକ୍ଷ୍ମୀ	14
7	ଆରେ ବାବୁ ଶ୍ୟାମଘନ	ମଥୁରା ବିଜୟ	15
8	ବାଧିଲା ଜାଣି କ୍ଷମା	ମୁକ୍ତି	17
9	ବଡ଼ ଦେଉଳେ ବଡ଼ ଦିଅଁ କାହିଁକି	କନକଲତା	19
10	ବେଦନା ଭରା ଜୀବନ ମୋର	ବତାସୀ ଝଡ	20
11	ଭବ ସାଗର ତାରଣ କାରଣ ହେ	ଅଭିଳାଷ	21
12	ଭାଗ୍ୟ ମୋର	ସତୀ ଅନସୂୟା	22
13	ଭଜୁ କିନା ରାମ ନାମ	କନକଲତା	23
14	ବିଶ୍ୱଜୀବନ ହେ	ଅସ୍ତରାଗ	24
15	ଚାଲ ସଖୀ ଆମ୍ଭେ ଦର୍ଶନ କରିବା	ଭକ୍ତ ସାଲବେଗ	25
16	ଚକାଆଖି ସବୁ ଦେଖୁଛି	ଚକାଆଖି ସବୁ ଦେଖୁଛି	26
17	ଚନ୍ଦନ ଚର୍ଚ୍ଚିତ ନୀଳ କଳେବର	ଜୟଦେବ	27
18	ଚରଣ କମଳ ବନ୍ଦେ	ଶ୍ରୀ ଜଗନ୍ନାଥ	28
19	ଛୋଟ ମୋର ଏ ଘର	କୃଷ୍ଣ ସୁଦାମା	29
20	ଦଶାବତାର	ଶ୍ରୀ ଜଗନ୍ନାଥ	30
21	ଦୟାମୟୀ ଅମ୍ବିକା	ମାନିନୀ	32
22	ଦୟାମୟୀ ମହାମାୟୀ ମା ମଙ୍ଗଳା	ଜୟ ମା ମଙ୍ଗଳା	33
23	ଦେଖି ସେ ବଣମଲ୍ଲୀ	ମମତା	34
24	ଦେଲି ତୁମ ପାଦେ ଅରପି ନିଜକୁ	ତ୍ରିନାଥ ମେଳା	35
25	ଢାଳିଦିଅ ସାରା ଧରଣୀରେ ଆଜି	ତପସ୍ୟା	36
26	ଏକରେ ଅନେକ	କୃଷ୍ଣ ସୁଦାମା	37
27	ଏକା ତୋ ଭକତ ଜୀବନ	ଭକ୍ତ ସାଲବେଗ	38
28	ଗୁହାରି ଶୁଣ ଭଗବାନ	ସମୟ	39
29	ହସେରେ ନନ୍ଦ କୋଳେ ଗୋବିନ୍ଦ	ମଥୁରା ବିଜୟ	40
30	ହାଏରେ କାହ୍ନୁ ବାଇ ବେଣୁ	ମେଘମୁକ୍ତି	41
31	ହେ ବ୍ରହ୍ମା ହେ ବିଷ୍ଣୁ ହେ ମହେଶ୍ୱର	ତ୍ରିନାଥ ମେଳା	42
32	ହେ ଦୁଃଖହାରୀ ଗିରିଧାରୀ	ସୁନା ସଂସାର	43

#	ଗୀତ	ଚଳଚ୍ଚିତ୍ର	ପୃଷ୍ଠା
33	ହେ ଶମ୍ଭୁ ହେ ଶଙ୍କର	ସତୀ ଅନସୂୟା	44
34	ହୃଦୟ ଭରି ମୋର	କୃଷ୍ଣ ସୁଦାମା	45
35	ଜଗବନ୍ଧୁ ହେ ଗୋସାଇଁ	ଭକ୍ତ ସାଲବେଗ	46
36	ଜଗତପତି ହେ	ଚିଲିକା ତୀରେ	47
37	ଜଗତର ନାଥ	ଚିହ୍ନା ଅଚିହ୍ନା	48
38	ଯମୁନା ଯାଅନା	ସାକ୍ଷୀ ଗୋପୀନାଥ	49
39	ଜନନୀ ଭବାନୀ	କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ	50
40	ଜଟିଆ ବାବା ଡୋରି	ଏଇ ଆମ ସଂସାର	51
41	ଜୟ ଯଦୁନନ୍ଦନ	ଗପ ହେଲେ ବି ସତ	52
42	ଜୟ ଜୟ ଦାରୁବ୍ରହ୍ମ	ମାଣିକ	53
43	ଜୟ ଜୟ ଦେବ ହରେ	ସତୀ ଅନସୂୟା	55
44	ଜୟ ଜୟ ଧବଳେଶ୍ୱର	ସୁନା ପାଲିଙ୍କି	56
45	ଜୟ ମା ମଙ୍ଗଳା	ତଅପୋଇ	57
46	ଜୟ ରଘୁନନ୍ଦନ	କାଚଘର	58
47	ଜୟ ତୁ ମହାଲକ୍ଷ୍ମୀ	ମହାଲକ୍ଷ୍ମୀ ପୂଜା	59
48	ଯୁଗେ ଯୁଗେ ଭଗବାନ	ସାକ୍ଷୀ ଗୋପୀନାଥ	60
49	ଯୁଗେ ଯୁଗେ ହରି	ମାଣିକ	61
50	କାହିଁ ଗଲେ ବନ୍ଧୁରେ	ଅଭିମାନ	62
51	କାହିଁ ଗଲେ ଶ୍ୟାମଘନ	ବନ୍ଧୁ ମହାନ୍ତି	63
52	କାଳିଆ ଆସିଲା ଭାଇ	ଶ୍ରୀ ଜଗନ୍ନାଥ	64
53	କହରେ କିଏ ସେ	କୃଷ୍ଣ ସୁଦାମା	65
54	କହଇ ମନ ଆରେ	ବିଲ୍ୱ ମଙ୍ଗଳ	66
55	କାକଟପୁରେ ତୁ ମା ମଙ୍ଗଳା	ମା ମଙ୍ଗଳା	67
56	କାନ୍ଦି କହେ ନନ୍ଦରାଣୀ	ଛ ମାଣ ଆଠ ଗୁଣ୍ଠ	68
57	କେଉଁ ନାମ ଧରି	ସିନ୍ଦୁର ବିନ୍ଦୁ	69
58	କି ରୂପେ ପାଇବି	ତ୍ରିନାଥ ମେଳା	70
59	କି ଶୋଭା କେଳି କୁଞ୍ଜେ	ଝିଲିମିଲି	71
60	କି ସୁନ୍ଦର ଆହା	ଗୌରୀ	72
61	କିଏ ଆସେରେ	ମଥୁରା ବିଜୟ	73
62	କୋଇଲି ଲୋ କୋଇଲି	ନିନାଦ	74
63	ଲଳିତା ଗୋ ଶ୍ୟାମକୁ କହିଦେ ଫେରିଯାଉ	ଟିକେ ହସ ଟିକେ ଲୁହ	75
64	ମା ଗୋ କରୁଛି ଏତିକି ଗୁହାରି	ମା ମୋତେ ଶକ୍ତି ଦେ	76

#	ଗୀତ	ଚଳଚ୍ଚିତ୍ର	ପୃଷ୍ଠା
65	ମା ଗୋ ମମତାମୟୀ ମାତା	ବନ୍ଧୁ ମହାନ୍ତି	77
66	ମା ଲୋ ମହିମାମୟୀ	ପରିବାର	78
67	ମା ତୁମେ ଜଗତର ସାହା ଭରସା	ଆରତୀ	79
68	ମା ତୁମେ ମମତାର ସୀମାହୀନ ସାଗର	ଉଲକା	80
69	ମହାବାହୁ ଅଖିଳ ଜଗତ ନାଥ	ବନ୍ଧୁ ମହାନ୍ତି	81
70	ମଲ୍ଲି ମାଳ ଶ୍ୟାମକୁ ଦେବି	କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ	82
71	ମଙ୍ଗଳେ ଅଇଲା ଉଷା	କନକଲତା	83
72	ମୋହନ ହେ ମୋହନ	ଧରିତ୍ରୀ	85
73	ମୋର ଅନ୍ତର ମନ୍ଦିରେ ରହି	ମଲାଜହ୍ନ	86
74	ମୁକୁନ୍ଦ ମୁରାରି	ମୁକ୍ତି	87
75	ନ ଯା ରାଧିକା	ସିନ୍ଦୁର ବିନ୍ଦୁ	88
76	ନମସ୍ତେ ପ୍ରଭୁ ଜଗନ୍ନାଥ	ବନ୍ଧୁ ମହାନ୍ତି	89
77	ନୀଳମାଧବ ହେ	ନୀଳମାଧବ	90
78	ନୀଳାଦ୍ରି ବିହାରୀ ହରି	ସୂର୍ଯ୍ୟମୁଖୀ	91
79	ନିର୍ଗୁଣ ଆତ୍ମା ଗୁଣବନ୍ତ	ବନ୍ଧୁ ମହାନ୍ତି	92
80	ପ୍ରଭୁ ପଦ ତଳେ ପ୍ରଣତି ଢାଳେ	ଘର ସଂସାର	93
81	ପ୍ରଭୁ ପରଂବ୍ରହ୍ମ ପରମେ	ରାମାୟଣ	94
82	ପ୍ରଣତି ଜଣାଇ ତୋର ଚରଣେ	ଝିଅଟି ସୀତା ପରି	95
83	ପୁତ୍ର ସ୍ନେହେ ହେଲୁ ବାଇ	ମନ ମନ୍ଦିର	96
84	ରାଧା ବିନା କାହ୍ନା	ଆକାଶ ଦୀପ	97
85	ରାମ ଚରିତ ଏହି ଗାଥା	ସୀତା ଲବକୁଶ	98
86	ରତି ସୁଖ ସାରେ – ଗୀତ ଗୋବିନ୍ଦ	ଜୟଦେବ	99
87	ରେ ଆତ୍ମନ୍ ନିଦ୍ରା ପରିହରି	ମମତା	101
88	ସବୁଥରୁ ବଞ୍ଚିତ କରି	ନବଜନ୍ମ	102
89	ସଜନୀରେ କାହିଁ ଗଲେ ଶ୍ୟାମ	ସମୟ	103
90	ସଞ୍ଜ ସକାଳେ ତୁମ ଛବି ଖୋଜେ	ସ୍ତ୍ରୀ	104
91	ସେ ତ ଭକତ ଭାବରେ ବନ୍ଧାରେ	ଶ୍ରୀ ଜଗନ୍ନାଥ	105
92	ସିଂହବାହିନୀ	ମନ ଆକାଶ	106
93	ତାରିବା ଶକତି ଅଛି ବୋଲି	ଭକ୍ତ ସାଲବେଗ	107
94	ତୋତେ ଜୁହାର କରିବି ନାହିଁ	ବାଜେ ବଇଁଶୀ ନାଚେ ଘୁଙ୍ଗୁର	108
95	ତୋର ଇଚ୍ଛା ପୂର୍ଣ୍ଣ ହେଉ ମହାବାହୁ	ପୂଜା ଫୁଲ	109
96	ତୁମେ ଦେବ ମୁଁ ପୂଜାରିଣୀ	ଭୁଲି ହୁଏନା	110

#	ଗୀତ	ଚଳଚ୍ଚିତ୍ର	ପୃଷ୍ଠା
97	ତୁମେ ମାଧବ ତୁମେ କେଶବ	ଆଶାର ଆକାଶ	111
98	ତୁମେ ମୋର ମୁଁ ତୁମର	ଅଭିମାନ	112
99	ତୁମେ ତ ଦୟାଳୁ ଦାତା	ବାଟ ଅବାଟ	113
100	ତୁମେଇ ସକଳ ସତ୍ୟ	ଟିକେ ହସ ଟିକେ ଲୁହ	114

Table of Contents

#	Song	Movie	Page
1	Adhaa Gadhaa Dian kara	Sri Jagannath	9
2	Ahe Dayamaya Biswa Bihari	Balidaan	10
3	Ahe Kalaa Srimukha	Agni Parikshya	11
4	Ahe Nila Saila	Bhakta Saalabega	12
5	Akhila Bramhanda Pati	Rama Balarama	13
6	Arata Sure Bare	Lakshmi	14
7	Are Babu Shyamaghana	Mathura Bijaya	16
8	Baadhila Jaani Khyama	Mukti	18
9	Bada Deule Bada Dian Kahinki	Kanakalata	19
10	Bedanaa Bharaa Jeeban Mora	Batasi Jhada	20
11	Bhaba Sagara Tarana	Abhilasha	21
12	Bhagya Mora	Sati Anasuya	22
13	Bhaju Kina Rama Nama	Kanakalata	23
14	Biswa Jibana He	Astaraaga	24
15	Chaala Sakhi Aame	Bhakta Saalabega	25
16	Chaka Akhi Sabu Dekhuchi	Chaka Akhi Sabu Dekhuchi	26
17	Chandan Charchita Nila Kalebar	Jayadev	27
18	Charana Kamala Bande	Sri Jagannath	28
19	Chhota Mora E Ghara	Krushna Sudama	29
20	Dashabatar	Sri Jagannath	31
21	Dayamayi Ambike Ma	Manini	32
22	Dayamayi Mahaamaayi Ma Mangala	Jaya Maa Mangala	33
23	Dekhi Se Bana Malli	Mamata	34
24	Deli Tuma Paade Arapi Nijaku	Trinatha Mela	35
25	Dhaali Dia Saara	Tapasya	36
26	Eka Re Aneka	Krushna Sudama	37
27	Eka To Bhakata Jibana	Bhakta Saalabega	38
28	Guhari Suna Bhagavana	Samaya	39
29	Hasere Nanda Kole Gobinda	Mathura Bijaya	40
30	Hayre Kanhu Baai Benu	Megha Mukti	41
31	He Bramha Hey Vishnu	Trinatha Mela	42
32	He Dukhahari	Suna Sansaara	43

#	Song	Movie	Page
33	He Shambhu He Shankara	Sati Anasuya	44
34	Hrudaya Bhari Mora	Krushna Sudama	45
35	Jaga Bandhu He Gosain	Bhakta Saalabega	46
36	Jagata Pati Hey	Chilika Teerey	47
37	Jagatara Naatha	Chinha Achinha	48
38	Jamuna Jaao Na	Sakhi Gopinath	49
39	Janani Bhavani	Kavi Samrat Upendra Bhanja	50
40	Jatia Baba Dori	Ei Ama Sansara	51
41	Jaya Jadu Nandana	Gapa Hele Bi Sata	52
42	Jaya Jaya Daru Brahma	Manika	53
43	Jaya Jaya Deba Hare	Sati Anasuya	55
44	Jaya Jaya Dhabaleswara	Suna Palinki	56
45	Jaya Maa Mangala Bipada Bhanjani	Taopoi	57
46	Jaya Raghunandana	Kaacha Ghara	58
47	Jayatu Mahalakhmi	Mahalakhmi Puja	59
48	Juge Juge Bhagabana	Sakhi Gopinath	60
49	Juge Juge Hari	Manika	61
50	Kaahin Gale Bandhu Re	Abhimaana	62
51	Kaahin Gale Shyamaghana	Bandhu Mohanty	63
52	Kaalia Aasila	Sri Jagannath	64
53	Kaha Re Kiye Se	Krushna Sudama	65
54	Kahai Mana Are Mo Bola Kara	Billwa Mangala	66
55	Kakatapure Tu Maa Mangala	Maa Mangala	67
56	Kandi Kahe Nanda Rani	Chha Maana Aatha Guntha	68
57	Keun Naama Dhari	Sindura Bindu	69
58	Ki Rupe Paibi Tumaku Khoji	Trinatha Mela	70
59	Ki Shobha Keli Kunje	Jhili Mili	71
60	Ki Sundara Aaaha	Gouri	72
61	Kiye Aasere	Mathura Bijaya	73
62	Koili Lo Koili	Ninada	74
63	Lalita Go Shyamaku Kahide Pherijau	Tike Hasa Tike Luha	75
64	Maa Go Karuchhi Etiki Guhari	Maa Mate Shakti De	76
65	Maa Go Mamata Mayee Maata	Bandhu Mohanty	77
66	Maa Lo Mahima Mayee	Parivaar	78
67	Maa Tume Jagatara Saha Bharasa	Aarati	79
68	Maa Tume Mamata Ra	Ulka	80

#	Song	Movie	Page
69	Mahabahu Akhila Jagata Natha	Bandhu Mohanty	81
70	Malli Maala Shyama Ku Debi	Kavi Samrat Upendra Bhanja	82
71	Mangale Aila Usha	Kanakalata	84
72	Mohana Hey Mohana	Dharitri	85
73	Mora Antara Mandire Rahi	Mala Janha	86
74	Mukunda Murari	Mukti	87
75	Na Jaa Radhika	Sindura Bindu	88
76	Namaste Prabhu Jagannatha	Bandhu Mohanty	89
77	Nila Madhaba He	Nila Madhaba	90
78	Niladri Bihari Hari	Surjyamukhi	91
79	Nirguna Atma Gunabanta	Bandhu Mohanty	92
80	Prabhu Pada Tale Pranati Dhale	Ghara Sansar	93
81	Prabhu Param Brahma Parame	Ramayan	94
82	Pranati Janae Tora Charane	Jhiati Sita Pari	95
83	Putra Snehe Helu Baai	Mana Mandira	96
84	Radha Bina Kanha	Akash Deep	97
85	Rama Charita Ehi Gatha	Sita Lavakusha	98
86	Rati Sukha Saare	Jayadev	100
87	Re Aatman Nidra Parihari	Mamata	101
88	Sabu Thiru Banchita Kari	Naba Janma	102
89	Sajani Re Kahin Gale Shyama	Samaya	103
90	Sanja Sakaale Tuma Chhabi Khoje	Stree	104
91	Se Ta Bhakata Bhaaba Re	Sri Jagannath	105
92	Singha Baahini Shakti Pradayini	Mana Akasha	106
93	Taribaa Sakati Achhi Boli	Bhakta Saalabega	107
94	Tate Juhaara Karibi Nahin	Baje Bainsi Nache Ghungura	108
95	Tora Ichha Purna Heu Mahabahu	Puja Phula	109
96	Tume Deba Mu Pujarini	Bhuli Huena	110
97	Tume Madhava Tume Keshaba	Ashaa Ra Aakash	111
98	Tume Mora Mun Tumara	Abhimaana	112
99	Tume Ta Dayalu Data	Baata Abaata	113
100	Tumeei Sakala Satya	Tike Hasa Tike Luha	114

ଅଧାଗଢା ଦିଅଁଙ୍କର ଦେଖ ଚକାଆଖିକୁ

ଚଳଚ୍ଚିତ୍ର: ଶ୍ରୀ ଜଗନ୍ନାଥ (1979)
କଣ୍ଠଶିଳ୍ପୀ: ଅକ୍ଷୟ ମହାନ୍ତି
ସଙ୍ଗୀତ ନିର୍ଦ୍ଦେଶକ: ଅକ୍ଷୟ ମହାନ୍ତି
ଗୀତିକାର: ଅକ୍ଷୟ ମହାନ୍ତି
~~~~~~~~~~~~~~~~~~~~

ଅଧା ଗଢା ଦିଅଁଙ୍କର ଦେଖ ଚକା ଆଖିକୁ
ଅଧା ଚାନ୍ଦ ଅଧରରେ ଅଧା ଅଧା ହସକୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ

ଦେବା ପଣେ ତାହା ତୁଲ ପାଇବୁ ତୁ କାହାକୁ
ଧନ ମୋର ଦୀନ ଜନେ ଲଗାଇଛି ସ୍ନେହକୁ
ନୀଳାଚଳ ନାଥ ସେ ତ ଉଡାଉଛି ବାନାକୁ
ପତିତକୁ ତାରିବାକୁ ତୋଳି ଅଛି ବାହାକୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ

ନୀଳଚକ୍ର ନୀଳନଭେ ଜଣାଉଚି ଧରାକୁ
ସେ ସାମନ୍ତ ଛେଦିବ ତ ଆରତର ଗ୍ରାହାକୁ
ଜାତି ନାହିଁ ପତି ନାହିଁ କେ ପଚାରେ କାହାକୁ
ଉଡାଉଛି ଜଗତରେ ଛୁଆଁ ଛୁଇଁ ଭାବକୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ

ଛାର ଶିରିଫଳ ପାଇଁ ଚାହିଁଛି ତା ହାତକୁ
ଭକତର ମଣି କଲା ଅଛବ ଦାସିଆକୁ
ନିଜ ହାତେ ପରଷିଛି ଯାଜପୁର ବନ୍ଧୁକୁ
ଗୀତ ଶୁଣି ମାଲୁଣିଠୁ ଚିରିଅଛି ଲୁଗାକୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ

ଝୁଲିଆର ଘରେ ନେଇ ରଖିଚି ସେ ଭାରକୁ
ଗୀତାପଣ୍ଡା ଭାରିଯା ତା କାଟିଅଛି ଜିଭକୁ
ସାଲବେଗ ହୀନଜାତି ଆଶ୍ରା କଲା ତାହାକୁ
ତା ଭକତି ପାଇଁ ଦଣ୍ଡେ ରଖାଉଛି ରଥକୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ

ସ୍ନାନବେଦୀ ଉପରେ ତ ନେଲା ହାତୀ ବେଶକୁ
ରଥେ ବସି ମହାରାଜେ ହେଲେ ସୁନା ବେଶକୁ
କାଳିନ୍ଦୀରେ ପାଦେ ଦଳିଥିଲେ ପରା କାଳିକୁ
ବନଭୋଜି ବେଶେ ମଜ୍ଜି ଲଗାଇଛି ଲଟକୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ

ଦେଖ ମନମୋହନିଆ ରାଧା ଦାମୋଦରକୁ
ବାଙ୍କଚୁଡା ବେଶ ହୋଇ କିଣିନିଏ ମନକୁ
ଫଗୁଣରେ ପଦ୍ମବେଶ ଧୋଇଦିଏ ପାପକୁ
ପଞ୍ଚୁକରେ ନାଗାର୍ଜୁନ ବାଇ କରେ ଭକ୍ତଙ୍କୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ

ଶଙ୍ଖନାଭି ମଣ୍ଡଳରେ ନିତ୍ୟଲୀଳା ସ୍ଥଳକୁ
ଚିତ୍ତ ସ୍ଥିର କର ତୋର ପ୍ରଭୁ ଚକାଡୋଳାକୁ
ଏହିପରି ସାମନ୍ତଙ୍କ ବୋଲକରା ହବାକୁ
ବ୍ରାହ୍ମଣ କି ଚଣ୍ଡାଳ ତ ଆଗଭର ଯିବାକୁ
ଭଜ ମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମଙ୍କୁ
~~~~~~~~~~~~~~~~~~~~

Adhaa Gadhaa Diankara Dekha Chakaa Aakhiku

Movie: Sri Jagannath (1979)
Singer: Akshaya Mohanty
Composer: Akshaya Mohanty
Lyricist: Akshaya Mohanty
~~~~~~~~~~~~~~~~~~~~

Adhaa gadhaa diankara dekha chakaa aakhiku
Adhaa chaanda adharare adhaa adhaa hasaku
Bhaja mana purna bramha daaru bramhanku

Debaa paney taha tula paaibu tu kaahaaku
Dhana mora deena jane lagaaichi snehaku
Patitaku taaribaaku toli achhi baahaaku
Bhaja mana purna bramha daaru bramhanku

Nilachakra nila nave janaauchi dharaaku
Se saamanta chhediba ta aaratara graahaaku
Jaati naahin pati naahin ke pachaare kaahaaku
Udaauchi jagatare chhuaan chhuin bhaabaku
Bhaja mana purna bramha daaru bramhanku

Chhaara siri phala paain chaahinchi taa haataku
Bhakatara mani kalaa achhaba daasiaaku
Nija haate parasichhi jaajapura bandhuku
Gita suni maalunithu chiriachhi lugaaku
Bhaja mana purna bramha daaru bramhanku

Jhuliaara ghare nei rakhichi se bhaaraku
Geeta pandaa bharijaa taa kaati achhi jivaku
Saalabega heena jaati ashraa kalaa taahaaku
Taa bhakati paain dande rakhaauchi rathaku
Bhaja mana purna bramha daaru bramhanku

Snaanabedi upare ta nelaa haati beshaku
Rathe basi mahaaraaje hele sunaa beshaku
Kaalindire paade dalithile paraa kaaliku
Banabhoji beshe majji lagaaichhi lataku
Bhaja mana purna bramha daaru bramhanku

Dekha mana mohaniaa radha damodaraku
Baanka chudaa besha hoi kini niye manaku
Phagunare padma besha dhoi diye paapaku
Panchukare naagaarjuna baai kare bhaktanku
Bhaja mana purna bramha daaru bramhanku

Sankha naavi mandalare nitya leelaa sthalaku
Chitta sthira kara tora prabhu chakaadolaaku
Ehi pari saamantanka bolakaraa habaku
Bramhana ki chandaala ta aagabhara jibaaku
Bhaja mana purna bramha daaru bramhanku
~~~~~~~~~~~~~~~~~~~~

ଆହେ ଦୟାମୟ ବିଶ୍ୱ ବିହାରୀ

ଚଳଚ୍ଚିତ୍ର: ବଳିଦାନ (1978)
କଣ୍ଠଶିଳ୍ପୀ: ଏସ. ଜାନକୀ
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର
ଗୀତିକାର : ରାମକୃଷ୍ଣ ନନ୍ଦ
~~~~~~~~~~~~~~~~~~~~

ଆହେ ଦୟାମୟ ବିଶ୍ୱ ବିହାରୀ
ଘେନ ଦୟା ବହି ମୋର ଗୁହାରି
ଜଳ ସ୍ଥଳ ବନ ଗିରି ଆକାଶ
ତୁମ ଲୀଳା ସବୁଠାରେ ପ୍ରକାଶ

ତୁମେ ଶୁଭ ବୁଦ୍ଧି ପରା ଶିଖାଅ
ତୁମେ ଭଲ ବାଟ ପରା ଦେଖାଅ
ମୋର କାମକୁ କରାଅ ସରସ
ମୋର ମୁଖେ ଦିଅ ଚିର ହରଷ
ତୁମ ଚରଣରେ ମୋର ଭକତି
ଦିଅ ବିପଦେ ସାହସ ଶକତି

କୂଟ କପଟ ସ୍ୱଭାବ ଯାହାର
ତାଙ୍କୁ ଦୂରୁ ମୁଁ କରଇ ଜୁହାର
ମୋତେ ଖଳ ଅଳସୁଆ ନିକଟେ
ନିଅ ନାହିଁ ସୁଖେ ଅବା ସଙ୍କଟେ
ମୋତେ ନ ମିଶାଅ ତାଙ୍କ ସାଥିରେ
ସଦା ରଖ ସାଧୁଜନ କତିରେ
ଦୟା ବିନୟ ହେଉ ମୋ ଭୂଷଣ
କାହା ମନେ ନ ଦିଏ ମୁଁ କଷଣ

ଦୁଃଖୀ ଅରକ୍ଷିତ ସେବା କାରଣେ
ବଳ ଦିଅ ମୋର କର ଚରଣେ
ସତ କହିବାକୁ କିଆଁ ଡରିବି
ସତ କହି ପଛେ ମଲେ ମରିବି
ମୋତେ ଏତିକି ଶିଖାଅ ସାଇଁ ହେ
ମୋର ଧନ ଜନ ଲୋଡ଼ା ନାହିଁ ହେ

** ଚଳଚିତ୍ରରେ ଭକ୍ତିଗୀତଟିର ଆଂଶିକ ପରିବେଷଣ ହୋଇଥିବା ସତ୍ତ୍ୱେ ଏହା ଏକ ବହୁଜନବିଦିତ ପାରମ୍ପରିକ ଭକ୍ତିଗୀତ ହୋଇଥିବାରୁ ସମ୍ପୂର୍ଣ୍ଣ ରଚନାଟି ଏଠାରେ ପ୍ରକାଶିତ କରାଗଲା

Ahe Dayaamaya Biswa Bihari

Movie: Balidaan (1978)
Singer: S. Janaki
Composer: Prafulla Kar
Lyricist: Ramakrishna Nanda
~~~~~~~~~~~~~~~~~~~~

Ahe dayaamaya biswa Bihari
Ghena dayaa bahi mora guhari
Jala sthala bana giri aakaasa
Tuma lila sabuthaare prakaasa

Tume subha budhi paraa sikhao
Tume bhala baata paraa dekhao.
Mora kaamaku karao sarasa
Mora mukhe diya chira harasa
Tuma chranare mora bhakati
Diya bipade saahaasa shakati

Kuta kapata swabhaaba jaahaara
Taanku duru mu karai juhaara
Mote khala alasuaa nikate
Niya naahi sukhe abaa sankate
Mote namisao taanka saathire
Sadaa rakha sadhu jana katire
Dayaa binaya heu mo bhusana
Kaahaa mane na diye mu kasana

Dukhi arakhita sevaa kaarane
Bala diya mora kara charane
Sata kahibaku kiyaan Daribi
Sata kahi pachhe maley maribi
Mote etiki sikhao saain hey
Mora dhana jana lodaa naahi hey

** Even though this song has been only partially picturized in the movie, the well-known traditional song is presented in its entirety here.

ଆହେ କଳା ଶ୍ରୀମୁଖ

Ahe Kalaa Sreemukha

ଚଳଚ୍ଚିତ୍ର: ଅଗ୍ନି ପରୀକ୍ଷା (1980)
କଣ୍ଠଶିଳ୍ପୀ: ଭିକାରି ବଳ
ସଙ୍ଗୀତ ନିର୍ଦ୍ଦେଶକ: ଶାନ୍ତନୁ ମହାପାତ୍ର
ଗୀତିକାର : ଗୁରୁକୃଷ୍ଣ ଗୋସ୍ୱାମୀ
~~~~~~~~~~~~~~~~~~~~~~~~~~~~

ଆହେ କଳା ଶ୍ରୀମୁଖ

ଶୁଣ ଶୁଣ ବାରେ ଡାକ

ମଝି ଦରିଆରେ ମୋତେ ଭସାଇଲେ

ମିଳିବ ତୋତେ କି ସୁଖ

ଆହେ କଳା ଶ୍ରୀମୁଖ

ତୁହି ପରା ଧାତା, ଜଗତ କରତା

ତୋର ବିନା ଗତି ନାହିଁ

ଯାହା ମୁହିଁ କରେ ତୁହି ତ କରାଉ

ଦୋଷାଦୋଷ ମୋର କାହିଁ

ହେ ପଙ୍କଜମୁଖ, କରୁ କିପାଁ ଏ ପରଖ

ଆହେ କଳା ଶ୍ରୀମୁଖ, ଶୁଣ ଶୁଣ ବାରେ ଡାକ

ମିଳୁ ଫୁଲମାଳି ଅବା ଚୁନକାଳି

ମୋତେ ମୋ କରମ ପାଇଁ

କପାଳରେ ଥିଲା ବୋଲି ଭାବିନେବି

ଶୋଚନା କରିବି ନାହିଁ

ହେ ପଙ୍କଜମୁଖ, ନ ହେବି ତିଳେ ବିମୁଖ

ଆହେ କଳା ଶ୍ରୀମୁଖ, ଶୁଣ ଶୁଣ ବାରେ ଡାକ

Movie: Agni Parikhyaa (1980)
Singer: Bhikari Bal
Composer: Santanu Mohapatra
Lyricist: Gurukrushna Goswami
~~~~~~~~~~~~~~~~~~~~~~~~~~~~

Ahe kala srimukha

Suna suna bare daaka

Majhi dariyaa re mote bhasaile

Miliba tote ki sukha

Aahe kala srimukha

Tuhi paraa dhataa, jagata karataa

Tora bina gati naahin

Jaaha muhin kare tuhi ta karaau

Dosaa dosa mora kaahin

Hey pankaja mukha, karu kipaan e parakha

Aahe kala srimukha, suna suna bare daaka

Milu phula maali abaa chuna kaali

Mote mo karama paain

Kapaalare thilaa boli bhaabinebi

Shochanaa karibi naahin

Hey pankaja mukha, na hebi tile bimukha

Aahe kala srimukha, suna suna bare daaka

## ଆହେ ନୀଳ ଶଇଳ	## Ahe Nila Saila
ଚଳଚ୍ଚିତ୍ର: ଭକ୍ତ ସାଲବେଗ (1983) *କଣ୍ଠଶିଳ୍ପୀ: ଭିକାରି ବଳ* *ସଙ୍ଗୀତ ନିର୍ଦ୍ଦେଶକ: ଭୁବନେଶ୍ୱର ମିଶ୍ର* *ଗୀତିକାର: ସାଲବେଗ* ~~~~~~~~~~~~~~~~~~~	*Movie: Bhakta Salabega (1983)* *Singer: Bhikari Bal* *Composer: Bhubaneswar Mishra* *Lyricist: Salabega* ~~~~~~~~~~~~~~~~~~~
ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ ମୋ ଆରତ ନଳିନୀ ବନକୁ କର ଦଳନ ଆହେ ନୀଳ ଶଇଳ	Ahe nila saila prabala matta baarana Mo arata nalini banaku kara dalana Ahe Nila saila
ଗଜରାଜ ଚିନ୍ତା କଲା ଥାଇ ଘୋର ଜଳେଣ ଚକ୍ର ପେଷି ନକ୍ର ନାଶି ଉଦ୍ଧାରିଲ ଆପଣ ଆହେ ନୀଳ ଶଇଳ	Gajaraaja chintaa kalaa thaai ghora jalena Chakra pesi nakra naasi uddhaarila aapana Ahe nila saila
ଘୋର ବନେ ମୃଗୁଣୀକୁ ପଡିଥିଲା କଷଣ କେଡେ ବଡ ବିପତ୍ତିରୁ କରିଅଛ ତାରଣ ଆହେ ନୀଳ ଶଇଳ	Ghora bane mruguni ku padithilaa kasana Kede bada bipatti ru kariachha taarana Ahe nila saila
କୁରୁସଭା ତଳେ ଶୁଣି ଦ୍ରୌପଦୀର ଜଣାଣ କୋଟି ବସ୍ତ୍ର ଦେଇ ହେଲେ ଲଜ୍ଜା କଲ ବାରଣ ଆହେ ନୀଳ ଶଇଳ	Kuru sabhaa tale suni draupadi ra janaana Koti bastra dei hele lajjaa kala baarana Ahe nila saila
ରାବଣର ଭାଇ ବିଭୀଷଣ ଗଲା ଶରଣ ଶରଣ ସମ୍ଭାଳି ଟାକୁ ଲଙ୍କେ କଲ ରାଜନ ଆହେ ନୀଳ ଶଇଳ	Ravana ra bhai bibhisana galaa sarana Sarana sambhaali taaku lanke kala raajana Ahe nila saila
ପ୍ରହଲ୍ଲାଦ ପିତା ସେ ଯେ ବଡ଼ ଦୁଷ୍ଟ ଦାରୁଣ ସ୍ତମ୍ଭରୁ ବାହାରି ଟାକୁ ବିଦାରିଲ ତତ୍‌କ୍ଷଣ ଆହେ ନୀଳ ଶଇଳ	Prahallada pitaa se je bada dusta daaruna Stambha ru baahari taku bidaarila tat khyana Ahe nila saila
କହେ ସାଲବେଗ ହୀନ ଜାତିରେ ମୁଁ ଯବନ ଶ୍ରୀରଙ୍ଗା ଚରଣ ତଳେ କରୁଅଛି ଜଣାଣ ଆହେ ନୀଳ ଶଇଳ	Kahe salabega hina jaati re mu jabana Srirangaa charana tale karuachhi janaana Ahe nila saila
---- ** ଚଳଚ୍ଚିତ୍ରରେ ଭକ୍ତିଗୀତଟିର ଆଂଶିକ ପରିବେଷଣ ହୋଇଥିବା ସତ୍ତ୍ୱେ ଏହା ଏକ ବହୁଜନବିଦିତ ପାରମ୍ପରିକ ଭକ୍ତିଗୀତ ହୋଇଥିବାରୁ ସମ୍ପୂର୍ଣ୍ଣ ରଚନାଟି ଏଠାରେ ପ୍ରକାଶିତ କରାଗଲା	---- ** Even though this song has been only partially picturized in the movie, the well-known traditional song is presented in its entirety here.

ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ | Akhila Bramhaanda Pati

ଚଳଚ୍ଚିତ୍ର: କନକଲତା (1974) *କଣ୍ଠଶିଳ୍ପୀ: ସମବେତ କଣ୍ଠଶିଳ୍ପୀ* *ସଙ୍ଗୀତ ନିର୍ଦ୍ଦେଶକ: ଶ୍ରୀ କୁମାର ଓ ବାଳକୃଷ୍ଣ ଦାସ* *ଗୀତିକାର: ଭକ୍ତକବି ମଧୁସୂଦନ ରାଓ* ~~~~~~~~~~~~~~~~~~~~	*Movie: Kanakalata (1974)* *Singer: Chorus* *Composer: Sri Kumar & Balakrishna Dash* *Lyricist: Bhaktakabi Madhusudan Rao* ~~~~~~~~~~~~~~~~~~~~
ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ ହେ ପରମ ପିତାମାତା, ପ୍ରଭୁ ଅନ୍ତର୍ଯ୍ୟାମୀ ଧନ୍ୟ କରୁଣା ତୋହର ଏ କରୁଣା ସିନ୍ଧୁ କାହିଁ ତାର ପଟାନ୍ତର ଧନ୍ୟ କରୁଣା ତୋହର	Akhila bramhaanda pati mo jibana swami He parama pitaa maataa prabhu antaryaami Dhanya karunaa tohara E karunaa sindhu kaahin taara pataantara Dhanya karunaa tohara
ବ୍ରହ୍ମାଣ୍ଡର ଆଦି ମୂଳ ନିଖିଳ ବିଧାତା ସକଳ କଲୁଷହାରୀ ହେ ମଙ୍ଗଳଦାତା ତୋର ମଙ୍ଗଳ ସଙ୍ଗୀତ ନିଖିଳ ଭୁବନ ଗାଏ ହୋଇ ବିମୋହିତ ତୋର ମଙ୍ଗଳ ସଙ୍ଗୀତ	Bramhaandara aadi mula nikhila bidhaataa Sakala kalusa haari he mangala daataa Tora mangala sangita Nikhila bhubana gaaye hoi bimohita Tora mangala sangita
ତ୍ରିଲୋକ ଭାସ୍କର ଚନ୍ଦ୍ର ନକ୍ଷତ୍ର ନିକର ଅନ୍ତରୀକ୍ଷେ ସମୀରଣ ସଙ୍ଗେ ଜଳଧର ପ୍ରଭୁ ଭୂଲୋକ ସାଗର ଅଚଳ ଗହନ ନଦୀ ପଶୁ ପକ୍ଷୀ ନର ପ୍ରଭୁ ଭୂଲୋକ ସାଗର	Triloka bhaaskara chandra nakshatra nikara Antarikhye samirana sangey jaladhara Prabhu bhuloka saagara Achala gahana nadi pashu pakhi nara Prabhu bhuloka saagara
ହେ ଆନନ୍ଦମୟ କୋଟି ଭୁବନ ପାଳକ ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ ଜ୍ଞାନଦାତା ଭଗବାନ ଦିଅ ମୋତେ ଶୁଭବୁଦ୍ଧି ଦିଅ ଦିବ୍ୟଜ୍ଞାନ ଜ୍ଞାନଦାତା ଭଗବାନ	Hey aanandamaya koti bhubana paalaka Adhama akhyama muhin abodha baalaka Gyaana daataa bhagabaana Diya mote subha budhi diya dibya gyaana Gyaana daataa bhagabaana
ବିରାଜିତ ତୁହି ନାଥ ସକଳ ଜୀବନେ ସମ୍ପଦେ ବିପଦେ ସଦା ଜୀବନେ ମରଣେ ପୂର୍ଣ୍ଣ ମଙ୍ଗଳ ଆଳୟ ଦେଉଅଛୁ ସର୍ବ ଜନେ ଅଭୟ ଆଶ୍ରୟ ପୂର୍ଣ୍ଣ ମଙ୍ଗଳ ଆଳୟ	Biraajita tuhi naatha sakala jibane Sampade bipade sadaa jibane marane Purna mangala aalaya Deu achhu sarba janey abhaya aasraya Purna mangala aalaya
ସତ୍ୟ ପଥେ ଧର୍ମ ପଥେ ଘେନିଯାଅ ମୋତେ ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ ପ୍ରଭୁ ପରମ ଶରଣ ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ ପ୍ରଭୁ ପରମ ଶରଣ	Satya pathey dharma pathey gheni jaao mote Bhasaao parana mora taba prema srote Prabhu parama sarana E jibana sri charaney kali samarpana Prabhu parama sarana
** ଚଳଚ୍ଚିତ୍ରରେ ଭକ୍ତିଗୀତଟିର ଆଂଶିକ ପରିବେଷଣ ହୋଇଥିବା ସତ୍ତ୍ୱେ ଏହା ଏକ ବହୁଜନବିଦିତ ପାରମ୍ପରିକ ଭକ୍ତିଗୀତ ହୋଇଥିବାରୁ ସମ୍ପୂର୍ଣ୍ଣ ରଚନାଟି ଏଠାରେ ପ୍ରକାଶିତ କରାଗଲା	** Even though this song has been only partially picturized in the movie, the well-known traditional song is presented in its entirety here.

ଆରତ ସୁରେ ବାରେ   Arata Sure Bare

ଚଳଚ୍ଚିତ୍ର: ଲକ୍ଷ୍ମୀ (1962) *କଣ୍ଠଶିଳ୍ପୀ: ସିକନ୍ଦର ଆଲାମ* *ସଙ୍ଗୀତ ନିର୍ଦ୍ଦେଶକ: ବାଳକୃଷ୍ଣ ଦାସ* *ଗୀତିକାର : ଶାରଦା ପ୍ରସନ୍ନ ନାୟକ* ~~~~~~~~~~~~~~~~~~~~	*Movie: Lakshmi (1962)* *Singer: Sikandar Alam* *Composer: Balakrishna Dash* *Lyricist : Sharada Prasanna Nayak* ~~~~~~~~~~~~~~~~~~~~
ଆରତ ସୁରେ ବାରେ କରେ ମିନତିରେ ଚକା ନୟନ ଚାହାଁ ମାଗେ ମାଗୁଣିରେ	Arata sure bare kare minati re Chakaa nayana chaahaan maage maagunire
କଳା କଳା ଦୁଇ ଆଖି ମନ କେତେ ଖୋଜିଲା ଉଷା କାଳ ରବି ଛବି ମନେ ମନେ ହଜିଲା ଆଖି ନାହିଁ ସାକ୍ଷୀ ନାହିଁ ସାଥି କାହିଁ ଝୁରେରେ ଚକା ନୟନ ଚାହାଁ ମାଗେ ମାଗୁଣିରେ	Kalaa kalaa dui aakhi mana kete khojilaa Usha kaala rabi chhabi mane mane hajilaa Aakhi nahin sakhi nahin sathi kahin jhurere Chakaa nayana chaahaan maage maagunire
ନ ଦେଲେ ନ ଦିଅ ପଛେ ଆଖିରେ ମୋ ପରଶ ସବୁରି ପରାଣୁ ପ୍ରଭୁ ନ ନିଭାଅ ହରଷ ବିଲ ବନ ଗିରି ଶିରି କେତେ ରଙ୍ଗେ ଭରାରେ ଚକା ନୟନ ଚାହାଁ ମାଗେ ମାଗୁଣିରେ	Na dele na dia pachhe aakhire mo parasa Saburi paraanu prabhu na nibhaao harasa Bila bana giri siri kete range bhara re Chakaa nayana chaahaan maage maagunire
ସବୁଜ ପତରେ ଧୀରେ ହାତ ତୁମେ ରଖିଲେ ସବୁଜ ପଥରେ ଥରେ ପାଦ ତୁମେ ଥାପିଲେ ନଈ ନାଳ ତୋଟା ମାଳ ଫୁଲେ ଫୁଲି ହସେରେ ଚକା ନୟନ ଚାହାଁ ମାଗେ ମାଗୁଣିରେ	Sabuja patare dhire haata tume rakhile Sabuja pathare thare paada tume thaapile Nai naala tota maala phule phuli hasere Chakaa nayana chaahaan maage maagunire
ଘର ଛାଡି ପରଦେଶେ ପରଦେଶୀ ପଥିକ ନ ଭାବ ଏ ଭବେ ଅଛି ଜଣେ ଏକା ନାବିକ ଭାଙ୍ଗେ ସେହି ଗଢେ ସେହି ନୀଳଗିରି କନ୍ଦରେ ଚକା ନୟନ ଚାହାଁ ମାଗେ ମାଗୁଣିରେ	Ghara chhaadi paradese paradesi pathika Na bhaba e bhabe achhi jane ekaa nabika Bhaange sehi gadhe sehi nilagiri kandare Chakaa nayana chaahaan maage maagunire

ଆରେ ବାବୁ ଶ୍ୟାମଘନ

ଚଳଚ୍ଚିତ୍ର: ମଥୁରା ବିଜୟ (1979)
କଣ୍ଠଶିଳ୍ପୀ: ଗୀତା ପଟ୍ଟନାୟକ
ସଙ୍ଗୀତ ନିର୍ଦ୍ଦେଶକ: ବାଳକୃଷ୍ଣ ଦାସ
ଗୀତିକାର: ଭକ୍ତ ଚରଣ ଦାସ
~~~~~~~~~~~~~~~~~~~~~
ଆରେ ବାବୁ ଶ୍ୟାମଘନ, ତୁ ଗଲେ ମଧୁଭୁବନ
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶଦିଗ ଶୂନ୍ୟ, ଅସ୍ଥିର ହେବ ଜୀବନ
ନିଶି ଦିବସରେ ଝୁରୁଥିବିରେ ଜୀବଧନ
ଜୀବନ ବିହୀନେ ଯେହ୍ନେ ଝସ
ରାଜା ବିନେ ଯେହ୍ନେ ଗ୍ରାମଦେଶରେ ଜୀବଧନ
ଜୀବନ ବିହୀନେ ଯେହ୍ନେ ଝସ

କାହା ଅଙ୍ଗେ ଚତୁଃସମ, ଲେପିବି କରି ସୁଷମ
ନିଦ୍ରାରେ କେ ହେଉଥିବ ଘାରି
କାହାକୁ ଅଞ୍ଜନ ଦେବି, ବସ୍ତ୍ର ପାତି ଶୁଆଇବି
ପିତାଙ୍କୁ ମାଗିବ କେହ୍ନୁ ହରି ରେ ଜୀବଧନ
ଏ କଥା ସୁମରି ଯିବି ମରି
ନିଶ୍ଚେ ଯେବେ ଯିବୁ ମଧୁପୁରୀରେ ଜୀବଧନ
ଏ କଥା ସୁମରି ଯିବି ମରି

ବାନ୍ଧିବି କାହାର କେଶ, କୁସୁମେ କରି ସୁବେଶ
କାହା ଲଲାଟରେ ଦେବି ଚିତା
କାହାର କର୍ଣ୍ଣେ କୁଣ୍ଡଳ, ଖଞ୍ଜିବିରେ ମୋର ବାଳ
କାହା ପାଇଁ କରୁଥିବି ଚିନ୍ତାରେ ଜୀବଧନ
କାହା ଅଙ୍ଗୁ ଧୂଳି ଦେବି ପୋଛି
ଝୀନବାସ ପିନ୍ଧାଇବି ବାଛିରେ ଜୀବଧନ
କାହା ଅଙ୍ଗୁ ଧୂଳି ଦେବି ପୋଛି

ଯେତେବେଳେ ବନେ ଯାଉ, ସଙ୍ଗେ ମୋର ପ୍ରାଣ ନେଉ
ନିମିଷେ ବିଚ୍ଛେଦ ନ ସହଇ
ଏବେ ଯିବୁ ମଥୁରାକୁ, ମୋତେ ସମର୍ପି କାହାକୁ
ଚନ୍ଦ୍ରମୁଖ ନ ଦେଖିଲେ ମୁହିଁରେ ଜୀବଧନ
ଜୀବନ ହାରିବି ଗଣ୍ଡ ଜଳେ
ତୁ ମୋତେ ଅନ୍ତର ହେଲେ ତିଳେରେ ଜୀବଧନ
ଜୀବନ ହାରିବି ଗଣ୍ଡ ଜଳେ

ସର ଲବଣୀ ଅଧାମ, ପକ୍ୱ ରନ୍ଧା ସୁଧାସମ
ମୁଖେ ଦେଲେ ଥୁ ଥୁ କରି ଫିଙ୍ଗୁ
ଯେତେ ରୂପେ ନାଳିଆଇ, ପରଷଇ ବଳିଆଇ
କୋପେ ଉଠି ପାକ ଭାଣ୍ଡ ଭାଙ୍ଗୁରେ ଜୀବଧନ
ଏବେ ଦୂର ହୋଇବ ସେ କଥା
କି ନ କରେ ଦାରୁଣ ବିଧାତାରେ ଜୀବଧନ
ଏବେ ଦୂର ହୋଇବ ସେ କଥା

ଛାଇକି ଅନାଇ ଡରୁ, ଧାଇଁ ମୋତେ କୋଳ କରୁ
ବସନେ ଘୋଡ଼ାଇ ମୁଖ ଗୋଟି
ହେଉଥାଉ ଥରଥର, ଦେଖିଲେ ଅନ୍ଧାର ଘର
ଉଚ୍ଚ ପାବଚ୍ଛ ନ ପାରୁ ଉଠି ରେ ଜୀବଧନ
ମଧୁପୁରେ ହସ୍ତୀ ଘୋଡ଼ାମାନ
ଗର୍ଜିଲେ ପୁଣି ଡ଼ରିବୁ ଶ୍ୟାମରେ ଜୀବଧନ
ମଧୁପୁରେ ହସ୍ତୀ ଘୋଡ଼ାମାନ

କାନ୍ଥେ ଦେଖି ଚିତ୍ରପନ୍ତି, ନାନା ଭୟଙ୍କର ମୂର୍ତ୍ତି
ଭୟେ ଯାଉ ସେ ଘରୁ ପଳାଇ
ଏବେ କଂସପୁର ଯିବୁ, ରାକ୍ଷସମାନ ଦେଖିବୁ
ଡରି କାହାକୁ ଧରିବୁ ଯାଇ ରେ ଜୀବଧନ
ମାଆ ବୋଲି ଡାକିବୁ କାହାକୁ,
ସାହା ବା କେ ଆହା ବୋଲିବାକୁ ରେ ଜୀବଧନ
ମାଆ ବୋଲି ଡାକିବୁ କାହାକୁ

ନିଶାକାଳେ ମୋର କୋଳେ, ଶୋଇଥାଉ ଶ୍ରମବଳେ
ସ୍ୱପନରେ ଦେଖି କିସ କିସ
ମା ବୋଲି ଚମକି ପଡୁ, କଣ୍ଠେ ଦୁଇ ଭୁଜ ଭିଡୁ
ପୁଣି ଶୋଉ ଘୋଡି ହୋଇ ବାସ ରେ ଜୀବଧନ
ସେ କଥା ସୁମରି ମରିଯିବି
ଉଠ ବୋଲି କାହାକୁ ଡାକିବି ରେ ଜୀବଧନ
ସେ କଥା ସୁମରି ମରିଯିବି
~~~
ଜୀବନ - ଜଳ (ଏହି ପରିପ୍ରେକ୍ଷୀରେ), ଝସ - ମାଛ, ଚତୁଃସମ - ଚାରି ପ୍ରକାର ଅଙ୍ଗଲେପନ ସାମଗ୍ରୀ: ଚନ୍ଦନ, ଅଗୁରୁ, କସ୍ତୁରୀ, କୁଙ୍କୁମ, ଝୀନବାସ - ସୂକ୍ଷ୍ମ ପାଟ ବସ୍ତ୍ର, ଗଣ୍ଡ ଜଳ - ଗଭୀର ଜଳ, ନାଳିଆଇ - ମିନତି କରି ଡାକିବା, ପାକ ଭାଣ୍ଡ - ରନ୍ଧା ହାଣ୍ଡି

Aare Babu Shyama Ghana

Movie: Mathura Bijaya (1979)
Singer: Gita Patnaik
Composer: Balakrishna Dash
Lyricist: Bhakta Charana Das
~~~~~~~~~~~~~~~~~~~~

Aare baabu shyaama ghana,
Tu galey madhu bhubana
Kaahaa mukha anaai banchibi
Heba dasa diga sunya, asthira heba jibana
Nisi dibasa re jhuru thibi re jiba dhana
Jibana bihiney jenhey jhasa
Raajaa bine jenhe graama desa re jiba dhana
Jibana bihiney jenhey jhasa

Kaahaa angey chatusama lepibi kari susama
Nidraa re ke heuthiba ghaari
Kaahaaku anjana debi, bastra paati suaaibi
Pitaanku maagiba kehu hari re jiba dhana
E kathaa sumari jibi mari
Nischey jebe jibu madhu puri re jiba dhana
E kathaa sumari jibi mari

Baandhibi kaahaara kesa, kusume kari subesa
Kaahaa lalaata re debi chitaa
Kaahara karne kundala, khanjibi re mora baala
Kaahaa paain karuthibi chintaa re jiba dhana
Kaahaa angu dhuli debi pochhi
Jhina baasa pindhaaibi baachhi re jiba dhana
Kaahaa angu dhuli debi pochhi

Jete bele bane jaau, sangey mora praana neu
Nimisey bichheda na sahai
Ebe jibu mathura ku, motey samarpi kaahaaku
Chandramukha na dekhile muhin re jibadhana
Jibana haaribi ganda jaley
Tu motey antara hele tiley re jiba dhana
Jibana haaribi ganda jaley

Sara labani adhaama pakwa randhaa sudhaa sama
Mukhe dele thu thu kari phingu
Jete rupey naaliaai parasai baliaai
Kopey uthi paaka bhaanda bhaangu re jiba dhana
Ebe dura hoiba se kathaa
Ki na karey daaruna bidhaata re jiba dhana
Ebe dura hoiba se kathaa

Chhaai ki anaai daru, dhaain motey kola karu
Basane ghodaai mukha goti
Heu thaau thara thara dekhile andhaara ghara
Ucha paabachha na paaru uthi re jiba dhana
Madhu purey hasti ghodaa maana
Garjiley puni daribu Shyaama re jiba dhana
Madhu purey hasti ghodaa maana

Kaanthey dekhi chitra panti, naanaa bhayankara murti
Bhaye jaau se gharu palaai
Ebe kansa pura jibu, raakhyasa maana dekhibu
Dari kaahaaku dharibu jaai re jiba dhana
Maa boli daakibu kaahaaku
Saahaa baa ke aahaa bolibaaku re jiba dhana
Maa boli daakibu kaahaaku

Nisaa kaaley mora koley, soi thaau srama baley
Swapana re dekhi kisa kisa
Maa boli chamaki padu, kanthey dui bhuja bhidu
Puni sou ghodi hoi baasa re jiba dhana
Se kathaa sumari mari jibi
Utha boli kaahaaku daakibi re jiba dhana
Se kathaa sumari mari jibi
~~~~~~~~~~~~~~~~~~~~

ବାଧିଲା ଜାଣି କ୍ଷମା

ଚଳଚ୍ଚିତ୍ର: ମୁକ୍ତି (1977)
କଣ୍ଠଶିଳ୍ପୀ: ପ୍ରଫୁଲ୍ଲ କର
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର
ଗୀତିକାର: କବିସୂର୍ଯ୍ୟ ବଳଦେବ ରଥ
~~~~~~~~~~~~~~~~~~~~~

ବାଧିଲା ଜାଣି କ୍ଷମା, କର ନୋହିଲେ ରମା
ରମଣ ଦଣ୍ଡେ ଦିଅ ଟାଳି
ତୁମ୍ଭଙ୍କୁ ଜଗନ୍ନାଥ, ଆଜ ମୋ ମନୋରଥ
ଭରତି କରିଦେବି ଗାଳି, ହେ କୃପାନିଧି ...
କରୁଣାସିନ୍ଧୁ ବୋଲି କରି, କହନ୍ତି ବୁଦ୍ଧେ ଡରି ମରି
କାଳ ସର୍ପ ଆପଣ, କବଳ କର ପ୍ରାଣ
ପବନ ମାନଙ୍କୁ ସବୁରି, ହେ କୃପାନିଧି ...

ଜଳଧି ଅନ୍ତେ ନିଜ ଘର ଦେବାଧିରାଜ
ବୁଡାଇ ଦେଇଛ ଆପଣ
ତୁମ୍ଭରି ସିନା ଘେନ, ଆଶ୍ଚର୍ଯ୍ୟ ନୋହେ ଆନ
ଜନର ଘରବୁଡ଼ା ପଣ, ହେ କୃପାନିଧି ...
ଭୁଜଙ୍ଗ ସାମ୍ୟ ଆମ୍ଭ ତୁଲେ, ବତାଅ ବୋଲି ଆଜ୍ଞା ହେଲେ
ମୁଁ ନୁହେଁ ଘରବୁଡା, ବତାଇବାକୁ ଛିଡ଼ା
ହୋଇଛି ବତାଇବି ଭଲେ, ହେ କୃପାନିଧି ...

ତାହାକୁ ବୋଲି ଚକ୍ରୀ, ଚକ୍ର ଥିବାରୁ ଚକ୍ରୀ
ତୁମ୍ଭେ ତ ବୋଲାଅ ମଣ୍ଡଳେ
ବେଭାରେ କୁଣ୍ଡଳୀ ସେ ଆପଣ ତ ବିଶେଷେ
ଭୂଷିତ ମକର କୁଣ୍ଡଳେ, ହେ କୃପାନିଧି ...
ଅଦୃଶ୍ୟ ହେବାରୁ ତା ପାଦ, ତାହାକୁ ବୋଲି ଗୁଢ଼ ପାଦ
ଆପଣା ଚରଣ ତ ବିରଞ୍ଚିକୁ ଗୁପତ
ତାଠାରୁ କାହିଁ ତୁମ୍ଭ ଭେଦ, ହେ କୃପାନିଧି ...

ଯେବେ ଭୁଜଙ୍ଗ ନୁହଁ, କାଳୀୟ ଠାରେ ଦ୍ରୋହ
କଲ କାହିଁକି ଏଡ଼େ କରି
କେତେ ନଥିଲେ ଗୋପେ ତୁମ୍ଭେ କାହିଁକି କୋପେ
ତାହାକୁ ଦେଲ ପ୍ରାଣେ ମାରି, ହେ କୃପାନିଧି ...
ତାହାରି ନାମେ ତୁମ୍ଭ ନାମ, ଅଦ୍ୟାପି ହୋଇଛି ଜନମ
ଯେବେ ସ୍ୱଗୋତ୍ର ଦ୍ରୋହ ନ ଥାନ୍ତା ନାଥ କହ
କିମ୍ପାଇଁ ହୁଅନ୍ତା ଏ ଭ୍ରମ, ହେ କୃପାନିଧି ...

ଅହି ତ ବୋଲାଏ ସେ ଏକ ଅକ୍ଷର କୋଷେ
ଅ-ହିତ ବୋଲାଅ ନିପୁଣ
କଂସ ପ୍ରମୁଖାସୁର ବିପକ୍ଷ ମାନଙ୍କର
ଅହିତ ହୋଇଛ ଆପଣ, ହେ କୃପାନିଧି ...
ଜଗତେ ଧରି ଯେବେ ଅହି, ଘଟ ଗୋଟିକେ ନେଇ ଥୋଇ
ଅଛ ଯାବତ ଘଟେ ବଞ୍ଚାଅ ଯେ କପଟେ
ହାବୁଡୁ ମୋର ଯିବ କାହିଁ, ହେ କୃପାନିଧି ...

କେଉଁ ଶିଶୁ କାମିନୀ ସ୍ତନ୍ୟ ପାନରୁ ଘେନି
ଯାଇଛି ଜୀବନ ଜଗତେ
ଶୋଷି ପୁତନା ପ୍ରାଣ ଘେନିବାର ଜୀବନ
ନାହିଁକି ତୁମ୍ଭ ଦିବ୍ୟ ଚିତ୍ତେ, ହେ କୃପାନିଧି ...
ସକଳ କଥା ମୋର ଦେଖି, ଅଛନ୍ତି ଲକ୍ଷ ଲକ୍ଷ ସାକ୍ଷୀ
ବ୍ରଜେ ଭୁଜଙ୍ଗ ଚାଲି କରି ମୁଁ ନାହିଁ ବୋଲି
ଛୁଅଁ ତ ଥରେ ଚକାଆଖି, ହେ କୃପାନିଧି ...

ନୁହେଁ ଆବାସ ଘର ମାନସ ସରୋବର
ଶୁଭିଲା ନାଗେଶ୍ୱର ରବ
କ୍ଷଣେ ନ ରହି ଧାଇଁ ଗଲ ଟି କାହିଁ ପାଇଁ
ଆଉ ନ ଥିଲେ କେତେ ଦେବ, ହେ କୃପାନିଧି ...
ମନ୍ତ୍ର ଜାଣିବା ଲୋକେ ବଶ, ହୁଅନ୍ତି ସବୁ ଆଶୀ-ବିଷ
ମନ୍ତ୍ରାଧୀନ ତ ତୁମେ ବଞ୍ଚାଉଅଛ ଦମ୍ଭେ
ଭୁଜଙ୍ଗ ନୁହଁ ଆଉ କିସ, ହେ କୃପାନିଧି ...

କହଇ କବିସୂର୍ଯ୍ୟ ନାଥ ନୁହଁ ଅଧୈର୍ଯ୍ୟ
ଏଣିକି ମହତ ନ ଯାଉ
ମୁଁ ତୁମ୍ଭ ପରିଚାର ଜାଣିଲେ କି ବିଚାର
ଇତରେ ନ ଜାଣନ୍ତୁ ଆଉ, ହେ କୃପାନିଧି ...
ଯେତେବେଳେ ମୋ ଅନ୍ତ ହେବ, ଏତିକି ମାତ୍ର ମୋତେ ଦେବ
ପରେତରାଟ ଦ୍ୱାର ସୀମାରୁ ପରିହାର
କରାଇ ଯହିଁ ତହିଁ ନେବ, ହେ କୃପାନିଧି ...
~~

ରମା ରମଣ - ଲକ୍ଷ୍ମୀପତି ଶ୍ରୀଜଗନ୍ନାଥ, ବୁଦ୍ଧେ - ଜ୍ଞାନୀଜନ ମାନେ, ଭୁଜଙ୍ଗ - ସର୍ପ, ବିବର – ଗାତ, ନାଗେଶ୍ୱର – ହାତୀ, ଆଶୀ-ବିଷ – ସର୍ପ, ପରେତରାଟ – ଯମ, ପରିହାର - ଫେରେଇ ନେବା
~~~~~~~~~~~~~~~~~~~~~

Baadhilaa Jaani Khyamaa

Movie: Mukti (1977)
Singer: Prafulla Kar
Composer: Prafulla Kar
Lyricist: Kavisurya Baladev Ratha
~~~~~~~~~~~~~~~~~~~~
Baadhilaa jaani khyamaa, kara nohile ramaa
Ramana dandey dia taali
Tumbhanku jagannatha, aaja mo manoratha
Bharati karidebi gaali, hey krupaanidhi ...
Karunaa sindhu boli kari, kahanti budhhe dari mari
Kaala sarpa aapana, kabala kara praana
Pabana maananku saburi, hey krupaanidhi ...

Jaladhi antey nija, ghara debaadhi raaja
Budaai deichha aapana
Tumbhari sinaa ghena, aascharya nohe aana
Janara ghara budaa pana, hey krupaanidhi ...
Bhujanga samya aambha tuley,
bataao boli agyaan heley
Mu nuhen gharabudaa, bataaibaaku chhidaa
Hoichi bataaibi bhaley, hey krupaanidhi ...

Taahaaku boli chakri, chakra thibaaru chakri
Tumbhe ta bolaao mandaley
Bebhaare kundali se, aapana ta bishese
Bhusita makara kundale, hey krupaanidhi ...
Adrusya hebaaru taa paada,
taahaaku boli gudha paada
Aapanaa charana ta biranchi ku gupata
Kaahin taa tharu tumbha bheda, hey krupaanidhi

Jebe bhujanga nuhan, kaaliya thaare droha
Kala kaahinki ede kari
Kete na thiley gope tumbhe kaahinki kope
Taahaaku dela praane maari, hey krupaanidhi ...
Taahaari naame tumbha naama,
adyaapi hoichi janama
Jebe swagotra droha na thaantaa naatha kaha
Kimpaain huantaa e bhrama, hey krupaanidhi ...

Ahi ta bolaaye se eka akhyara kose
A-hita bolaao nipuna
Kansa pramukhaasura bipakhya maanankara
Ahita hoicha aapana, hey krupaanidhi ...
Jagate dhari jebe ahi, ghata gotike nei thoi
Achha jaabata ghate, banchaao je kapate
Haabudu mora jiba kaahin, hey krupaanidhi ...

Keun sisu kaamini stanya paana ru gheni
Jaaichi jibana jagate
Sosi putanaa praana gheni baara jibana
Naahin ki tumbha dibya chitte, hey krupaanidhi
Sakala kathaa mora dekhi,
Achhanti lakhya lakhya saakhi
Braje bhujanga chaali kari mun naahin boli
Chhuan ta thare chakaa aakhi, hey krupaanidhi

Nuhen aabaasa ghara maanasa sarobara
Subhilaa naageswara raba
Khyane na rahi dhaain gala ti kaahin paain
Aau na thile kete deba, hey krupaanidhi ...
Mantra jaanibaa loke basa, huanti sabu aasi bisa
Mantradhina ta tume banchaau achha dambhe
Bhujanga nuhen aau kisa, hey krupaanidhi ...

Kahai kabi surjya naatha nuhan adhairjya
Eniki mahata na jaau
Mun tumbha parichaara jaanile ki bichaara
Itare na jaanantu aau, hey krupaanidhi ...
Jetebele mo anta heba, etiki maatra mote deba
Pare taraata dwaara seemaa ru parihaara
Karaai jahin tahin neba, hey krupaanidhi ...
~~~~~~~~~~~~~~~~~~~~

ବଡ଼ ଦେଉଳେ ବଡ଼ ଦିଅଁ କାହିଁକି — Bada Deule Bada Dian Kahinki

ବଡ଼ ଦେଉଳେ ବଡ଼ ଦିଅଁ କାହିଁକି	Bada Deule Bada Dian Kahinki
ଚଳଚ୍ଚିତ୍ର: କନକଲତା (1974) *କଣ୍ଠଶିଳ୍ପୀ: ସିକନ୍ଦର ଆଲାମ* *ସଙ୍ଗୀତ ନିର୍ଦ୍ଦେଶକ: ଶ୍ରୀ କୁମାର ଓ ବାଳକୃଷ୍ଣ ଦାସ* *ଗୀତିକାର: ଯଶବନ୍ତ ଦାସ* *~~~~~~~~~~~~~~~~~~~* ବଡ଼ ଦେଉଳେ ବଡ଼ ଦିଅଁ କାହିଁକି ବଡ଼ ଦେଉଳେ ବଡ଼ ଦିଅଁ କାହିଁକି ବଡ଼ ବୋଲାଇ ଲାଜ ନାହିଁକି ବଡ଼ ଦେଉଳେ ବଡ଼ ଦିଅଁ କାହିଁକି ବଡ଼ ଦିଅଁ ବଡ଼ ଦିଅଁ ପଡିଛି ହୁରି ହରି ହେ ପଡିଛି ହୁରି ବଡ଼ କି କରିଛ କହ କାହିଁ କାହାରି ସୁଖ ବା ଦୁଃଖ ଯାହା, ଭୋଗିଲି ସବୁ ତାହା ଆହା ପଦକୁ ସାହା ନାହିଁ କେ ଚଉବାହା ମୋ କରମ ବଦଳ ନାହିଁ ତ ତୁମ ବଳ ମୋ କରମ ବଦଳ ନାହିଁ ତ ତୁମ ବଳ ଜଗନ୍ନାଥ ... କି ହେବ ପ୍ରଭୁ ପଣେ ଥାଇକି ହେ ଥାଇକି ବଡ଼ ଦେଉଳେ ବଡ଼ ଦିଅଁ କାହିଁକି ଆପଣା କରମ ଯେବେ ଭୁଞ୍ଜିବା ଲେଖା ହରି ହେ ଭୁଞ୍ଜିବା ଲେଖା କାହିଁକି ବୋଲାଅ ଦୀନ ଜନର ସଖା କରମଫଳ ଥିଲେ ସୁଫଳ ଫଳେ ବଳେ ଅଦଳ ବଦଳକୁ ନାହିଁ କେ ଶୁଣିବାକୁ ଦୁଃଖର ସାଥି ପରା ତୁମେ ମୁରଲୀ ଧରା ଦୁଃଖର ସାଥି ପରା ତୁମେ ମୁରଲୀ ଧରା ଜଗନ୍ନାଥ ... ରାଧା ମରିଛି ଝୁରି ଝୁରିକି ହେ ଝୁରିକି ବଡ଼ ଦେଉଳେ ବଡ଼ ଦିଅଁ କାହିଁକି	*Movie: Kanakalata (1974)* *Singer: Sikandar Alam* *Composer: Sri Kumar & Balakrishna Dash* *Lyricist: Jasobanta Das* *~~~~~~~~~~~~~~~~~~~* Bada deule bada dian kaahinki Bada deule bada dian kaahinki Bada bolaai laaja naahinki Bada deule bada dian kaahinki Bada dian bada dian padichi huri Hari hey padichi huri Bada ki karicha kaha kaahin kaahaari Sukha baa dukha jaahaa bhogili sabu taahaa Aahaa padaku saahaa naahin ke chaubaahaa Mo karama badala naahin ta tuma bala Mo karama badala naahin ta tuma bala Jagannatha ... Ki heba prabhu paney thaai ki hey thaai ki Bada deule bada dian kaahinki Aapanaa karama jebe bhunjibaa lekhaa Hari hey bhunjibaa lekhaa Kaahinki bolaao dina janara sakhaa Karama phala thiley suphala phale bale Adala badala ku naahin ke sunibaaku Dukhara saathi paraa tume murali dharaa Dukhara saathi paraa tume murali dharaa Jagannatha ... Radha marichi jhuri jhuriki hey jhuriki Bada deule bada dian kaahinki

ବେଦନା ଭରା ଜୀବନ ମୋର

ଚଳଚ୍ଚିତ୍ର: ବତାସୀ ଝଡ (1981)
କଣ୍ଠଶିଳ୍ପୀ: ହେମଲତା
ସଙ୍ଗୀତ ନିର୍ଦ୍ଦେଶକ: ସଲିଲ ଚୌଧୁରୀ
ଗୀତିକାର : ଅତୁଳ ମହାକୁଡ଼
~~~~~~~~~~~~~~~~~~~

ବେଦନା ଭରା ଜୀବନ ମୋର

କରୁଣାରେ ଦିଅ ଭରି ... ହୋ ... କରୁଣାରେ ଦିଅ ଭରି

ତୁମ ପୂଜାର ପ୍ରଦୀପ ଜାଳୁଛି ପ୍ରଭୁ ହେ

ଆଲୋକ ଯାଇଛି ସରି

ବେଦନା ଭରା ଜୀବନ ମୋର ...

ମାଟିର ସଂସାର ତୁମ ଖେଳନା

ତୁମରି ଗଢ଼ା ସୁଖ ଯାତନା

ଜୀବନ ଜହର ମୁଁ ପିଇନେଲି ସିନା ଝୁରି ଝୁରି ...

ଲୁହ ଭରି ...

ବେଦନା ଭରା ଜୀବନ ମୋର

କରୁଣାରେ ଦିଅ ଭରି ... ହୋ ... କରୁଣାରେ ଦିଅ ଭରି

ହତାଶ ବତାସ ଭରା ଜୀବନ

ମୋ ପଥେ ଖାଲି ମରୁ ଶ୍ମଶାନ

ଜୀବନ ସାହାରାରେ ଚାଲେ ଖାଲି ମୁଁ ଯେ ଝୁରି ଝୁରି ...

ଲୁହ ଭରି ...

ବେଦନା ଭରା ଜୀବନ ମୋର

କରୁଣାରେ ଦିଅ ଭରି ... ହୋ ... କରୁଣାରେ ଦିଅ ଭରି

Bedanaa Bharaa Jibana Mora

Movie: Batasi Jhada (1981)
Singer: Hemlata
Composer: Salil Chaudhury
Lyricist: Atul Mahakud
~~~~~~~~~~~~~~~~~~~

Bedanaa bharaa jibana mora

Karunaare diya bhari ... ho ...

Karunaare diya bhari

Tuma puja ra pradeepa jaaluchhi prabhu hey

Aloka jaaichhi sari

Bedanaa bharaa jibana mora

Maatira samsaara tuma khelanaa

Tumari gadhaa sukha jaatanaa

Jibana jahara mu pi neli sinaa

Jhuri jhuri ... luha bhari ...

Bedanaa bharaa jibana mora

Karunaare diya bhari ... ho ...

Karunaare diya bhari

Hataasa bataasa bharaa jibana

Mo pathey khaali maru smasaana

Jeebana saahaaraa re chaale khaali mu je

Jhuri jhuri ... luha bhari ...

Bedanaa bharaa jibana mora

Karunaare diya bhari ... ho ...

Karunaare diya bhari

ଭବ ସାଗର ତାରଣ କାରଣ ହେ   Bhaba Sagara Tarana Karana He

ଚଳଚ୍ଚିତ୍ର: ଅଭିଳାଷ (1983) *କଣ୍ଠଶିଳ୍ପୀ: ଭିକାରି ବଳ* *ସଙ୍ଗୀତ ନିର୍ଦ୍ଦେଶକ: ସରୋଜ ପଟ୍ଟନାୟକ* *ଗୀତିକାର : ଦେବେନ୍ଦ୍ର ନାଥ ମଜୁମଦାର* ~~~~~~~~~~~~~~~~~~~~	*Movie: Abhilasa (1983)* *Singer: Bhikari Bal* *Composer: Saroj Pattnaik* *Lyricist: Devendra Nath Majumdar* ~~~~~~~~~~~~~~~~~~~~
ଭବ ସାଗର ତାରଣ କାରଣ ହେ ରବି ନନ୍ଦନ ବନ୍ଧନ ଖଣ୍ଡନ ହେ ଶରଣାଗତ କିଙ୍କର ଭୀତ ମନେ ଗୁରୁଦେବ ଦୟାକର ଦୀନଜନେ	Bhaba saagara taarana kaarana hey Rabi nandana bandhana khandana hey Saranaagata kinkara bhita mane Gurudeba dayaa kara dina jane
ହୃଦ କନ୍ଦର ତାମସ ଭାସ୍କର ହେ ତୁମେ ବିଷ୍ଣୁ ପ୍ରଜାପତି ଶଙ୍କର ହେ ପରଂବ୍ରହ୍ମ ପରାପର ବେଦ ଭଣେ ଗୁରୁଦେବ ଦୟାକର ଦୀନଜନେ	Hruda kandara taamasa bhaaskara hey Tume bishnu prajaapati sankara hey Param bramha paraapara beda bhane Gurudeba dayaa kara dina jane
ମନ ବାରଣ ଶାସନ ଅଙ୍କୁଶ ହେ ନର ତ୍ରାଣ ତରେ ହରି ଚାକ୍ଷୁଷ ହେ ଗୁଣଗାନ ପରାୟଣ ଦେବ ଗଣେ ଗୁରୁଦେବ ଦୟାକର ଦୀନଜନେ	Mana baarana shaasana ankusha hey Nara traanna tare Hari chaakhyusa hey Guna gaana paraayana deva ganey Gurudeba dayaa kara dina jane
କୁଳ କୁଣ୍ଡଳିନୀ ଘୁମ ଭଞ୍ଜକ ହେ ହୃଦଗ୍ରନ୍ଥି ବିଦାରଣ କାରକ ହେ ମମ ମାନସ ଚଞ୍ଚଳ ରାତ୍ର ଦିନେ ଗୁରୁଦେବ ଦୟାକର ଦୀନଜନେ	Kula kundalini ghuma bhanjaka hey Hrida granthi bidaarana kaaraka hey Mama maanasa chanchala raatra dine Gurudeba dayaa kara dina jane
ରିପୁସୂଦନ ମଙ୍ଗଳ ନାୟକ ହେ ସୁଖ ଶାନ୍ତି ବରାଭୟ ଦାୟକ ହେ ତ୍ରୟ ତାପ ହରେ ତବ ନାମ ଗୁଣେ ଗୁରୁଦେବ ଦୟାକର ଦୀନଜନେ	Ripu sudana mangala naayaka hey Sukha saanti baraabhaya daayaka hey Traya taapa hare taba naama gune Gurudeba dayaa kara dina jane
ଅଭିମାନ ପ୍ରଭାବ ବିମର୍ଦ୍ଦକ ହେ ଗତିହୀନ ଜନେ ତୁମେ ରକ୍ଷକ ହେ ଚିତ୍ତ ଶଙ୍କିତ ବଞ୍ଚିତ ଭକ୍ତି ଧନେ ଗୁରୁଦେବ ଦୟାକର ଦୀନଜନେ	Abhimaana prabhaaba bimardaka hey Gatiheena jane tume rakhyaka hey Chitta shankita banchita bhakti-dhane Gurudeba dayaa kara dina jane
ତବ ନାମ ସଦା ଶୁଭ ସାଧକ ହେ ପତିତାଧମ ମାନବ ପାବକ ହେ ମହିମା ତବ ଗୋଚର ଶୁଦ୍ଧ ମନେ ଗୁରୁଦେବ ଦୟାକର ଦୀନଜନେ	Taba naama sadaa shubha saadhaka hey Patitaadhama maanaba paabaka hey Mahimaa taba gochara shuddha mane Gurudeba dayaa kara dina jane
ଜୟ ସଦ୍‌ଗୁରୁ ଈଶ୍ୱର ପ୍ରାପକ ହେ ଭବ ରୋଗ ବିକାର ବିନାଶକ ହେ ମନ ଧ୍ୟାନ ରହୁ ତବ ଶ୍ରୀଚରଣେ ଗୁରୁଦେବ ଦୟାକର ଦୀନଜନେ	Jaya sadguru Eswara praapaka hey Bhaba roga bikaara binaasaka hey Mana dhyaana rahu taba sri charane Gurudeba dayaa kara dina jane

ଭାଗ୍ୟ ମୋର

ଚଳଚ୍ଚିତ୍ର: ସତୀ ଅନସୂୟା (1978)
କଣ୍ଠଶିଳ୍ପୀ: ବାଣୀ ଜୟରାମ
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର
ଗୀତିକାର : ପ୍ରଫୁଲ୍ଲ କର
~~~~~~~~~~~~~~~~~~~~

ଭାଗ୍ୟ ମୋର, ସତେ କି ନୟନ ଲଭିବ ଦର୍ଶନ

ଶ୍ରୀରାମ ରଘୁବୀର ... ଶ୍ରୀରାମ ରଘୁବୀର

କହରେ ନଦୀ ଗିରି ବନ ... ସେ ରୂପ ଲାବଣ୍ୟ

ସତେ କେଡେ ମନୋହର

ଶ୍ରୀରାମ ରଘୁବୀର ... ଶ୍ରୀରାମ ରଘୁବୀର

ଜ୍ୟୋତି ଶକ୍ତିହୀନ ... ଏ ମୋର ନୟନ

ଲୋତକରେ ଯାଏ ଭରି

କେମିତି ଦେଖିବି ... କମନୀୟ ଛବି

ସୀତାପତି ଧନୁର୍ଦ୍ଧାରୀ

ହେଲା ଆଜି ଧନ୍ୟ, ଏ ମୋର ଜୀବନ

ଶ୍ରୀଅଙ୍ଗ ପରଶେ ଯାର

ଶ୍ରୀରାମ ରଘୁବୀର ... ଶ୍ରୀରାମ ରଘୁବୀର

ସୁନ୍ଦର ଚିର ସୁନ୍ଦର ... ପୁରୁଷୋତ୍ତମ ହେ ସୁନ୍ଦର

ଶ୍ୟାମଳ କାନ୍ତି ଶ୍ୟାମଳ ରାଜୀବ ନେତ୍ର ସୁନ୍ଦର

ଭାଗ୍ୟ ମୋର ଜଗତର ପତି ... ଆଜି ମୋ ଅତିଥି

ଶ୍ରୀରାମ ରଘୁବୀର ... ଶ୍ରୀରାମ ରଘୁବୀର

Bhaagya Mora

Movie: Sati Anasuya (1978)
Singer: Vani Jayaram
Composer: Prafulla Kar
Lyricist: Prafulla Kar
~~~~~~~~~~~~~~~

Bhagya mora, sate ki nayana labhiba darshan

Sri Rama Raghu beera... Sri Ram Raghu beera

Kahare nadi giri bana ... se rupa Lavanya

Sate kede manohar

Sri Rama Raghu beera... Sri Ram Raghu beera

Jyoti shakti heena .... E mora nayana

Lotakare jaaye bhari

Kemiti dekhibi ... kamaniya chhabi

Sitapati dhanurdhaari

Helaa aaji dhanya ... E mora jeevana

Sri anga parase jaara

Sri Rama Raghu beera... Sri Ram Raghu beera

Sundara chira sundara

Purusottama he sundara

Shyamala kaanti shyamala

rajiv netra sundara

Bhagya mora jagatara pati ... aaji mo atithi

Sri Rama Raghu beera... Sri Ram Raghu beera

ଭଜୁ କିନା ରାମ ନାମ　　　　Bhaju Kina Rama Nama

ଚଳଚ୍ଚିତ୍ର: କନକଲତା (1974) *କଣ୍ଠଶିଳ୍ପୀ: ଭିକାରି ବଳ* *ସଙ୍ଗୀତ ନିର୍ଦ୍ଦେଶକ: ଶ୍ରୀ କୁମାର ଓ ବାଳକୃଷ୍ଣ ଦାଶ* *ଗୀତିକାର : ଟୀକା ଗୋବିନ୍ଦ ଚନ୍ଦ୍ର* ~~~~~~~~~~~~~~~~~~~~	*Movie: Kanakalata (1974)* *Singer: Bhikari Bal* *Composer: Sri Kumar & Balakrishna Dash* *Lyricist: Tika Gobinda Chandra* ~~~~~~~~~~~~~~~
ଭଜୁ କିନା ରାମ ନାମରେ କୁମର ଜପୁ କିନା ରାମ ନାମ ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧିନେବ କାଳ ଯମରେ କୁମର ବାନ୍ଧିନେବ କାଳ ଯମ	Bhaju kinaa raama naama re kumara Japu kinaa raama naama Bhaji na paarile kula chandramaa re Baandhi neba kaala jama re kumara Baandhi neba kaala jama
ସେହି କାଳ ଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ ବାଛିନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖରେ କୁମର ଦେବଟି ଦାରୁଣ ଦୁଃଖ	Sehi kaala jama bada daaruna re Na jaanai dukha sukha Baachhi neba kanchaa rakhiba paachilaa Debati daaruna dukha re kumara Debati daaruna dukha
କି କରିବେ ତୋର ମାୟା ଶିରୀ ମାନେ ମାୟାରେ ହୋଇଛୁ ଭୋଳ ଆଜି ମଲେ କାଲି ହେବ ଦୁଇ ଦିନ ଏ ସବୁ ମାୟା ସଂସାରରେ କୁମର ଏ ସବୁ ମାୟା ସଂସାର	Ki karibe tora maayaa siri mane Maayaare hoichu bhola Aaji male kaali heba dui dina E sabu maayaa sansaara re kumara E sabu maayaa sansaara
ଯାହାଦେବୁ ହସ୍ତ ଟେକିରେ କୁମର ଯାହାଦେବୁ ହସ୍ତ ତୋଳି ଦକ୍ଷିଣ ହସ୍ତରେ ଯେ ଧର୍ମ କରିବୁ ସେ ହେବ ପଥ ସଙ୍ଖାଳିରେ କୁମର ସେ ହେବ ପଥ ସଙ୍ଖାଳି	Jaaha debu hasta teki re kumara Jaaha debu hasta toli Dakhina hastare je dharma karibu Se heba patha sankhaali re kumara Se heba patha sankhaali
ଆସିବା ବେଳରେ ଏକାରେ କୁମର ଗଲାବେଳେ ଯିବୁ ଏକା ମଲେ ତୋ ସଙ୍ଗତେ କେହି ସେ ନ ଯିବେ ଧର୍ମ ହେଲେ ହେବ ସଖାରେ କୁମର ଧର୍ମ ହେଲେ ହେବ ସଖା	Aasibaa belare ekaare kumara Galaa bele jibu ekaa Male to sangate kehi se na jibe Dharma hele heba sakhaa re kumara Dharma hele heba sakhaa
ପକାଇ ଆସିରେ ମଶାଣି ଭୂଇଁରେ ଦୁଆରେ ଦେବେ ଗୋବର ମଲା ମଲା ବୋଲି ଦି ଘଡି କାନ୍ଦିବେ କେହି ନ ଯିବେ ସଙ୍ଗରରେ କୁମର କେହି ନ ଯିବେ ସଙ୍ଗର	Pakaai aasire masaani bhuin re Duaare debe gobara Malaa malaa boli di ghadi kaandibe Kehi na jibe sangara re kumara Kehi na jibe sangara re
ଭଜୁ କିନା ରାମ ନାମରେ କୁମର ...	Bhaju kinaa raama naama re kumara ...

ବିଶ୍ୱଜୀବନ ହେ

Biswa Jibana He

ଚଳଚ୍ଚିତ୍ର: ଅସ୍ତରାଗ (1982)
କଣ୍ଠଶିଳ୍ପୀ: ବାଣୀ ଜୟରାମ
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର
ଗୀତିକାର: ସ୍ୱଭାବକବି ଗଙ୍ଗାଧର ମେହେର
~~~~~~~~~~~~~~~~~~~~

ବିଶ୍ୱଜୀବନ ହେ ତୁମ୍ଭଙ୍କୁ କରୁଣା ସିନ୍ଧୁ
ବୋଲିବାକୁ ମନ ବଳୁନାହିଁ ଯେଣୁ ସିନ୍ଧୁ ତୁମ କୃପାବିନ୍ଦୁ
ବିଶ୍ୱଜୀବନ ହେ ...

ତୁମ୍ଭ ଭଜନରେ ହେବି ନାହିଁ ନାଥ, ମାଳା ଜପିବାକୁ ବାଧ
କୋଟି କୋଟି ଗ୍ରହ କଣ୍ଠି ସେ ମାଳାର, କେ ଜପି କରିବ ସାଧ
ବିଶ୍ୱଜୀବନ ହେ ...

ଦେଇନାହଁ ବଳ ପାଦଧୂଳି ଘେନି ପାରିବ ନାହିଁ ମୋ ମୁଣ୍ଡ
କୋଟି କୋଟି ରବି ଧୂଳି ରୁପେ ତୁମ୍ଭ ପାଦେ ହୋଇଛନ୍ତି ରୁଣ୍ଡ
ବିଶ୍ୱଜୀବନ ହେ ...

ହୃଦୟର କଥା ଜାଣିବାକୁ ଅଛି ତୁମ୍ଭର ଅସୀମ ଶକ୍ତି
ସେତିକି ଘେନିବ ଯେତିକି ଅଛି ମୋ ହୃଦେ ତୁମ୍ଭ ପ୍ରତି ଭକ୍ତି
ବିଶ୍ୱଜୀବନ ହେ ...

ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର ହୃଦୟରେ ନାହିଁ ସ୍ଥାନ
ସର୍ଷପ ଗରଭେ ରହି କି ପାରଇ ହିମାଳୟ ସାନୁ ମାନ
ବିଶ୍ୱଜୀବନ ହେ ...

କି ଦେଇ ପୂଜିବି ଯାହା ମୁଁ ଦେଖୁଚି, ସବୁ ତୁମରି ପ୍ରସାଦ
ଯାହା ପରସାଦ ତାଙ୍କୁ ଅରପିଲେ ହେବ ସିନା ଅପରାଧ
ବିଶ୍ୱଜୀବନ ହେ ...

ମୁଁ କାର ମାତର ମୋର ନୁହେଁ ବୋଲି କହିବାକୁ ନାହିଁ ବାଟ
ଦୂରୁ ଶ୍ରୀଚରଣେ ଅର୍ପଣ କରୁଛି ଘେନ ହେ ବିଶ୍ୱ ସମ୍ରାଟ
ବିଶ୍ୱଜୀବନ ହେ ...

** ଚଳଚିତ୍ରରେ ଭକ୍ତିଗୀତଟିର ଆଂଶିକ ପରିବେଷଣ ହୋଇଥିବା ସତ୍ତ୍ୱେ ଏହା ଏକ ବହୁଜନବିଦିତ ପାରମ୍ପରିକ ଭକ୍ତିଗୀତ ହୋଇଥିବାରୁ ସମ୍ପୂର୍ଣ୍ଣ ରଚନାଟି ଏଠାରେ ପ୍ରକାଶିତ କରାଗଲା

Movie: Astaraag (1982)
Singer: Vani Jayaram
Composer: Prafulla Kar
Lyricist: Swabhaba Kabi Gangadhar Meher
~~~~~~~~~~~~~~~~~~~~

Biswa jibana hey tumbhanku karunaa sindhu
Bolibaaku mana balu naahin jenu
Sindhu tuma krupaabindu
Biswa jibana hey ...

Tumbha bhajana re hebi naahin naatha
Maalaa japibaaku baadhya
Koti koti graha kanthi se maalaara
Ke japi kariba saadhya ... Biswa jibana hey ...

Dei naahan bala paada dhuli gheni
Paariba naahin mo munda
Koti koti rabi dhuli rupe tumbha
Paade hoichhanti runda ... Biswa jibana hey ...

Hrudaya ra kathaa jaanibaaku achhi
Tumbhara asima sakti
Setiki gheniba jetiki achhi mo
Hrude tumbha prati bhakti ... Biswa jibana hey ...

Thaapibaaku tumbha murati mo khyudra
Hrudayare naahin sthaana
Sarsapa garabhe rahi ki paarai
Himalaya saanu maana ... Biswa jibana hey ...

Ki dei pujibi jaahaa mu dekhuchi
Sabu tumari prasaada
Jaahaa parasaada taanku arapile
Heba sina aparaadha ... Biswa jibana hey ...

Mu kaara maatara mora nuhen boli
Kahibaaku naahin baata
Duru sri charane arpana karuchi
Ghena hey biswa samraata ... Biswa jibana hey ...

** Even though this song has been only partially picturized in the movie, the well-known traditional song is presented in its entirety here.

ଚାଲ ସଖି ଆମ୍ଭେ ଦର୍ଶନ କରିବା

Chaala Sakhi Aame Darsana Karibaa

ଚଳଚ୍ଚିତ୍ର: ଭକ୍ତ ସାଲବେଗ (1983) କଣ୍ଠଶିଳ୍ପୀ: ଭିକାରି ବଳ ସଙ୍ଗୀତ ନିର୍ଦ୍ଦେଶକ: ଭୁବନେଶ୍ୱର ମିଶ୍ର ଗୀତିକାର: ସାଲବେଗ ~~~~~~~~~~~~~~~~~~~ ଚାଲ ସଖି ଆମ୍ଭେ ଦର୍ଶନ କରିବା ନୀଳଗିରି କାଳିଆକୁ କେଉଁ ସୁରପତି ବେଶ କରିଅଛି ଗିରିବର ତୋଳିଆକୁ ସେ ଯେ ଶ୍ରୀମୁଖ ତୋରା ଶିରେ ସୁନା ସୁତା କେରା କେରା ଶ୍ୱେତପଦ୍ମ ଆଖି ଦେଖିଲେ ଗୋ ସଖି ଚିତ୍ତ କି ବାହୁଡେ ଆଉ କର୍ଣ୍ଣରେ କୁଣ୍ଡଳ ଦିଶେ ଝଲମଲ କଉସ୍ତୁଭ ଦାଉ ଦାଉ ସେ ଯେ ହିଆ ବୃଷାଳ ମିଶାମିଶି ବାରାନିଧି ଫଳ ଶଙ୍ଖ ଚକ୍ର ଗଦା ପଦ୍ମ ମହାପ୍ରଭୁ ଧରିଛନ୍ତି ଆଣ୍ଟ କରି ଦୁଃସହ ଦୁର୍ଗତି ଗ୍ରହ ପୀଡା ମାନେ ଆଉ କି ପଶିବେ ଡରି ସେ ଯେ ଦୟାସାଗର ତାଙ୍କ ପଦ୍ମପାଦେ ଲୟ କର ଶ୍ରୀ ପୁରୁଷୋତ୍ତମେ ରହଣି କରିବା ପାଇବା ଛଡା ତୁଳସୀ କହେ ସାଲବେଗ ସିଂହଦ୍ୱାର ଠାରେ ହୋଇଥିବା କ୍ଷେତ୍ରବାସୀ ସେ ଯେ ଆରତ ତ୍ରାଣ ଚାଲ ଚାଲ ପଶିବା ଶରଣ ---- ** ଚଳଚ୍ଚିତ୍ରରେ ଭକ୍ତିଗୀତଟିର ଆଂଶିକ ପରିବେଷଣ ହୋଇଥିବା ସତ୍ତ୍ୱେ ଏହା ଏକ ବହୁଜନବିଦିତ ପାରମ୍ପରିକ ଭକ୍ତିଗୀତ ହୋଇଥିବାରୁ ସମ୍ପୂର୍ଣ୍ଣ ରଚନାଟି ଏଠାରେ ପ୍ରକାଶିତ କରାଗଲା	*Movie: Bhakta Salabega (1983)* *Singer: Bhikari Bal* *Composer: Bhubaneswar Mishra* *Lyricist: Salagega* ~~~~~~~~~~~~~~~~~~~ Chaala sakhi aambhe darsana karibaa Nilagiri kaaliaaku Keun surapati besha kariachhi Giribara toliaaku Se je srimukha toraa Sire sunaa sutaa keraa keraa Swetapadma aakhi dekhile go sakhi Chitta ki baahude aau Karnare kundala disey jhalamala Kaustubha daau daau Se je hia brusaala Misaa misi baaraanidhi phala Sankha chakra gadaa padma mahaprabhu Dharichhanti aanta kari Dusaha durgati graha pidaa maaney Aau ki pasibe dari Se je dayaa saagara Taanka padma paade laya kara Sri purusottame rahani karibaa Paaibaa chhadaa tulasi Kahe salabega sinha dwaara thaare Hoithibaa khetrabaasi Se je aarata traana Chaala chaala pasibaa sarana ---- ** Even though this song has been only partially picturized in the movie, the well-known traditional song is presented in its entirety here.

ଚକାଆଖି ସବୁ ଦେଖୁଛି

ଚଳଚ୍ଚିତ୍ର: ଚକାଆଖି ସବୁ ଦେଖୁଛି (1989)
କଣ୍ଠଶିଳ୍ପୀ: ଅନୁରାଧା ପୋଡ଼ୱାଲ
ସଙ୍ଗୀତ ନିର୍ଦ୍ଦେଶକ: ଅକ୍ଷୟ ମହାନ୍ତି
ଖଣ୍ଡା ଧାରେ ମତେ ଚଲାଇଲୁ

ନାଲି କାଇଁଚକୁ ପୋହଳା ମଣାଇ

ତୁଚ୍ଛାଟାରେ ସିନା ଫାନ୍ଦି ଦେଲୁ

ସକାଳ କାକର ଝିଲିମିଲି ଦେଖି

ମୁକୁତା ବୋଲି ମୁଁ ଭଲିଗଲି

ପଳାଶ ବୋଲି ଯା ଜୁଡ଼ାରେ ଖୋଷିଲି

ଜଳନ୍ତା ଜୁଇରେ ଜଳିଗଲି

ମହୁବନେ ମତେ ମହୁଆ ଯା ଦେଲୁ

ବିଷେ ବିଷେ ମନେ ଘାରି ହେଲି

ଜୟ ମା ମଙ୍ଗଳା ...

Jaya Maa Mangalaa

Movie: Taopoi (1978)
Singer: Trupti Das, Gita Pattnaik
Composer: Akshaya Mohanty
Lyricist: Binodini Devi
~~~~~~~~~~~~~~~~~~~~

Jaya maa mangalaa bipada bhanjani

Aarata naasini dayaa mayi

Sakti pradaayini sankata taarini

Dukha nibaarini mahaamaayi

Aapade bipade dina jana laagi

Dasa praharare rahu jaagi

Kete dukhi mana dalita jibana

Jitichi jibane ashaa maagi

Budibaara bhelaa kule kari khelaa

Chakra aadhuaale karu chhaai

Chaali na thili mun pindaa dhaare boli

Khandaa dhaare mote chalaailu

Naali kaaincha ku pohalaa manaai

Tuchhaataare sinaa phaandi delu

Sakaala kaakara jhilimili dekhi

Mukutaa boli mun bhaligali

Palaasa boli jaa judaa re khosili

Jalantaa jui re jaligali

Mahu bane mote mahuaa jaa delu

Bise bise mane ghaari heli

Jaya maa mangalaa ...

ଜୟ ରଘୁନନ୍ଦନ | Jaya Raghu Nandana

ଚଳଚ୍ଚିତ୍ର: କାଚଘର (1981) *କଣ୍ଠଶିଳ୍ପୀ: ନିର୍ମଳା ମିଶ୍ର* *ସଙ୍ଗୀତ ନିର୍ଦ୍ଦେଶକ: କାହ୍ନୁ ଦାସ* *ଗୀତିକାର: ସୁରେନ୍ଦ୍ର ବିଦ୍ୟାଧର*	*Movie: Kaacha Ghara (1981)* *Singer: Nirmala Mishra* *Composer: Kanhu Das* *Lyricist: Surendra Bidyadhara*
~~	~~~~~~~~~~~~~~~~~~~
ଜୟ ରଘୁନନ୍ଦନ ଜୟ ଘନଶ୍ୟାମ ଜୟ ଦାରୁବ୍ରହ୍ମ ହେ ଜଗତ କାରଣ ଜୟ ରଘୁନନ୍ଦନ	Jaya raghu nandana jaya ghana shyaama Jaya daaru bramha hey jagata kaarana Jaya raghu nandana
ଡାକି ଡାକି ଥକିଗଲି ଦେଖା ଦିଅନାହିଁ ଭାବୁଛ କି କିଛି ହେଲେ ମାଗିବିକି ମୁହିଁ ସବୁ ଦେଇଅଛ ମୋତେ କିଛି ଲୋଡ଼ା ନାହିଁ କିଛି ଲୋଡ଼ା ନାହିଁ ଜୟ ରଘୁନନ୍ଦନ	Daaki daaki thaki gali dekhaa diya naahin Bhaabucha ki kichhi hele maagibiki muhin Sabu dei achha mote kichhi lodaa naahin kichhi lodaa naahin Jaya raghu nandana
ମାଗି ମାଗି ମାଗିବି ମୁଁ ତୁମ ପଦ ଧୂଳି ଭୁଲିଯିବି ଦୁଃଖ ଯେତେ ଶିରେ ମୋର ବୋଳି ତୁମ ପଦ ସେବିବି ମୁଁ ଏଇ ମୋର ଅଳି ଏଇ ମୋର ଅଳି ଜୟ ରଘୁନନ୍ଦନ	Maagi maagi maagibi mun tuma pada dhuli Bhuli jibi dukha jete sire mora boli Tuma pada sebibi mun ei mora ali Ei mora ali Jaya raghu nandana

ଜୟ ତୁ ମହାଲକ୍ଷ୍ମୀ

Jaya Tu Mahalakhmi

ଚଳଚ୍ଚିତ୍ର: ମହାଲକ୍ଷ୍ମୀ ପୂଜା (1959) *କଣ୍ଠଶିଳ୍ପୀ:* ହେମନ୍ତ କୁମାର *ସଙ୍ଗୀତ ନିର୍ଦ୍ଦେଶକ:* ନଚିକେତା ଘୋଷ *ଗୀତିକାର:* ସତ୍ୟ ନାରାୟଣ ପଣ୍ଡା ~~~~~~~~~~~~~~~~~~~~ ଅନନ୍ତ ଆକାଶେ ଅଗଣିତ ତାରକା ନୁହେଁ କି ମା ତବ ମହିମା ସାଗର ଗରଭେ ମଣି ମୋତି ମାଣିକା ସବୁ ତ ତୁମରି ମହିମା ଅନନ୍ତ ଆକାଶେ ... ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା ସୂର୍ଯ୍ୟରେ ଆଲୋକ ଚାନ୍ଦରେ ଜୋଛନା କୋମଳ କୁସୁମେ ସୌରଭ ସୁଷମା ଜଳଧି ତରଙ୍ଗେ ତାନ ମାଧୁରିମା ସବୁ ତ ତୁମରି କଳପନା ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା ଫୁଲେ ଫୁଲେ ତବ ଶୋଭା ବିରାଜେ ଗିରିବନ ଗଗନେ ପ୍ରତିଭା ସାଜେ ଜୀବନେ ମଧୁର ମୃଦଙ୍ଗ ବାଜେ ସବୁ ତ ତୁମରି ଗରିମା ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା ତୁମେ ତ କାନ୍ତି ତୁମେ ବିଭୂତି ଭୋଗ ଭାଗ୍ୟ ସୁଖ ବିଶ୍ୱଶାନ୍ତି ସବୁଜ ସୁନ୍ଦର ଶୋଭେ ବସୁମତୀ ସବୁ ତ ତୁମରି କରୁଣା ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା ଜୟ ତୁ ମହାଲକ୍ଷ୍ମୀ ଜୟ ତୁ ମା	*Movie: Mahalakhmi Puja (1959)* *Singer: Hemant Kumar* *Composer: Nachiketa Ghosh* *Lyricist: Satya Narayan Panda* ~~~~~~~~~~~~~~~~~~~~ Ananta aakaase aganita taarakaa Nuhen ki maa taba mahimaa Saagara garabhe mani moti maanikaa Sabu ta tumari mahimaa Ananta aakaase ... Jaya tu mahaalakhmi jaya tu maa Jaya tu mahaalakhmi jaya tu maa Surjyare aaloka chaanda re jochhanaa Komala kusume saurabha susamaa Jaladhi tarange taana maadhurimaa Sabu ta tumari kalapanaa Jaya tu mahaalakhmi jaya tu maa Jaya tu mahaalakhmi jaya tu maa Phule phule taba sobhaa biraaje Giri bana gagane pratibhaa saaje Jibane madhura mrudanga baaje Sabu ta tumari garimaa Jaya tu mahaalakhmi jaya tu maa Jaya tu mahaalakhmi jaya tu maa Tume ta kaanti tume bibhuti Bhoga bhaagya sukha biswa saanti Sabuja sundara shobhe basumati Sabu ta tumari karuna Jaya tu mahaalakhmi jaya tu maa Jaya tu mahaalakhmi jaya tu maa

ଯୁଗେ ଯୁଗେ ଭଗବାନ

ଚଳଚ୍ଚିତ୍ର: ସାକ୍ଷୀ ଗୋପୀନାଥ (1978)
କଣ୍ଠଶିଳ୍ପୀ: ବାଳକୃଷ୍ଣ ଦାସ
ସଙ୍ଗୀତ ନିର୍ଦ୍ଦେଶକ: ବାସୁଦେବ ରଥ
ଗୀତିକାର: ସୁରେନ୍ଦ୍ର ବିଦ୍ୟାଧର

~~~~~~~~~~~~~~~~~~~~

ଯୁଗେ ଯୁଗେ ଭଗବାନ ଭକତର ଦାସ
ଭକତ ମୁକତି ପାଇଁ ଲୀଳା ପରକାଶ

ଛାଡି ବୃନ୍ଦାବନ ଶ୍ରୀଛନ୍ଦା ଚରଣ
ଚଳିଲେ ଭକତ ସାଥେ
ନୁପୁରର ତାନ କିଣିନିଏ ମନ
ମୋହନ ମୁରଲୀ ହାତେ

ମରୁବାଲି ଏ ତ ଖରାରେ ତାତିଛି
ତାତିବ ଭକତ ପାଦ
ନିମିଷେ ସୃଜିଲେ ସବୁଜ ବନାନୀ
ଦୂର କରି ପରମାଦ
ଆହା ଦୂର କରି ପରମାଦ

ଆଗରେ ପାହାଡ଼ ଦୁରୁଗମ ଶିଳା
ଭକତ ପାଏନି ରାହା
ଇଛାମୟଙ୍କର ଇଛାରେ ପଲକେ
ଦୁଇ ଭାଗ ହେଲା ତାହା
ଆହା ଦୁଇ ଭାଗ ହେଲା ତାହା

କଣ୍ଟକ ପଥେ ଫୁଟିଗଲା କଣ୍ଟା
ଆହା କହି କାଢ଼ିଦେଲେ
କଣ୍ଟାବନ ହେଲା ସୁକୋମଳ ଶେଯ
ଫଗୁଣର ଫୁଲେ ଫୁଲେ
ଆହା ଫଗୁଣର ଫୁଲେ ଫୁଲେ

ଏ କି ଭରା ନଈ ଦୁଇ କୂଳ ଖାଇ
କୂଳେ ଦେଖା ନାହିଁ ତରୀ
ନଉକା ସୃଜିଲେ ନାଉରୀ ସାଜିଲେ
ଦୀନବନ୍ଧୁ ଦଇତାରୀ
ପ୍ରଭୁ ଦୀନବନ୍ଧୁ ଦଇତାରୀ
ଦୀନବନ୍ଧୁ ଦଇତାରୀ ...

Juge Juge Bhagabana

Movie: Sakhi Gopinath (1978)
Singer: Balakrushna Dash
Composer: Basudeb Rath
Lyricist: Surendra Bidyadhar
~~~~~~~~~~~~~~~~~~~

Juge juge bhagabaana bhakatara daasa
Bhakata mukati paain lilaa parakaasa

Chhaadi brundaabana sri chhandaa charana
Chalile bhakata saathe
Nupurara taana kini niye mana
Mohana murali haate

Maru baali e ta kharaa re taatichi
Taatiba bhakata paada
Nimise srujile sabuja banaani
Dura kari paramaada
Aahaa dura kari paramaada

Aagare paahaada durugama silaa
Bhakata paayeni raahaa
Ichhaamayankara ichhaa re palace
Dui bhaaga helaa taahaa
Aahaa dui bhaaga helaa taahaa

Kantaka pathe phutigalaa kantaa
Aahaa kahi kaadhi dele
Kantaa bana helaa sukomala seja
Phagunara phule phule
Aahaa phagunara phule phule

E ki bharaa nai dui kula khaai
Kule dekhaa naahin tari
Naukaa srujile naauri saajile
Dinabandhu daitaari
Prabhu dinabandhu daitaari
Dinabandhu daitaari

ଯୁଗେ ଯୁଗେ ହରି

ଚଳଚ୍ଚିତ୍ର: ମାଣିକ (1982)
କଣ୍ଠଶିଳ୍ପୀ: ସିକନ୍ଦର ଆଲାମ
ସଙ୍ଗୀତ ନିର୍ଦ୍ଦେଶକ: ଉପେନ୍ଦ୍ର କୁମାର
ଗୀତିକାର: ନାରାୟଣ ପ୍ରସାଦ ସିଂହ
~~~~~~~~~~~~~~~~~~~~

ଯୁଗେ ଯୁଗେ ହରି ଧର୍ମ ରକ୍ଷା କରି
ଧରା ଧାମେ ଆସିଲେ
କେତେ ଯେ ଅବତାର ରଚିଲେ
ଦୁଷ୍ଟରେ ସଂହାରି ସନ୍ଥ ସାଧୁ ପାଳି
ସୁଖ ଶାନ୍ତି ସ୍ଥାପିଲେ
ସେ ପ୍ରଭୁ ଠାକୁର ବୋଲାଇଲେ
କେତେ ଯେ ଅବତାର ରଚିଲେ

ସତ୍ୟରେ ଶ୍ରୀପତି ନରସିଂହ ରୂପେ
ହିରଣ୍ୟକୁ ବଧିଲେ
ସେ ପ୍ରଭୁ ସାଗରକୁ ମନ୍ଥିଲେ
ଦେଲେ ଦେବଗଣେ ଅମୃତ ଭୋଜନ
କମଳାଙ୍କୁ ଆଣିଲେ
ସେ ପ୍ରଭୁ ରାହୁ ଗଳା ଛେଦିଲେ
ଯୁଗେ ଯୁଗେ ହରି ଧର୍ମ ରକ୍ଷା କରି ...

ତ୍ରେତୟା ଯୁଗରେ ରାମ ଅବତାରେ
ପିତୃ ସତ୍ୟ ପାଳିଲେ
ସେ ପ୍ରଭୁ ବନବାସେ ଚଳିଲେ
ଅନୁଜ ଲକ୍ଷ୍ମଣ ସତୀ ସୀତା ଘେନି
କେତେ ଦୁଃଖ ସହିଲେ
ସେ ପ୍ରଭୁ ଦଶାନନେ ବଧିଲେ
ଯୁଗେ ଯୁଗେ ହରି ଧର୍ମ ରକ୍ଷା କରି ...

ଦ୍ୱାପର ଯୁଗରେ ଜନ୍ମି ମଥୁରାରେ
ନନ୍ଦ ଘରେ ବଢ଼ିଲେ
ସେ ପ୍ରଭୁ ଧେନୁ ବତ୍ସା ଜଗିଲେ
ଅଘା ବକା ନାଶି କାଳି ସର୍ପ ଧ୍ୱଂସି
କନ୍ଦରକୁ ତୋଳିଲେ
ସେ ପ୍ରଭୁ କଂସାସୁରେ ନାଶିଲେ
ଯୁଗେ ଯୁଗେ ହରି ଧର୍ମ ରକ୍ଷା କରି ...

କଳିଯୁଗେ ପ୍ରଭୁ ନୀଳାଦ୍ରି କନ୍ଦରେ
ଶ୍ରୀ ମନ୍ଦିରେ ରହିଲେ
ଜଗତନାଥ ନାମ ବହିଲେ
ଉଡାଇ କେତନ ପତିତ ପାବନ
ପତିତରେ ତାରିଲେ
ସେ ପ୍ରଭୁ କେତେ ଲୀଳା ରଚିଲେ
ଯୁଗେ ଯୁଗେ ହରି ଧର୍ମ ରକ୍ଷା କରି ...

Juge Juge Hari

Movie: Maanika (1982)
Singer: Sikandar Alam
Composer: Upendra Kumar
Lyricist: Narayan Prasad Singh
~~~~~~~~~~~~~~~~~~~~

Juge juge hari dharma rakhyaa kari
Dharaa dhaame aasile
Kete je abataara rachile
Dustare sanhaari santha saadhu paali
Sukha saanti sthaapile
Se prabhu thaakura bolaaile
Kete je abataara rachile

Satyare sripati narasingha rupe
Hiranya ku badhile
Se prabhu saagara ku manthile
Dele deba gane amruta bhojana
Kamalaanku aanile
Se prabhu raahu galaa chhedile
Juge juge hari dharma rakhyaa kari ...

Tretayaa juga re raama abataare
Pitru satya paalile
Se prabhu bana baase chalile
Anuja lakhmana sati sitaa gheni
Kete dukha sahile
Se prabhu dasaanane badhile
Juge juge hari dharma rakhyaa kari ...

Dwaapara jugare janmi mathuraa re
Nanda ghare badhile
Se prabhu dhenu batsaa jagile
Aghaa bakaa naasi kaali sarpa dhwansi
Kandara ku tolile
Se prabhu kansaasure naasile
Juge juge hari dharma rakhyaa kari ...

Kali juge prabhu nilaadri kandare
Sri mandire rahile
Jagata naatha naama bahile
Udaai ketana patita paabana
Patita re taarile
Se prabhu kete lilaa rachile
Juge juge hari dharma rakhyaa kari ...

କାହିଁ ଗଲେ ବନ୍ଧୁରେ　　Kahin Gale Bandhu Re

ଚଳଚ୍ଚିତ୍ର: ଅଭିମାନ (1977) *କଣ୍ଠଶିଳ୍ପୀ:* ଘନଶ୍ୟାମ ପଣ୍ଡା *ସଙ୍ଗୀତ ନିର୍ଦ୍ଦେଶକ:* ରାଧାକୃଷ୍ଣ ଭଞ୍ଜ/ ସରୋଜ ପଟ୍ଟନାୟକ *ଗୀତିକାର: ଶିବବ୍ରତ ଦାସ* ~~~~~~~~~~~~~~~~~~~~	*Movie: Abhiman (1977)* *Singer: Ghanashyama Panda* *Composer: Radhakrishna Bhanja / Saroj Pattnaik* *Lyricist: Shibabrata Das* ~~~~~~~~~~~~~~~~~~~~
କାହିଁ ଗଲେ ବନ୍ଧୁରେ ରାଧା ରାଣୀ ଝୁରି ମରେ କାନ୍ଦେ ରାଇ ତନୁ ମନ ଖାଲି ଆଜି ବୃନ୍ଦାବନ .. ଖାଲି ଆଜି ବୃନ୍ଦାବନ ଆଖିରୁ ଝରେ ଲୁହ ଦାରୁଣ ଏ ବିରହ ଖାଲି ଆଜି ବୃନ୍ଦାବନ .. ଖାଲି ଆଜି ବୃନ୍ଦାବନ କାହିଁ ଗଲେ ବନ୍ଧୁରେ ... ଏ ବନ୍ଧୁରେ	Kaahin gale bandhu re Raadhaa raani jhuri mare Kaande raai tanu mana Khaali aaji brundaabana ... Khaali aaji brundaabana Aakhiru jhare luha, daaruna e biraha Khaali aaji brundaabana ... Khaali aaji brundaabana Kaahin gale bandhu re ... E bandhu re
ଏ କି ପରମାଦ ହେଲା ନୂଆ ବୟସୀ ବାଳା ହଟିଆ କାହ୍ନୁ ଲାଗି ନେଲା କଳଙ୍କର ବୋଲା ମିଛ ନାଗରା ବାଜିଲା ବାଜିଲା ଗୋପ ପୁରେ, ବାଜିଲା ଗୋପ ପୁରେ କାହିଁ ଗଲେ ବନ୍ଧୁରେ ... ଏ ବନ୍ଧୁରେ	E ki paramaada helaa nuaa bayasi baalaa Hatiyaa kaanhu laagi nelaa kalanka ra bola Michha naagaraa baajila Baajilaa gopa pure, baajilaa gopa pure Kaahin gale bandhu re ... E bandhu re
ରାଇ ଯଦି କରେ ମାନ, ଆରେ କାଳିଆ ଧନ ଛାଡି ଏ ନଟ କୁଟ କହି ତୁ ଚାଟୁ ବଚନ ମାନ ଭଞ୍ଜନ ପାଇଁକି ପୁଣି ତୁ ଧାଇଁବୁରେ, ପୁଣି ତୁ ଧାଇଁବୁ କାହିଁ ଗଲେ ବନ୍ଧୁରେ ରାଧା ରାଣୀ ଝୁରି ମରେ ...	Raai jadi kare maana, aare kaaliaa dhana Chhaadi e nata kuta kahi tu chaatu bachana Maana bhanjana paainki Puni tu dhaainbu re, puni tu dhaainbu Kaahin gale bandhu re Raadhaa raani jhuri mare

କାହିଁ ଗଲେ ଶ୍ୟାମଘନ	**Kahin Gale Shyamaghana**
ଚଳଚ୍ଚିତ୍ର: ବନ୍ଧୁ ମହାନ୍ତି (1977) *କଣ୍ଠଶିଳ୍ପୀ:* ଚିତ୍ତ ଜେନା *ସଙ୍ଗୀତ ନିର୍ଦ୍ଦେଶକ:* *ପ୍ରଫୁଲ୍ଲ କର* *ଗୀତିକାର: ପ୍ରଫୁଲ୍ଲ କର* ~~~~~~~~~~~~~~~~~~~	*Movie: Bandhu Mohanty (1977)* *Singer: Chitta Jena* *Composer: Prafulla Kar* *Lyricist: Prafulla Kar* ~~~~~~~~~~~~~~~~~~~
କାହିଁ ଗଲେ ଶ୍ୟାମଘନ ଏ ଘନ କାଳରେ ଝୁରେ ରାଧା ବିରହିଣୀ ଏକାକୀ ଆକୁଳେ ବନ୍ଧୁରେ ... କାହିଁ ଗଲେ ଶ୍ୟାମଘନ ଏ ଘନ କାଳରେ	Kaahin gale shyaama ghana e ghana kaala re Jhure raadhaa birahini ekaaki aakule Bandhu re ... Kaahin gale shyaama ghana e ghana kaala re
ହେ କୃଷ୍ଣ ହେ କହ୍ନାଇ ଡାକି ଡାକି ରାଇ ନିରାଶେ ନିକୁଞ୍ଜେ ଆହା ପଡିଛି ଘୁମାଇ ବାର ବାର ହୃଦ ଥରେ ଯେବେ କୃଷ୍ଣ ନାମ ଭାଳେ ଝର ଝର ଲୁହ ଧାର ନୟନୁ ଝରେ ବନ୍ଧୁରେ ... କାହିଁ ଗଲେ ଶ୍ୟାମଘନ ଏ ଘନ କାଳରେ	Hey krishna hey kanhaai daaki daaki raai Niraase nikunje aahaa padichi ghumaai Baara baara hruda thare Jebe krishna naama bhaale Jhara jhara luha dhaara nayanu jhare Bandhu re ... Kaahin gale shyaama ghana e ghana kaala re
କିଏ ବା କହିବ ଯାଇ ରାଇକୁ ବୁଝାଇ ରାଧା ନାମ ଗାଇ ଗାଇ ମୁରଲି ଝୁରଇ ଥିଲେ ଯେତେ ଦୂରେ ଦୂରେ ମନ ଖୋଜେ ମନକୁ ରେ ଏକକୁ ଆରେକ ବନ୍ଧା ପୀରତି ଡୋରେ ବନ୍ଧୁରେ ... କାହିଁ ଗଲେ ଶ୍ୟାମଘନ ଏ ଘନ କାଳରେ	Kiye baa kahiba jaai raai ku bujhaai Raadhaa naama gaai gaai murali jhurai Thile jete dure dure Mana khoje manaku re Ekaku aareka bandhaa pirati dore Bandhu re ... Kaahin gale shyaama ghana e ghana kaala re

କାଳିଆ ଆସିଲା ଭାଇ

Kalia Aasila Bhai

ଚଳଚ୍ଚିତ୍ର: ଶ୍ରୀ ଜଗନ୍ନାଥ (1979) *କଣ୍ଠଶିଳ୍ପୀ:* ଏସ. ଜାନକୀ *ସଙ୍ଗୀତ ନିର୍ଦ୍ଦେଶକ: ଅକ୍ଷୟ ମହାନ୍ତି* *ଗୀତିକାର: ବିନୋଦିନୀ ଦେବୀ* ~~~~~~~~~~~~~~~~~~~	*Movie: Sri Jagannath (1979)* *Singer: S. Janaki* *Composer: Akshaya Mohanty* *Lyricist: Binodini Devi* ~~~~~~~~~~~~~~~~~~~
କାଳିଆ ଆସିଲା, ଆରେ କାଳିଆ ଆସିଲା କାଳିଆ ଆସିଲା ଭାଇ ନିଶିକଳା ନୁହେଁ ଶଶିକଳା ନୁହେଁ କାଳିଆ ତୋହର ଛାଇ କାଳିଆ ଆସିଲା, ଆରେ କାଳିଆ ଆସିଲା କାଳିଆ ଆସିଲା ଭାଇ	Kaaliaa aasilaa, aare kaaliaa aasilaa Kaaliaa aasilaa bhaai Nisi kalaa nuhen sasi kalaa nuhen Kaaliaa tohara chhaai Kaaliaa aasilaa, aare kaaliaa aasilaa Kaaliaa aasilaa bhaai
ତୁ ଚାତକ ସେ ଆକାଶ ଧାର ତୁ ମରୁଭୂମି ସେ କରୁଣା ଝର ତୋ ମନର ତାପ ଶୀତଳାଇ ଦେବ ତୁ ଖୋଜୁଛୁ ନୀର ସେ ଦେବ ଦହି ଦହି ନେବ ଦହି କାଳିଆ ଆସିଲା, ଆରେ କାଳିଆ ଆସିଲା କାଳିଆ ଆସିଲା ଭାଇ	Tu chaataka se aakaasa dhaara Tu marubhumi se karunaa jhara To manara taapa sitalaai deba Tu khojuchu nira se deba dahi Dahi neba dahi Kaaliaa aasilaa, aare kaaliaa aasilaa Kaaliaa aasilaa bhaai
ତୁ କଳସ ସେ ନବାତ ପଣା କାଳିଆ ଜନମେ ଜନମେ ତୋ କିଣା କଷଟି ପଥରରେ ଗାର କାଟିଦେଲେ ଚିହ୍ନରା ଚିହ୍ନଇ ସୁନା ସହି ଦହି ନେବ ଦହି କାଳିଆ ଆସିଲା, ଆରେ କାଳିଆ ଆସିଲା କାଳିଆ ଆସିଲା ଭାଇ ...	Tu kalasa se nabaata panaa Kaaliaa janame janame to kinaa Kasati pathara re gaara kaati dele Chinharaa chinhai sunaa sahi Dahi neba dahi Kaaliaa aasilaa, aare kaaliaa aasilaa Kaaliaa aasilaa bhaai ...

କହରେ କିଏ ସେ   Kahare Kiye Se

ଚଳଚ୍ଚିତ୍ର: କୃଷ୍ଣ ସୁଦାମା (1976) *କଣ୍ଠଶିଳ୍ପୀ:* ଚିତ୍ତ ଜେନା *ସଙ୍ଗୀତ ନିର୍ଦ୍ଦେଶକ:* ଶ୍ରୀ କୁମାର *ଗୀତିକାର:* ଶିବବ୍ରତ ଦାସ	*Movie: Krishna Sudama (1976)* *Singer: Chitta Jena* *Composer: Sri Kumar* *Lyricist: Sibabrata Das*
~~	~~~~~~~~~~~~~~~~~~~
କହରେ କିଏ ସେ ସବୁଜ ଏ ବନ ନୀଳ ଆକାଶେ ଝଟକାଏ ତା ଜ୍ୟୋତିର ପ୍ରକାଶେ କଥାରେ ତାହାର ବହେରେ ପବନ କହ କାହା ଆଦେଶରେ ବରଷା ଯେ ବରଷେ କହରେ ... କିଏ ସେ ...	Kaha re kiye se Sabuja e bana nila aakaase Jhatakaaye taa jyoti ra prakaase Kathaa re taahaara bahere pabana Kaha kaahaa aadesa re Barasaa je barase Kaha re ... kiye se ...
ସେ ଲୁଚି ରହିଛି ଫୁଲ ସୁବାଷରେ ପୁରୁଷର ଶକତିରେ ରମଣୀ ରୂପରେ ଶିଶୁର ହସରେ କୁମାରୀ ଲାଜରେ ଚଉଦିଗେ ସେ ପରମ ମହିମା ଯେ ବିକଶେ କହରେ ... କିଏ ସେ ...	Se luchi rahichi phula subaasa re Purusa ra sakati re ramani rupa re Sisu ra hasa re kumaari laaja re Chau dige se parama mahimaa je bikase Kaha re ... kiye se ...
ତା ବଇଁଶୀ ସ୍ୱନ ଅମୃତ ସମାନ ଗୀତିମୟ ପ୍ରୀତିମୟ କରିଛି ଜୀବନ ସେ ମନମୋହନ ପଦେ ରଖି ଧ୍ୟାନ ଅବିରତ ଗାଇ ଯାଏ ନାମ ତାର ହରଷେ କହରେ ... କିଏ ସେ ...	Taa bainsi swana amruta samaana Gitimaya pritimaya karichi jibana Se mana mohana pade rakhi dhyaana Abirata gaai jaaye naama taara harase Kaha re ... kiye se ...

କହଇ ମନ ଆରେ

Kahai Mana Aare

ଚଳଚ୍ଚିତ୍ର: ବିଲ୍ୱ ମଙ୍ଗଳ (1981) *କଣ୍ଠଶିଳ୍ପୀ:* ଚିତ୍ତ ଜେନା *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ଭକ୍ତ ଚରଣ ଦାସ	*Movie: Billwa Mangala (1981)* *Singer: Chitta Jena* *Composer: Prafulla Kar* *Lyricist: Bhakta Charan Das*
~~	~~~~~~~~~~~~~~~~~~~~
କହଇ ମନ ଆରେ ମୋ ବୋଲ କର କଳା ଶ୍ରୀମୁଖ ବାରେ ଦେଖିବା ଚାଲ କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ କି ଘେନି ଯିବୁ ତୋର ଛୁଟିଲେ ଘଟ	Kahai mana aare mo bola kara Kalaa sri mukha baare dekhibaa chaala Kete dinaku mana baandhichu aanta Ki gheni jibu tora chhutile ghata
ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରା କାଠି ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ଖଟ ପଲଙ୍କେ ମନ ସେ ଯାଇ ଶୋଉ ଖଳ ଦୁର୍ଗନ୍ଧ ହେବ ଏ ତୋର ଦେହୁ	Khandi je khandi tora panjaraa kaathi Khaauna thibe swaana srugaala baanti Khata palanke mana se jaai sou Khala durgandha heba e tora dehu
ଗଲେଣି ତୋ ସଙ୍ଗତୁ ଯେତେକ ଜନ ଗଣ୍ଠିରେ ବାନ୍ଧି ନେଲେ କେ କେତେ ଧନ ଗୁରୁ ଗୋବିନ୍ଦ ନାମ ତୁଣ୍ଡେ ନ ବୋଲୁ ଗାଢେ ମଜ୍ଜିଣ ନିତ୍ୟେ ଧନ ଅର୍ଜିଲୁ	Galeni to sangatu jeteka jana Ganthi re baandhi nele ke kete dhana Guru gobinda naama tunde na bolu Gaadhe majjina nitye dhana arjilu
ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ ଘଟ ଛୁଟିଲେ ତୋତେ ବୋଲିବେ ଭୁତ ଘର ଘରଣୀ ଦେହ କିଳାଉ ଥିବେ ଘେନି ବନ୍ଧୁ କୁଟୁମ୍ବ ଶୁଦ୍ଧ ହୋଇବେ	Ghara boli arjichu jete padaartha Ghata chhutile tote bolibe bhuta Ghara gharani deha kilaau thibe Gheni bandhu kutumba suddha hoibe
ରଙ୍ଗ ପସରା ସିନା ଭବ ସାଗର ରଙ୍ଗ ଭିତରେ ଅଛି କି ନାରଖାର ରୂପ ପ୍ରତିମାକୁ ତୁ ପରତେ ନ ଯା ରହିବେ ନାହିଁ କେହି ରାଜା ପରଜା	Ranga pasaraa sinaa bhaba saagara Ranga bhitare achhi ki naarakhaara Rupa pratimaa ku tu parate na jaa Rahibe naahin kehi raajaa parajaa
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ମନ ସରିଲେ ନ ପାଇବୁ ଆଉ ଜୀବନ ଶ୍ରୀକୃଷ୍ଣ ନାମ ଗୋଟି କର ଭଜନ ଶ୍ରୀକୃଷ୍ଣ ପଦ୍ମ ପାଦେ କର ତୁ ଧ୍ୟାନ	Sri krishna paada padme dia tu mana Sarile na paaibu aau jibana Sri krishna naama goti kara bhajana Sri krishna padma paade karat u dhyaana
କହଇ ମନ ଆରେ ମୋ ବୋଲ କର କଳା ଶ୍ରୀମୁଖ ବାରେ ଦେଖିବା ଚାଲ	Kahai mana aare mo bola kara Kalaa sri mukha baare dekhibaa chaala

କାକଟପୁରେ ତୁ ମା ମଙ୍ଗଳା

Kakatapure <u>Tu Maa Mangalaa</u>

ଚଳଚ୍ଚିତ୍ର: ମା ମଙ୍ଗଳା (2003) *କଣ୍ଠଶିଳ୍ପୀ:* ଇରା ମହାନ୍ତି *ସଙ୍ଗୀତ ନିର୍ଦ୍ଦେଶକ:* ବିଜୁ ସ୍ୱାଇଁ *ଗୀତିକାର:* ନିର୍ମଳ ନାୟକ	*Movie: Ma Mangala (2003)* *Singer: Ira Mohanty* *Composer: Biju Swain* *Lyricist: Nirmala Nayak*
~~	~~~~~~~~~~~~~~~~~~~
କାକଟପୁରେ ତୁ ମା ମଙ୍ଗଳା ଝଙ୍କଡ଼ ବାସିନୀ ମା ସାରଳା ନୀଳାଚଳ ଧାମେ ମା ବିମଳା ତାଳଚେରେ ତୁ ଲୋ ମା ହିଙ୍ଗୁଳା ଜୟ ମା ମଙ୍ଗଳା ... ଜୟ ମା ମଙ୍ଗଳା ଜୟ ମା ମଙ୍ଗଳା	Kaakata pure tu maa mangalaa Jhankada baasini maa saaralaa Nilaachala dhaame maa bimalaa Taalachere tu lo maa hingulaa Jaya maa mangalaa ... Jaya maa mangalaa Jaya maa mangalaa
ବିପଦେ ଆପଦେ ତୋତେ ସୁମରିଲେ ଘଣ୍ଟ ଘୋଡାଉଲୋ ତୋ ପଣତ ତଳେ ପଙ୍ଗୁ ଲଙ୍ଘେ ଗିରି ତୋ ଦୟା ହୋଇଲେ ଦୁବ ହୁଏ ଦାରୁ ତୋର ଇଚ୍ଛା ବଳେ ସିନ୍ଦୁର ଶୋଭିତା ମନ୍ଦାର ମଣ୍ଡିତା ମା ଲୋ ଭକ୍ତ ବତ୍ସଳା ଯାଜପୁରେ ତୁ ଲୋ ମା ବିରଜା ବାଙ୍କିରେ ଚର୍ଚ୍ଚିକା ପାଉ ତୁ ପୂଜା ସମଲପୁରେ ତୁ ସମଲେଇ ମା ଘଟ ଗାଁ ବାସିନୀ ତାରିଣୀ ମା ଜୟ ମା ମଙ୍ଗଳା ... ଜୟ ମା ମଙ୍ଗଳା ଜୟ ମା ମଙ୍ଗଳା	Bipade aapade tote sumarile Ghanta ghodaau lo to panata tale Pangu langhe giri to dayaa hoile Duba huye daaru tora ichhaa bale Sindura sobhitaa mandaara manditaa Maa lo bhakta batsalaa Jaajapure tu lo maa birajaa Baanki re charchikaa paau tu pujaa Samalapure tu samalei maa Ghata gaan baasini taarini maa Jaya maa mangalaa ... Jaya maa mangalaa Jaya maa mangalaa
ଯେଉଁଦିନରୁ ଲୋ ହେତୁ ମୁଁ ପାଇଲି ମା ବୋଲି ତୋତେ ମନେ ଭାବି ନେଲି ଅନ୍ଧୁଣୀ କରିଲୁ ବର ଫେରେଇଲୁ ବାପଠୁ ପୁଅକୁ ଅଲଗା କରିଲୁ କଟକଚଣ୍ଡୀ ମା ତୋ ଦୟା ହୋଇଲେ ଲାଗିଯିବ କୁଳେ ମୋର ନାଆ ଭୁବନେଶ୍ୱରରେ ଗୌରୀ ମା ବାଣପୁରେ ତୁ ଲୋ ଭଗବତୀ ମା ସଙ୍କଟ ନାଶିନୀ ହୁଅ ମା ସାହା ତୋ ବିନୁ ଆଉ କେ କରିବ ଆହା ଜୟ ମା ମଙ୍ଗଳା ... ଜୟ ମା ମଙ୍ଗଳା ଜୟ ମା ମଙ୍ଗଳା	Jeun dinaru lo hetu mun paaili Maa boli tote mane bhaabi neli Andhuni karilu bara phereilu Baapa thu pua ku alagaa karilu Kataka chandi maa to dayaa hoile Laagi jiba kule mora naa Bhubaneswara re gouri maa Baanapure tu lo bhagabati maa Sankata naasini hua maa saahaa To binu aau ke kariba aahaa Jaya maa mangalaa ... Jaya maa mangalaa Jaya maa mangalaa

କାନ୍ଦି କହେ ନନ୍ଦରାଣୀ

Kaandi Kahe Nanda Raani

ଚଳଚ୍ଚିତ୍ର: ଛ ମାଣ ଆଠ ଗୁଣ୍ଠ (1986)	*Movie: Chha Maana Aatha Guntha (1986)*
କଣ୍ଠଶିଳ୍ପୀ: ଗୀତା ଦାସ	*Singer: Gita Das*
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର	*Composer: Prafulla Kar*
ଗୀତିକାର: ସ୍ୱରୂପ ନାୟକ	*Lyricist: Swaroop Naik*
~~	~~~~~~~~~~~~~~~~~~~
କାନ୍ଦି କହେ ନନ୍ଦରାଣୀ	Kaandi kahe nanda raani
ତୁ ଗଲେ ମଥୁରା ମୁରଲି ପାଣିରେ	Tu gale mathuraa murali paani re
ମରିବି ତୋ ଗୁଣ ଗୁଣି	Maribi to guna guni
ମୋ କାହ୍ନୁରେ .. ମରିବି ତୋ ଗୁଣ ଗୁଣି	Mo kaanhu re … Maribi to guna guni
ଜଗତେ ବୋଲିବେ ଜନ	Jagate bolibe jana
ସେ ନନ୍ଦନନ୍ଦନ ଦେଲା କଷଣ ରେ	Se nanda nandana delaa kasana re
ଯଶୋଦା ହାରିଲା ପ୍ରାଣ	Jasodaa haarilaa praana
ମୋ କାହ୍ନୁରେ …	Mo kaanhu re …
କାନ୍ଦ କାହିଁ ଗୋ ମା	Kaanda kaahin go maa
ମୋ ଦୋଷ ନାହିଁ ମା	Mo dosa naahin maa
ମୁଁ ଯେ ମାମୁଁ ଆଦେଶ ପାଳଇ ସିନା	Mun je maamu adesa paalai sinaa
ତୁମକୁ ଗୋ ମୋ ରାଣ, କର ଗୋ କ୍ଷମା	Tuma ku go mo raana, kara go khyamaa
ହୋ …	Ho …
ଦୋଷୀ ତୁ ନୁହଁରେ ଧନ	Dosi tu nuhan re dhana
ଖଳ ବିହି ମୋତେ ହୋଇଛି ବାମରେ	Khala bihi mote hoichi baama re
କୋଳ ମୋର କଲା ଶୂନ୍ୟ	Kola mora kalaa sunya
ମୋ କାହ୍ନୁରେ … କୋଳ ମୋର କଲା ଶୂନ୍ୟ	Mo kaanhu re … Kola mora kalaa sunya
ଥିଲେ ଦୂରେ ଯେତେ ଥାଏ ତୁମ ହୃଦେ	Thile dure jete thaaye tuma hrude
ମା ଗୋ ସଦା ମୁଁ ବନ୍ଧା ତୁମ ପଣତେ	Maa go sadaa mun bandhaa tuma panate
ତୁମ କୋଳେ ଗୋ ମିଳେ ସରଗ ମୋତେ	Tuma kole go mile saraga mote
ହୋ..	Ho …
କେମନ୍ତେ ବୁଝିବ ମନ	Kemante bujhiba mana
ପୁତ୍ର ବିହୁନେ ତୁଚ୍ଛ ଜୀବନ ରେ	Putra bihune tuchha jibana re
ସ୍ତିରୀ ଜନ୍ମ ଅକାରଣ	Stiri janma akaarana
ସ୍ତିରୀ ଜନ୍ମ ଅକାରଣ	Stiri janma akaarana

କେଉଁ ନାମ ଧରି	**Keun Nama Dhari**
ଚଳଚ୍ଚିତ୍ର: ସିନ୍ଦୁର ବିନ୍ଦୁ (1976) *କଣ୍ଠଶିଳ୍ପୀ:* ପ୍ରଣବ ପଟ୍ଟନାୟକ *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* କାଳିନ୍ଦୀ ଚରଣ ପାଣିଗ୍ରାହୀ	*Movie: Sindura Bindu (1976)* *Singer: Pranab Pattanayak* *Composer: Prafulla Kar* *Lyricist: Kalindi Charan Panigrahi*
~~	~~~~~~~~~~~~~~~~~~~
କେଉଁ ନାମ ଧରି ଡାକିବୁ ତୁମକୁ ତୁମେ ଯେ ସର୍ବନାମ କେଉଁ ନାମ ଧରି ..	Keun naama dhari daakibu tumaku Tume je sarba naama Keun naama dhari ...
ଆଲୋକ ତୁମକୁ ନ ପାରେ ଦେଖାଇ ତୁମେ ଯେ ଦେଖାଅ ତାହାରେ ତୁମେ ଯେ ବେଢ଼ିଛ କୋଟି ବିଶ୍ୱର ସବୁରି ଭିତରେ ବାହାରେ ସକାଳ ପରାଣ ଝୁରଇ ତୁମକୁ ତୁମେ ହେ ବିଶ୍ୱ ପ୍ରାଣ କେଉଁ ନାମ ଧରି ..	Aaloka tumaku na paare dekhaai Tume je dekhaao taahaare Tume je bedhicha koti biswa ra Saburi bhitare baahaare Sakala paraana jhurai tumaku Tume hey biswa praana Keun naama dhari ...
ଲୁହ ହୋଇ ତୁମେ ଝରିପଡ଼ ପରା କେତେ ନୟନର କୋଣରୁ ହସ ହୋଇ ପୁଣି ଫୁଲ ପରି ଫୁଟ କେତେ ଯେ ନରମ ଅଧରୁ ସବୁରି ଅନ୍ତରେ ଭରିଦିଅ ପ୍ରଭୁ ତୁମେ ହେ ଅମୃତ ପ୍ରେମ କେଉଁ ନାମ ଧରି ..	Luha hoi tume jhari pada paraa Kete nayana ra kona ru Hasa hoi puni phula pari phuta Kete je narama adharu Saburi antare bhari diya prabhu Tume hey amruta prema Keun naama dhari ...

କି ରୂପେ ପାଇବି	**Ki Rupe Paibi**
ଚଳଚ୍ଚିତ୍ର: ତ୍ରିନାଥ ମେଳା (1979) *କଣ୍ଠଶିଳ୍ପୀ:* ରାଖାଲ ମହାନ୍ତି *ସଙ୍ଗୀତ ନିର୍ଦ୍ଦେଶକ:* ରାଖାଲ ମହାନ୍ତି *ଗୀତିକାର:* ଶ୍ରୀନିବାସ ମହାନ୍ତି ~~~~~~~~~~~~~~~~~~~ କି ରୂପେ ପାଇବି ତୁମକୁ ଖୋଜି ମୁଁ ଦିନ ତ ଯାଉଛି ସରି ହେ ଝରି ଝରି ଯାଏ ମୋ ଆଖିର ଲୁହ ତୁମକୁ ହିଁ ଝୁରି ଝୁରି କି ରୂପେ ପାଇବି ... ହେ ପ୍ରଭୁ ମୋ ପରାଣ କୁସୁମେ ତୁମରି ସୁବାଷ ପାଏନା ମରମେ ଲିଭି ଲିଭି ଆସେ ଜୀବନ ପ୍ରଦୀପ କଣ୍ଠ ମୋ ଉଠେ ଥରି କି ରୂପେ ପାଇବି ... ହେ ପ୍ରଭୁ ତୁମେ ମହା ମହୀୟାନ ବୁଝି ତ ବୁଝନା ଦୁଃଖୀ ନିବେଦନ ତଥାପି ଭରସା ରଖିଛି ତୁମକୁ ଚାଲିବି ମୋ ବୁକେ ଧରି କି ରୂପେ ପାଇବି ...	*Movie: Trinatha Mela (1979)* *Singer: Rakhal Mohanty* *Composer: Rakhal Mohanty* *Lyricist: Srinivas Mohanty* ~~~~~~~~~~~~~~~~~~~ Ki rupe paaibi tuma ku khoji mun Dina ta jaauchi sari hey Jhari jhari jaaye mo aakhi ra luha Tumaku hin jhuri jhuri Ki rupe paaibi ... Hey prabhu mo paraana kusume Tumari subaasa paaye naa marame Libhi libhi aase jibana pradeepa Kantha mo uthe thari Ki rupe paaibi ... Hey prabhu tume mahaa mahiyaana Bujhi ta bujha naa dukhi nibedana Tathaapi bharasaa rakhichi tuma ku Chaalibi mo buke dhari Ki rupe paaibi ...

କି ଶୋଭା କେଳି କୁଞ୍ଜେ	Ki Shobha Keli Kunje
ଚଳଚ୍ଚିତ୍ର: ଝିଲିମିଲି (1978) *କଣ୍ଠଶିଳ୍ପୀ:* ଏସ. ଜାନକୀ *ସଙ୍ଗୀତ ନିର୍ଦ୍ଦେଶକ:* ଅକ୍ଷୟ ମହାନ୍ତି *ଗୀତିକାର:* କବିସୂର୍ଯ୍ୟ ବଳଦେବ ରଥ ~~~~~~~~~~~~~~~~~~~~ କି ଶୋଭା କେଳି କୁଞ୍ଜେ ନାଗରମଣି ବିଜେ ଚାହାଁରେ ପ୍ରାଣ ସଜନୀ ବାମେ ନବ କିଶୋରୀ କିବା ରୂପ ମାଧୁରୀ ଘେନି ସର୍ବ ମଞ୍ଜରୀ ମଧ୍ୟେ ଶ୍ରୀ ବେଣୁପାଣି ତ୍ରିଭଙ୍ଗୀ ଛନ୍ଦେ ଛିଡା ଶିରେ ମୟୂର ଚୁଡା ଶୋହେ ସେବତୀ ବେଡା ସତୀଙ୍କ ଦମ୍ଭ ଛଡା ତ୍ରିଭଙ୍ଗୀରେ ଚାହାଣୀ ନିଏ ହୃଦୟ କିଣି କେଡେ ସୁନ୍ଦର ରାଧା ... କେଡେ ସୁନ୍ଦର ରାଧା ନାଟୁଆ ନୀଳମଣି କି ଶୋଭା କେଳି କୁଞ୍ଜେ ... ସେ ନଟବର କାହ୍ନୁ ରଙ୍ଗେ ବଜାନ୍ତି ବେଣୁ ଦେଖ ତ୍ରିଭଙ୍ଗୀ ଠାଣି ମରମ ଦିଏ ହାଣି ସେ ବଂଶୀ ବଟମୂଳେ ବିଜୟ ନବଘନ ବରଣ ଦିଶୁଅଛି ନବୀନ ଶ୍ୟାମଘନ ବରଣ ଦିଶୁଅଛି ନବୀନ ଶ୍ୟାମଘନ ସେ ବଂଶୀ ଧ୍ୱନୀ ଶୁଣି ... ସେ ବଂଶୀ ଧ୍ୱନୀ ଶୁଣି ବରଜ ମାନ ମାନିନୀ କି ଶୋଭା କେଳି କୁଞ୍ଜେ ...	*Movie: Jhilimili (1978)* *Singer: S. Janaki* *Composer: Akshaya Mohanty* *Lyricist: Kabisurya Baladeva Ratha* ~~~~~~~~~~~~~~~~~~~~ Ki sobhaa keli kunje Naagara mani bije Chaahaan re praana sajani Baame naba kisori kibaa rupa maadhuri Gheni sarba manjari madhye sri benu paani Tribhangi chhande chhidaa sire mayura chudaa Sohe sebati bedaa satinka dambha chhadaa Tribhangi re chaahaani niye hrudaya kini Kede sundara raadhaa ... Kede sundara raadhaa Naatuaa nila mani Ki sobhaa keli kunje ... Se natabara kaanhu range bajaanti benu Dekha tribhangi thaani marama diye haani Se bansi bata mule bijaya nabaghana Barana disu achhi nabina shyaama ghana Barana disu achhi nabina shyaama ghana Se bansi dhwani suni ... Se bansi dhwani suni Baraja maana maanini Ki sobhaa keli kunje ...

କି ସୁନ୍ଦର ଆହା

Ki Sundara Aha

ଚଳଚ୍ଚିତ୍ର: ଗୌରୀ (1979) *କଣ୍ଠଶିଳ୍ପୀ:* ବାଣୀ ଜୟରାମ, ଚିତ୍ତ ଜେନା *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ଭକ୍ତକବି ମଧୁସୂଦନ ରାଓ	*Movie: Gouri (1979)* *Singer: Vani Jayaram, Chitta Jena* *Composer: Prafulla Kar* *Lyricist: Bhakta Kabi Madhusudan Rao*
~~	~~~~~~~~~~~~~~~~~~~~
କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର ଅଟେ ଅନନ୍ତ ଅପାର ... ଅଟେ ଅନନ୍ତ ଅପାର କି ସୁନ୍ଦର ଆହା ...	Ki sundara aahaa ki aanandamaya Ehi bisaala sansaara Dhanya mahaa prabhu mahimaa tumbhara Ate ananta apaara ... Ate ananta apaara Ki sundara aahaa ...
ସୂର୍ଯ୍ୟ ଚନ୍ଦ୍ର ତାରା ତୁମ୍ଭର ଆଜ୍ଞାରେ ବରଷନ୍ତି ଜ୍ୟୋତି ରାଶି ତୁମରି କୁସୁମ ପ୍ରତି ପ୍ରଭାତରେ ହସଇ ଆନନ୍ଦେ ଭାସି ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର ଅଟେ ଅନନ୍ତ ଅପାର ... ଅଟେ ଅନନ୍ତ ଅପାର	Surjya chandra taaraa tumbhara aagyaan re Barasanti jyoti raasi Tumari kusuma prati prabhaata re Hasai aanande bhaasi Dhanya mahaa prabhu mahimaa tumbhara Ate ananta apaara ... Ate ananta apaara
ଦିଅ ଭକ୍ତି ପ୍ରଭୁ ହୃଦୟେ ମୋହର ବିରାଜ ନିତ୍ୟ ତହିଁରେ ସତ୍ୟ ପଥେ ରହି ତୁମରି ଆଶ୍ରାରେ ଯାଉ ମୋ ଦିନ ମହୀରେ ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର ଅଟେ ଅନନ୍ତ ଅପାର ... ଅଟେ ଅନନ୍ତ ଅପାର କି ସୁନ୍ଦର ଆହା ...	Diya bhakti prabhu hrudaye mohara Biraaja nitya tahin re Satya pathe rahi tumari aasraa re Jaau mo dina mahi re Dhanya mahaa prabhu mahimaa tumbhara Ate ananta apaara ... Ate ananta apaara Ki sundara aahaa ...

କିଏ ଆସେରେ — Kiye Aasere

ଚଳଚ୍ଚିତ୍ର: ମଥୁରା ବିଜୟ (1979) *କଣ୍ଠଶିଳ୍ପୀ:* ଭିକାରି ବଳ *ସଙ୍ଗୀତ ନିର୍ଦ୍ଦେଶକ:* ବାଳକୃଷ୍ଣ ଦାଶ *ଗୀତିକାର:* ବୈକୁଣ୍ଠ ନାଥ ମହାନ୍ତି	*Movie: Mathura Vijaya (1979)* *Singer: Bhikari Bal* *Composer: Balakrishna Dash* *Lyricist: Baikuntha Nath Mohanty*
~~	~~~~~~~~~~~~~~~~~~~
କିଏ ଆସେରେ,	Kiye aase re
ଧରା ନାଚେରେ ପୁଲକେ	Dharaa naache re pulake
ମନ ହସେରେ ପୁଲକେ	Mana hase re pulake
ଆଜି ନାଚି ନାଚି ଯାଏ ସେ ତ	Aaji naachi naachi jaaye se ta
ଅଧୀରେ ବିଭୋରେ	Adhire bibhore
କିଏ ଆସେରେ ...	Kiye aase re ...
ହସି ଉଠେ ଫୁଲ ବନେ ଉପବନେ	Hasi uthe phula bane upabane
ମଳୟ ବହୁଛି ଭୁବନେ ଭୁବନେ	Malaya bahuchi bhubane bhubane
ଆଲୋକେ ଭୂଲୋକେ ଗୋଲକେ ପୁଲକେ	Aaloke bhuloke goloke pulake
ଅଧୀରେ ବିଭୋରେ	Adhire bibhore
କିଏ ଆସେରେ ...	Kiye aase re ...
ଯମୁନାର ଜଳ ବହୁଛି ଉଜାଣି	Jamuna ra jala bahuchi ujaani
ଉଲ୍ଲସିତ ପ୍ରାଣ କାହିଁକି କେଜାଣି	Ullasita praana kaahinki kejaani
ସରସେ ହରଷେ ବରଷେ ପରଶେ	Sarase harase barase parase
ଅଧୀରେ ବିଭୋରେ	Adhire bibhore
କିଏ ଆସେରେ ...	Kiye aase re ...

କୋଇଲି ଲୋ କୋଇଲି

Koili lo Koili

ଚଳଚ୍ଚିତ୍ର: ନିନାଦ (1986) *କଣ୍ଠଶିଳ୍ପୀ:* ସୁରେଶ ୱାଡେକର *ସଙ୍ଗୀତ ନିର୍ଦ୍ଦେଶକ:* ବାସୁଦେବ ରଥ *ଗୀତିକାର:* ନିଜାମ ~~~~~~~~~~~~~~~~~~~~	*Movie: Ninada (1986)* *Singer: Suresh Wadekar* *Composer: Basudev Rath* *Lyricist: Nizam* ~~~~~~~~~~~~~~~~~~~~
କୋଇଲି ଲୋ କୋଇଲି .. କୋଇଲି ଲୋ କୋଇଲି	Koili lo koili ... koili lo koili
କୋଇଲି କେଶବ ମୋର ଗଲା ମଥୁରାକୁ	Koili kesaba mora galaa mathuraa ku
କାହା ବୋଲେ ଗଲା ଫେରିଲାନି ସେ କୋଳକୁ	Kaahaa bole galaa pherilaani se kola ku
କହ କି ବୁଦ୍ଧି କରିବି ନ ଆସେ ମନକୁ	Kaha ki budhi karibi na aase manaku
କୋଇଲି ଲୋ କୋଇଲି ... କୋଇଲି ଲୋ କୋଇଲି	Koili lo koili ... koili lo koili
ସର ଲବଣି ଆଉ କେ ଖାଇବ ଚୋରାଇ	Sara labani aau ke khaaiba choraai
ଭଳି ଭଳି ନାଚିବ କେ ବଇଁଶୀ ବଜାଇ	Bhali bhali naachiba ke bainsi bajaai
ଅବୁଝା ମୋ ମନ ଖୋଜେ ତା ରୂପ ଠାଣିକୁ	Abujhaa mo mana khoje taa rupa thaani ku
ଗୋରଚନା ଚିତା ଦେବି କାହାର ଲଲାଟେ	Gorachanaa chitaa debi kaahaara lalaate
ଅଳି କରି ଲୋଟୁଥିବ କିଏ ମୋ ପଣତେ	Ali kari lotu thiba kiye mo panate
କୋଇଲି ଲୋ କୋଇଲି ... କୋଇଲି ଲୋ କୋଇଲି	Koili lo koili ... koili lo koili
ଅନ୍ଧର ଲଉଡ଼ି ମୋର ନୟନ ପିତୁଳା	Andha ra laudi mora nayana pitulaa
କେମିତି ଭୁଲିବି କହ ତାର ଲୀଳା ଖେଳା	Kemiti bhulibi kaha taara lilaa khelaa
ବିଷ ଲାଗିଲାଣି ଆଜି ଏ ଗୋପପୁରକୁ	Bisa laagilaani aaji e gopa pura ku
ଛାଇକୁ ଦେଖିଲେ ଡରେ ଲୁଚଇ କୋଳରେ	Chhaai ku dekhile dare luchai kola re
କିପରି ଥିବ ସେ ରହି ଅସୁର ମେଳରେ	Kipari thiba se rahi asura mela re
କୋଇଲି ଲୋ କୋଇଲି ... କୋଇଲି ଲୋ କୋଇଲି	Koili lo koili ... koili lo koili

ଲଳିତା ଗୋ

ଚଳଚ୍ଚିତ୍ର: ଟିକେ ହସ ଟିକେ ଲୁହ (1981)
କଣ୍ଠଶିଳ୍ପୀ: ଭିକାରି ବଳ
ସଙ୍ଗୀତ ନିର୍ଦ୍ଦେଶକ: ପୂର୍ଣ୍ଣ ଖୁଣ୍ଟିଆ
ଗୀତିକାର: ରଜନୀକାନ୍ତ ନାୟକ

~~~~~~~~~~~~~~~~~~~~

ଲଳିତା ଗୋ ଶ୍ୟାମକୁ କହିଦେ ଫେରିଯାଉ
ସେ କଳା ଶ୍ରୀମୁଖ ରାଇ ନ ଦେଖିବ ଆଉ
କହିଦେ କହିଦେ ସହି
ଶ୍ୟାମକୁ କହିଦେ ଫେରିଯାଉ
ଲଳିତା ଗୋ ଶ୍ୟାମକୁ କହିଦେ ଫେରିଯାଉ

ତା ପୀରତି ଜାଲେ ପଡି ହେଲି ପାଗଳିନୀ
ଗୋପରେ ନାଗରା ବାଜେ ରାଧା କଳଙ୍କିନୀ
ଯାହା ଅପଯଶ ହେଲା, ଯାହା ଅପବାଦ ହେଲା
ସେ କଳଙ୍କ ସେତିକିରେ ଥାଉ
ଲଳିତା ଗୋ ଶ୍ୟାମକୁ କହିଦେ ଫେରିଯାଉ

ଅପମାନ ଏତେ ଯଦି ଚୋରା ପୀରତିରେ
ଝାସିବି ଜୀବନ ସିନା ଯମୁନା ଜଳରେ
କଦମ୍ବ ମୂଳିଆ ଶ୍ୟାମ, ସେ ଶଠ ନାଗର ନାମ
ନ ଘେନିବି ଏଇ ମୁଖେ ଆଉ
ଲଳିତା ଗୋ ଶ୍ୟାମକୁ କହିଦେ ଫେରିଯାଉ

Lalita Go

Movie: Tike Hasa Tike Luha (1981)
Singer: Bhikari Bal
Composer: Purna Khuntia
Lyricist: Rajanikant Nayak

~~~~~~~~~~~~~~~~~~~~

Lalitaa go shyaama ku kahide pheri jaau
Se kalaa sri mukha raai na dekhiba aau
Kahide kahide sahi
Shyaama ku kahide pheri jaau
Lalitaa go shyaama ku kahide pheri jaau

Taa pirati jaale padi heli paagalini
Gopa re naagaraa baaje raadhaa kalankini
Jaahaa apajasa helaa, jaahaa apabaada helaa
Se kalanka setiki re thaau
Lalitaa go shyaama ku kahide pheri jaau

Apamaana ete jadi choraa pirati re
Jhaasibi jibana sinaa jamunaa jala re
Kadamba muliyaa shyaama,
Se satha naagara naama
Na ghenibi ei mukhe aau
Lalitaa go shyaama ku kahide pheri jaau

ମା ଗୋ କରୁଛି ଏତିକି ଗୁହାରି — Maa Go Karuchi Etiki Guhari

ଚଳଚ୍ଚିତ୍ର: ମା ମୋତେ ଶକ୍ତି ଦେ (1990)	*Movie: Maa Mote Shakti De (1990)*
କଣ୍ଠଶିଳ୍ପୀ: ଚନ୍ଦ୍ରାଣି ମୁଖାର୍ଜୀ	*Singer: Chandrani Mukharjee*
ସଙ୍ଗୀତ ନିର୍ଦ୍ଦେଶକ: ମୁସିର	*Composer: Mushir*
ଗୀତିକାର: ନିଜାମ	*Lyricist: Nizam*
~~	~~~~~~~~~~~~~~~~~~~~
ମା ଗୋ କରୁଛି ଏତିକି ଗୁହାରି	Maa go karuchi etiki guhaari
ମୁଁ ଯେ ଭକତିର ଫୁଲ ଅଜାଡି	Mun je bhakati ra phula ajaadi
ହୃଦୟକୁ ମୋର କର ନିରିମଳ	Hrudaya ku mora kara nirimala
ଉଷାର ଆଲୋକ ପରି	Usaa ra aaloka pari
ମା ଗୋ କରୁଛି ଏତିକି ଗୁହାରି	Maa go karuchi etiki guhaari
ମୁଁ ଯେ ଭକତିର ଫୁଲ ଅଜାଡି	Mun je bhakati ra phula ajaadi
ଏଇଠି ମୋ ସୁଖ ଏଇଠି ମୋ ଶାନ୍ତି	Eithi mo sukha eithi mo saanti
ଏଇଠି ସକଳ ତୀର୍ଥ	Eithi sakala tirtha
ତୋହରି ସୁଦୟା ଊଣା ହେଲେ ମା ଗୋ	Tohari sudayaa unaa hele maa go
ଜୀବନଟା ହୁଏ ବ୍ୟର୍ଥ	Jibana taa hue byartha
ତୋହରି ଆଶିଷେ ଏହି ମୋର ଘର	Tohari aasise ehi mora ghara
ହେଉ ମା ସରଗ ପୁରୀ	Heu maa saraga puri
ମା ଗୋ କରୁଛି ଏତିକି ଗୁହାରି	Maa go karuchi etiki guhaari
ମୁଁ ଯେ ଭକତିର ଫୁଲ ଅଜାଡି	Mun je bhakati ra phula ajaadi
ଲୋଭ ମୋହ ମାୟା	Lobha moha maayaa
ପଲକର ଛାୟା	Palaka ra chhaayaa
ଆଲୋକେ ଉଭେଇ ଯାଏ	Aaloke ubhei jaaye
ଭକତିର ଫୁଲ ରଖିଛି ସାଇତି	Bhakati ra phula rakhichi saaiti
କରୁଣା ତୋହରି ପାଇଁ	Karunaa tohari paain
ଇଚ୍ଛାମୟୀ ତୁ ମୋ ମନର ଇଚ୍ଛା	Ichhaamayi tu mo manara ichhaa
ଦେ ମା ପୁରଣ କରି	De maa purana kari
ମା ଗୋ କରୁଛି ଏତିକି ଗୁହାରି	Maa go karuchi etiki guhaari
ମୁଁ ଯେ ଭକତିର ଫୁଲ ଅଜାଡି	Mun je bhakati ra phula ajaadi
ତୋହରି କରୁଣା ଆଲୋକରେ ମା ଗୋ	Tohari karunaa aaloka re maa go
ଆଲୋକିତ ହେଉ ଏ ଘର	Aalokita heu e ghara
ଜୀବନକୁ କର ସରସ ସୁନ୍ଦର	Jibana ku kara sarasa sundara
ଦେଇ ପରଶ ତୋହର	Dei parasa tohara
ତୁହି ଆମ ସାହା ତୁହି ମା ଭରସା	Tuhi aama saahaa tuhi maa bharasaa
ଜଗତକୁ କରୁ ପାରି	Jagata ku karu paari
ମା ଗୋ କରୁଛି ଏତିକି ଗୁହାରି	Maa go karuchi etiki guhaari
ମୁଁ ଯେ ଭକତିର ଫୁଲ ଅଜାଡି	Mun je bhakati ra phula ajaadi

ମା ଗୋ ମମତାମୟୀ ମାତା — Maa Go Mamatamayi Mata

ଚଳଚ୍ଚିତ୍ର: ବନ୍ଧୁ ମହାନ୍ତି (1977)	*Movie: Bandhu Mohanty (1977)*
କଣ୍ଠଶିଳ୍ପୀ: ବାଣୀ ଜୟରାମ	*Singer: Vani Jayaram*
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର	*Composer: Prafulla Kar*
ଗୀତିକାର: ପ୍ରଫୁଲ୍ଲ କର	*Lyricist: Prafulla Kar*
~~	~~~~~~~~~~~~~~~~~~~
ମା ଗୋ ମମତାମୟୀ ମାତା	Maa go mamataa mayi maataa
ଦେବୀ ଭବାନୀ ଗିରିସୁତା	Debi bhabaani giri sutaa
ତୁହି ମା ସୁଖଦା ତୁହି ମା ବରଦା	Tuhi maa sukhadaa tuhi maa baradaa
ଜୟ ଦଶଭୁଜା ମା ଗୋ ବିରଜା	Jaya dasa bhujaa maa go birajaa
ମା ଗୋ ମମତାମୟୀ ମାତା	Maa go mamataa mayi maataa
ତୁହି ଗୋ ସ୍ନେହ ତୁହି ଗୋ ପ୍ରୀତି	Tuhi go sneha tuhi go priti
ତୋ କୋଳେ ଥିଲେ ସକଳ ଶାନ୍ତି	To kole thile sakala saanti
ପରଶ ତୋର ଦିଏ ଗୋ ଶକ୍ତି	Parasa tora diye go sakti
ତୋ ପଦେ ମିଳେ ସରଗ ମୁକ୍ତି	To pade mile saraga mukti
ଅପାର ତୋର କରୁଣା	Apaara tora karunaa
କରି କେ ପାରେ କଳନା	Kari ke paare kalanaa
ତୁହି ମା ସୁଖଦା ତୁହି ମା ବରଦା	Tuhi maa sukhadaa tuhi maa baradaa
ଜୟ ଦଶଭୁଜା ମା ଗୋ ବିରଜା	Jaya dasa bhujaa maa go birajaa
ଆଦେଶେ ତୋର କୁସୁମେ ଗନ୍ଧ	Aadese tora kusume gandha
ବହଇ ଧୀରେ ମଳୟ ମନ୍ଦ	Bahai dheere malaya manda
ପାଳନ୍ତି ଆଜ୍ଞା ବରୁଣ ଇନ୍ଦ୍ର	Paalanti agyaan baruna indra
ଆକାଶେ ଉଏଁ ସୂରୁଜ ଚନ୍ଦ୍ର	Aakaase uen suruja chandra
ଅପାର ତୋର ମହିମା	Apaara tora mahimaa
କରି କେ ପାରେ କଳନା	Kari ke paare kalanaa
ତୁହି ମା ସୁଖଦା ତୁହି ମା ବରଦା	Tuhi maa sukhadaa tuhi maa baradaa
ଜୟ ଦଶଭୁଜା ମା ଗୋ ବିରଜା	Jaya dasa bhujaa maa go birajaa
ମା ଗୋ ମମତାମୟୀ ମାତା	Maa go mamataa mayi maataa
ଦେବୀ ଭବାନୀ ଗିରିସୁତା	Debi bhabaani giri sutaa
ତୁହି ମା ସୁଖଦା ତୁହି ମା ବରଦା	Tuhi maa sukhadaa tuhi maa baradaa
ଜୟ ଦଶଭୁଜା ମା ଗୋ ବିରଜା	Jaya dasa bhujaa maa go birajaa

ମା ଲୋ ମହିମାମୟୀ — Maa Lo Mahimamayi

ଚଳଚ୍ଚିତ୍ର: ପରିବାର (1978)	*Movie: Paribaar (1978)*
କଣ୍ଠଶିଳ୍ପୀ: ଏଚ ପି ଗୀତା	*Singer: H.P. Geeta*
ସଙ୍ଗୀତ ନିର୍ଦ୍ଦେଶକ: ଉପେନ୍ଦ୍ର କୁମାର	*Composer: Upendra Kumar*
ଗୀତିକାର: ବୃନ୍ଦାବନ ଜେନା	*Lyricist: Brundaban Jena*
~~	~~~~~~~~~~~~~~~~~~~
ମା ଲୋ ମହିମାମୟୀ ଆଶିଷ ଦାୟିନୀ	Maa lo mahimaa mayi aasisa daayini
ଭୁବନ ମୋହିନୀ ତୁ ଜଗତ ତାରିଣୀ	Bhubana Mohini tu jagata taarini
ଦୂର କରୁ ସବୁ ଦୁଃଖ ଦୁଖୀ ମନ ଜାଣି	Dura karu sabu dukha dukhi mana jaani
ମା ବୋଲି ସିନା ଆଜି କରୁଛି ଦୟିନୀ	Maa boli sinaa aaji karuchi dayini
ମା ଲୋ ମହିମାମୟୀ ଆଶିଷ ଦାୟିନୀ	Maa lo mahimaa mayi aasisa daayini
କଟକେ କଟକଚଣ୍ଡୀ ବାଙ୍କୀରେ ଚର୍ଚ୍ଚିକା	Katake kataka chandi baanki re charchikaa
ଯାଜପୁରେ ବିରଜା ମା ଜନନୀ ଅମ୍ବିକା	Jaajapure birajaa maa Janani ambikaa
ସମ୍ବଲପୁରରେ ତୋର ନାମ ସମଲେଇ	Sambalapura re tora naama samalei
ଝଙ୍କଡେ ସାରଳା ନାମ ଥାଉ ତୁହି ବହି	Jhankade saaralaa naama thaau tuhi bahi
ମା ଲୋ ମହିମାମୟୀ ଆଶିଷ ଦାୟିନୀ	Maa lo mahimaa mayi aasisa daayini
ନାନା ସ୍ଥାନେ ନାନା ରୂପ ଧରି କରୁ ଲୀଳା	Naanaa sthaane naanaa rupa dhari karu lilaa
ଦୁନିଆରେ କେ ବୁଝିବ ତୋର ମାୟା ଖେଳା	Duniyaa re ke bujhiba tora maayaa khelaa
ସନ୍ତାନର ମନ ଜାଣି ଦେଇଥାଉ ବର	Santaana ra mana jaani dei thaau bara
ଜୁହାରେ ତୋ ପାଦ ତଳେ ପୁଣି ବାର ବାର	Juhaare to paada tale puni baara baara
ମା ଲୋ ମହିମାମୟୀ ଆଶିଷ ଦାୟିନୀ	Maa lo mahimaa mayi aasisa daayini

ମା ତୁମେ ଜଗତର ସାହା ଭରସା — Maa Tume Jagatara Saha Bharasaa

ଚଳଚ୍ଚିତ୍ର: ଆରତୀ (1981)	*Movie: Aarati (1981)*
କଣ୍ଠଶିଳ୍ପୀ: ପ୍ରଣବ ପଟ୍ଟନାୟକ	*Singer: Pranab Patnaik*
ସଙ୍ଗୀତ ନିର୍ଦ୍ଦେଶକ: ବାସୁଦେବ ରଥ	*Composer: Basudev Rath*
ଗୀତିକାର: ସୁରେନ୍ଦ୍ର ବିଦ୍ୟାଧର	*Lyricist: Surendra Bidyadhar*
~~	~~~~~~~~~~~~~~~~~~~~
ମା ତୁମେ ଜଗତର ସାହା ଭରସା	Maa tume jagata ra saahaa bharasaa
କହି କି ପାରିବ ସତେ	Kahi ki paariba sate
କାହାକୁ କନ୍ଦାଇ କାହିଁ କାହାକୁ ହସାଅ	Kaahaaku kandaai kaahin kaahaaku hasaao
ମା ତୁମେ ଜଗତର ସାହା ଭରସା	Maa tume jagata ra saahaa bharasaa
ସଂସାରରେ ସବୁ ପରା ଅଟେ ତୁମ ଲୀଳା	Sansaara re sabu paraa ate tuma lilaa
କୂଳ ପାଏ ନାହିଁ ମାଆ ମୋ ମନର ଭେଳା	Kula paaye naahin maa mo mana ra bhelaa
ଏତେ ବଡ଼ ଦୁନିଆରେ କିଏ ବା କାହାର	Ete bada duniyaare kiye baa kaahaara
କିଏ ବା ନିଜର ମୋର କାହାକୁ ମଣିବି ପର	Kiye baa nijara mora kaahaaku manibi para
ଏ ଯେ ଧୂଳି ଘର	E je dhuli ghara
ମା ତୁମେ ଜଗତର ସାହା ଭରସା	Maa tume jagata ra saahaa bharasaa
ଯିଏ ଯାହା ଖୋଜିଥାଏ ପାଏ ନାହିଁ ତାହା	Jiye jaahaa khoji thaaye paaye naahin taahaa
ଭାଗ୍ୟର ଲିଖନୀ ତୁମେ ଧରିଅଛ ମାଆ	Bhaagya ra likhani tume dhari achha maa
ସୁଖ ଦୁଃଖ ତୁମ ଦାନ ତୁମରି କରୁଣା	Sukha dukha tuma daana tumari karunaa
ଉଡଇ ଦେଉଳେ ବାନା	Udai deule baanaa
ତୁମରି ଅନ୍ତର ସିନା ଅଦେଖା ଅଜଣା	Tumari antara sinaa adekhaa ajanaa
ମା ତୁମେ ଜଗତର ସାହା ଭରସା	Maa tume jagata ra saahaa bharasaa
ସବୁ ଦେଖୁଅଛ ତୁମେ ପାଖେ ପାଖେ ରହି	Sabu dekhu achha tume paakhe paakhe rahi
ଏ ମଣିଷ ପାପ ପୁଣ୍ୟ ଯାହା କରୁଥାଇ	E manisa paapa punya jaahaa karu thaai
କରି କରାଉଛ ସବୁ, ସବୁ ତ ତୁମର	Kari karaauchha sabu, sabu ta tumara
କ୍ଷମାର ସାଗର ତୁମେ, ତୁମେ ଜନନୀ ଆମର	Khyamaa ra saagara tume, tume janani aamara
ଆହା କି ସୁନ୍ଦର	Aahaa ki sundara
ମା ତୁମେ ଜଗତର ସାହା ଭରସା	Maa tume jagata ra saahaa bharasaa

ମା ତୁମେ ମମତାର ସୀମାହୀନ ସାଗର Maa Tume Mamatara Simahina Sagara

ଚଳଚ୍ଚିତ୍ର: ଉଲକା (1981) *କଣ୍ଠଶିଳ୍ପୀ:* ସୁରେଶ ୱାଡେକର *ସଙ୍ଗୀତ ନିର୍ଦ୍ଦେଶକ:* ରାଜୁ ମିଶ୍ର *ଗୀତିକାର:* ସଚି ମହାନ୍ତି	*Movie: Ulka (1981)* *Singer: Suresh Wadekar* *Composer: Raju Mishra* *Lyricist: Sachi Mohanty*
~~	~~~~~~~~~~~~~~~~~~~
ମା ତୁମେ ମମତାର ସୀମାହୀନ ସାଗର ମା ତୁମେ ଆମ ପାଇଁ ଦେବତାର ମନ୍ଦିର	Maa tume mamataa ra simaa hina saagara Maa tume aama paain debataa ra mandira
ତୁମ ସେ ମମତା ବତୀ ଆମ ପାଇଁ ଆଲୋକ ଲିଭାଇଛି ଅମା ରାତି ମନେ ଭରି ପୁଲକ ତୁମେ ଯେ ସେନେହମୟୀ ସେନେହର ଝର ତୁମେ ଯେ ସେନେହମୟୀ ସେନେହର ଝର	Tuma se mamataa bati aama paain aaloka Libhaaichi amaa raati mane bhari pulaka Tume je seneha mayi seneha ra jhara Tume je seneha mayi seneha ra jhara
ମା ତୁମେ ମମତାର ସୀମାହୀନ ସାଗର ମା ତୁମେ ଆମ ପାଇଁ ଦେବତାର ମନ୍ଦିର	Maa tume mamataa ra simaa hina saagara Maa tume aama paain debataa ra mandira
ଏ ଆଖି ଦେଖିଛି ଯାହା ତୁମ ପ୍ରୀତି ଶରଧା ଆମ ଦୁଃଖେ ଦୁଃଖୀ ହୋଇ କର ସୁଖ ସଉଦା ଆମ ମୁଖେ ହସ ତୁମ ମନେ ଖୁସି ଆସର ତୁମରି ଆଶିଷେ ମା ଗୋ ହସୁ ଆମ ସଂସାର	E aakhi dekhichi jaahaa tuma priti saradhaa Aama dukhe dukhi hoi kara sukha saudaa Aama mukhe hasa tuma mane khusi aasara Tumari aasise maa go hasu aama sansaara
ମା ତୁମେ ମମତାର ସୀମାହୀନ ସାଗର ମା ତୁମେ ଆମ ପାଇଁ ଦେବତାର ମନ୍ଦିର	Maa tume mamataa ra simaa hina saagara Maa tume aama paain debataa ra mandira

ମହାବାହୁ ଅଖିଳ ଜଗତ ନାଥ

Mahabahu Akhila Jagata Naatha

ଚଳଚ୍ଚିତ୍ର: ବନ୍ଧୁ ମହାନ୍ତି (1977) *କଣ୍ଠଶିଳ୍ପୀ:* ପ୍ରଫୁଲ୍ଲ କର *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ଗୌରହରି ~~~~~~~~~~~~~~~~~~~~ ମହାବାହୁ ଅଖିଳ ଜଗତ ନାଥ ଅଖିଳ ଜଗତ ନାଥ ତୁମ୍ଭେ ଥାଉଁ ଥାଉଁ କାହା ପାଦ ତଳେ ଲୋଟାଇବି ମୋର ମାଥ ମହାବାହୁ ଲୋଟାଇବି ମୋର ମାଥ ... ମହାବାହୁ ... ଲାଜ ମାଡ଼େ ଏଥି ପାଇଁ ମହାବାହୁ ଲାଜ ମାଡ଼େ ଏଥି ପାଇଁ ଇତର ମାନଙ୍କୁ ହାତ ମଳିବିକି ତୁମ୍ଭଙ୍କୁ ଛାଡି ଗୋସାଇଁ ମହାବାହୁ ତୁମ୍ଭଙ୍କୁ ଛାଡି ଗୋସାଇଁ ... ମହାବାହୁ ... ଭଲେ ଅବଧାନ କର ମହାବାହୁ ଭଲେ ଅବଧାନ କର ତୁମ୍ଭ ବାହାରେ କେ ବଡ ଜଣେ ଅଛି ତା ଆଗେ ଯୋଡିବି କର ମହାବାହୁ ତା ଆଗେ ଯୋଡିବି କର ... ମହାବାହୁ ... ତୁମ୍ଭେ ତ ବିଚିତ୍ର କର୍ମା ମହାବାହୁ ତୁମ୍ଭେ ତ ବିଚିତ୍ର କର୍ମା ଆଉ ମୁଁ ସଂସାରେ କାହାକୁ କିମ୍ପାଇ ବୋଲିବି ବାବୁ ମଣିମା ମହାବାହୁ ବୋଲିବି ବାବୁ ମଣିମା ... ମହାବାହୁ ...	*Movie: Bandhu Mohanty (1977)* *Singer: Prafulla Kar* *Composer: Prafulla Kar* *Lyricist: Gaurahari* ~~~~~~~~~~~~~~~~~~~~ Mahaa baahu akhila jagata naatha akhila jagata naatha Tumbhe thaaun thaaun kaahaa paada tale Lotaaibi mora maatha mahaa baahu Lotaaibi mora maatha mahaa baahu ... mahaa baahu Laaja maade ethi paain mahaa baahu Laaja maade ethi paain Itara maananku haata malibi ki Tumbhanku chhaadi gossain mahaa baahu Tumbhanku chhaadi gossain .... mahaa baahu ... Bhale abadhaana kara mahaa baahu Bhale abadhaana kara Tumbha baahaare ke bada jane achhi Taa aage jodibi kara mahaa baahu Taa aage jodibi kara ... mahaa baahu ... Tumbhe ta bichitra karmaa mahaa baahu Tumbhe ta bichitra karmaa Aau mun sansaare kaahaaku kimpaai Bolibi baabu manimaa mahaa baahu Bolibi baabu manimaa ... mahaa baahu ...

ମଲ୍ଲୀମାଳ ଶ୍ୟାମକୁ ଦେବି — Mallimala Shyamaku Debi

ଚଳଚ୍ଚିତ୍ର: କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (1978) *କଣ୍ଠଶିଳ୍ପୀ:* ଏଚ. ପି. ଗୀତା, ଜଗନ୍ନାଥ ପାଣିଗ୍ରାହୀ *ସଙ୍ଗୀତ ନିର୍ଦ୍ଦେଶକ:* ଉପେନ୍ଦ୍ର କୁମାର *ଗୀତିକାର:* କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ~~~~~~~~~~~~~~~~~~~~	*Movie: Kabi Samrat Upendra Bhanja (1978)* *Singer: H.P.Geeta & Jagannath Panigrahi* *Composer: Upendra Kumar* *Lyricist: Kabi Samrat Upendra Bhanja* ~~~~~~~~~~~~~~~~~~~~
ମଲ୍ଲୀମାଳ ଶ୍ୟାମକୁ ଦେବି, ମନ ତୋଷିବି ଗ୍ରୀଷମ ହୋଇଲେ ବାସ ଚନ୍ଦନ ମୁଁ ଲେପିବି ମଲ୍ଲୀମାଳ ଶ୍ୟାମକୁ ଦେବି	Malli maala shyaama ku debi, mana tosibi Grisama hoile baasa chandana mun lepibi Malli maala shyaama ku debi …
ତା ଅଙ୍ଗରୁ ସ୍ୱେଦ ବାରି ଯଦି ପଡୁଥିବ ଝରି ମୋ ଦୃଷ୍ଟି ପଡନ୍ତେ କାନି ପଣନ୍ତରେ ପୋଛିବି ମଲ୍ଲୀମାଳ ଶ୍ୟାମକୁ ଦେବି …	Taa anga ru sweda baari jadi padu thiba jhari Mo drusti padante kaani pananta re pochhibi Malli maala shyaama ku debi …
ସେ ଯେବେ କରିବେ ମାନ ଭାଙ୍ଗି ଭୁଞ୍ଜାଇବି ପାନ ଗଣ୍ଡେ ଦେଇଣ ଚୁମ୍ବନ ହରଷ କରାଇବି ମଲ୍ଲୀମାଳ ଶ୍ୟାମକୁ ଦେବି …	Se jebe karibe maana bhaangi bhunjaaibi paana Gande deina chumbana harasa karaaibi Malli maala shyaama ku debi …
ତାଙ୍କୁ କରି ଗଳାହାର ସେବିବି ତାଙ୍କ ପୟର ସେ ଯେବେ ହୋଇବେ ବର, ହର ପୂଜା କରିବି ମଲ୍ଲୀମାଳ ଶ୍ୟାମକୁ ଦେବି …	Taanku kari galaa haara sebibi taanka payara Se jebe hoibe bara, hara pujaa karibi Malli maala shyaama ku debi …
ଉପଇନ୍ଦ୍ର ଭଞ୍ଜ କହି ରମଣୀରତନ ସହି ତାହାଙ୍କ ଚରଣେ ଧାୟି ଶରଣାଗତ ହେବି ମଲ୍ଲୀମାଳ ଶ୍ୟାମକୁ ଦେବି …	Upaindra bhanja kahi ramani ratana sahi Taahaanka charane dhyaai saranaagata hebi Malli maala shyaama ku debi …

ମଙ୍ଗଳେ ଅଇଲା ଉଷା

ଚଳଚ୍ଚିତ୍ର: କନକଲତା (1974)
କଣ୍ଠଶିଳ୍ପୀ: ସିକନ୍ଦର ଆଲାମ, ଇନ୍ଦିରା ନନ୍ଦ
ସଙ୍ଗୀତ ନିର୍ଦ୍ଦେଶକ: ଶ୍ରୀ କୁମାର, ବାଳକୃଷ୍ଣ ଦାଶ
ଗୀତିକାର: ସ୍ୱଭାବ କବି ଗଙ୍ଗାଧର ମେହେର
~~~~~~~~~~~~~~~~~~~~

ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଦୃଶା
ଜାନକୀ ଦର୍ଶନ ତୃଷା ହୃଦୟେ ବହି
କର ପଲ୍ଲବେ ନୀହାର ମୁକ୍ତା ଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ରାତି ପାହିଲା

ଅରୁଣ କଷାୟ ବାସ, କୁସୁମକାନ୍ତି ବିକାଶ
ପ୍ରଶାନ୍ତ ରୂପ, ବିଶ୍ୱାସ ଦିଅନ୍ତି ମନେ
କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି ଉପଶମନେ
ଦେବାପାଇଁ ନବଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ

ସମୀର ସଙ୍ଗୀତ ଗାଏ ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ
ଲଳିତ ମଧୁରେ କହିଲା
ଉଠ ସତୀ ରାଜରାଣୀ ରାତି ପାହିଲା

ମୁନି ମୁଖ ବେଦସ୍ୱନ ପୂର୍ଣ୍ଣ କଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାର
ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶୃତିକି ଗତି
ବହିଲା କି ସରସ୍ୱତୀ ବୀଣା ଝଙ୍କାର
ବେଳୁଁ ବେଳ ବନ ଉଜ୍ଜ୍ୱଳ
ମନ୍ତ୍ର ବଳେ ଯେହ୍ନେ ବଢି ଆସିଲା ବଳ

ଏ କାଳେ ବ୍ରହ୍ମଚାରିଣୀ ଅନୁକମ୍ପା ତପସ୍ୱିନୀ
ଆସି ଜନକ ନନ୍ଦିନୀ ପାଶେ ଗମ୍ଭୀରେ
ବୋଇଲେ ଉଠ ବୈଦେହୀ, ଉଷା ସୁକୁମାର ଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ
ତମସା ରହିଛି ଅନାଇ
କୋଳ କରି ଥରେ ସୁଖ ଲଭିବା ପାଇଁ

ପଦ୍ମିନୀ ହୃଦ ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ ମୂରତି
ଶୋକ ଜର୍ଜରିତ ଚିତ୍ତ- ଫଳକେ କରି ଚିତ୍ରିତ
ହେଲେ ଆସନ୍ନୁ ଉତ୍‌ଥିତ ଜାନକୀ ସତୀ
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ

ବୋଇଲେ ତାକୁ ପ୍ରଶଂସି ତୁମେ ତିମିର ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ
ତୁମ୍ଭ କୋମଳ ଚରଣ କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ
ଶୁଭ୍ର ସଉରଭ ରସିକେ
ଶୁଭ ସମ୍ପାଦିନୀ ହୁଅ ରଘୁବଂଶୀକେ

ଉତ୍‌ସୁକ ହୃଦୟେ ରାତ୍ରି- ଶେଷରେ ଆଶ୍ରମ ଧାତ୍ରୀ
ତମସା ନିର୍ମଳ ଗାତ୍ରୀ ପବିତ୍ର ଧାରା
ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ ନୀର ସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା
ମୁହୁର୍ମୁହୁ ମୀନ ନୟନେ
ଚାହୁଁଥିଲା ସୀତା ସତୀ ଶୁଭାଗମନେ

ଉଟଜୁ ତାପସକନ୍ୟା- ଗଣଙ୍କ ଆଦର ବନ୍ୟା
ପ୍ଳାବନେ ଜଗତ ଧନ୍ୟା ସତୀ ରତନ
ବାହାରି ଅବଗାହନେ ଅନୁକମ୍ପାଙ୍କ ଗହଣେ
ତମସା ଧାର ବହନେ କଲେ ଗମନ
ସତୀଙ୍କି ତମସା ଅଙ୍କରେ
ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ

ଅମୃତ ମଧୁର ସ୍ୱରେ ଭାଷିଲା ପରିତୋଷରେ
ମାଆଗୋ ମୋ ମାନସରେ ନ ଥିଲା ଆଶା
କରିବ ଅଙ୍କେ ବିହାର ରାଜଲକ୍ଷ୍ମୀ ହୃଦହାର
ସୀତା କରି ପରିହାର ଭୋଗ ପିପାସା
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ

** ଚଳଚିତ୍ରରେ ଭକ୍ତିଗୀତଟିର ଆଂଶିକ ପରିବେଷଣ ହୋଇଥିବା ସତ୍ତ୍ୱେ ଏହା ଏକ ବହୁଜନବିଦିତ ପାରମ୍ପରିକ ଗୀତ ହୋଇଥିବାରୁ ସମ୍ପୂର୍ଣ୍ଣ ରଚନାଟି ଏଠାରେ ପ୍ରକାଶିତ କରାଗଲା
~~~~~~~~~~~~~~~~~~~~

Mangale Ailaa Usha

Movie: Kanakalata (1974)
Singer: Sikandar Alam / Indira Nanda
Composer: Sri Kumar & Balakrushna Dash
Lyricist: Swabhaba kabi Gangadhar Meher
~~~~~~~~~~~~~~~~~~~

Mangale ailaa usaa bikacha raajiba drusaa
Jaanaki darsan trusaa hrudaye bahi
Kara pallabe nihaara muktaa dhari upahaara
Satinka baasa baahaara praangane rahi
Kalakantha kanthe kahilaa
Darasana diya sati raati paahilaa

Aruna kasaaya baasa kusuma kaanti bikaasa
Prasaanta rupa biswaasa diyanti mane
Keun jogeswari aasi madhura bhaase aswasi
Daakuchanti dukha raasi upasamane
Debaa paain naba jibana
Swargu ki olhaaichanti martya bhubana

Samira sangita gaaye bhramara binaa bajaae
Surabhi nartane thaae usaa nirdese
Kumbhatua hoi bhata arambhila staba patha
Kalinga ailaa paata maagadha bese
Lalita madhure kahilaa
Utha sati raaja raani raati paahilaa

Muni mukha beda swana
purna kalaa shyaama bana
Uthilaa bhedi gagana ucha om kaara
Baikunthe dei trupati ananta srutiki gati
Bahilaa ki saraswati binaa jhankaara
Belu bela bana ujjwala
Mantra bale jenhe badhi aasilaa bala

E kaale bramhachaarini anukampaa tapaswini
Aasi janaka nandini paase gambhire
Boile utha baidehi usaa sukumaara dehi
Aasichi darsana dei tosa bidhire
Tamasaa rahichi anaai
Kola kari thare sukha labhibaa paain

Padmini hruda sisira bindure khara rasmira
Pratibimba pari bira raama murati
Soka jarjarita chitta phalake kari chitrita
Hele asanu utthita jaanaki sati
Nami anukampaa payare
Bandile usaara pada sabinayare

Boile taaku prasansi tume timira bidhwansi
Rabi aagamana sansi hua sansaare
Tumbha komala charana kare jyoti aaharana
Tahin jaauchi sarana drudha aasaare
Subhra saurabha rasike
Subha sampaadini hua raghu bansike

Utsuka hrudaya raatri sesare aasrama dhaatri
Tamasaa nirmala gaatri pabitra dhaaraa
Prangane kusuma binchi subasita nira sinchi
Mangala pradeepa rachi prabhaati taaraa
Muhurmuhu mina nayane
Chaahunthilaa sitaa sati subhaagamane

Utaju taapasa kanya gananka aadara banyaa
Plaabane jagata dhanyaa sati ratana
Baahari abagaahane anukampaanka gahane
Tamasaa dhaara bahane kale gamana
Satinki tamasaa ankare
Gheni snehe alingilaa taranga kare

Amruta madhura sware bhaasilaa paritosa re
Maa’ go mo maanasa re na thilaa aasaa
Kariba anke bihaara raajalakhmi hrudahaara
Sitaa kari parihaara bhoga pipaasaa
Bhaagyabati mote sansaare
Bolibe to jogun ekaa parasansaa re

** Even though this song has been only partially picturized in the movie, the well-known traditional song is presented in its entirety here.
~~~~~~~~~~~~~~~~~~~

ମୋହନ ହେ ମୋହନ	Mohana Hey Mohana
ଚଳଚ୍ଚିତ୍ର: ଧରିତ୍ରୀ (1973) *କଣ୍ଠଶିଳ୍ପୀ:* ନିର୍ମଳା ମିଶ୍ର *ସଙ୍ଗୀତ ନିର୍ଦ୍ଦେଶକ:* ଉପେନ୍ଦ୍ର କୁମାର *ଗୀତିକାର:* ନାରାୟଣ ପ୍ରସାଦ ସିଂହ	*Movie: Dharitri (1973)* *Singer: Nirmala Mishra* *Composer: Upendra Kumar* *Lyricist: Narayan Prasad Singh*
~~	~~~~~~~~~~~~~~~~~~~~
ମୋହନ ହେ ମୋହନ ମନେ ପଡେ ସେଦିନ ଆକାଶର ସାତ ରଙ୍ଗ ଭରିଥିଲ ହସରେ ସାଗରର ନୀର ଆଜି ଝରିଯାଏ ଲୁହରେ	Mohana hey mohana Mane pade sedina Aakaasa ra saata ranga bharithila hasa re Saagara ra nira aaji jhari jaaye luha re
ଅଭିସାରେ ବିତେ ମୋ ରାତି ଯାଏ ବିତିଯାଏ ଦିବସ ସପନରେ ଆସ ଗୋ ନିତି ଆସ କରନାହିଁ ନିରାଶ ସତ ହୋଇ ଯାଅ ହଜି ରହିଯାଅ ଆଶାରେ	Abhisaare bite mo raati Jaaye biti jaaye dibasa Sapana re aasa go niti Aasa kara naahin niraasa Sata hoi jaao haji Rahi jaao aasaare
ପିଆସୀ ମୋ ନୟନ ଦୁଇ ରହେ ଚାହିଁରହେ କାହାରେ ବଧୂ ସାଜେ ନିଶିଥେ ନିତି ସାଜେ ନିରିଜନ ବେଳାରେ ତମ ବେଣୁ ମୁରୁଛନା ଶୁଣିବିନି କି ଥରେ	Piyaasi mo nayana dui Rahe chaahin rahe kaahaa re Badhu saaje nisithe niti Saaje nirijana belaa re Tama benu muruchhanaa Sunibini ki thare
ମୋହନ ହେ ମୋହନ ମନେ ପଡେ ସେଦିନ	Mohana hey mohana Mane pade sedina

ମୋର ଅନ୍ତର ମନ୍ଦିରେ ରହି

Mora Antara Mandire Rahi

ଚଳଚ୍ଚିତ୍ର: ମଲାଜହ୍ନ (1965) *କଣ୍ଠଶିଳ୍ପୀ:* ପ୍ରଣବ ପଟ୍ଟନାୟକ *ସଙ୍ଗୀତ ନିର୍ଦ୍ଦେଶକ:* ଅକ୍ଷୟ ମହାନ୍ତି *ଗୀତିକାର:* ବୈକୁଣ୍ଠନାଥ ବନମାଳୀ	*Movie: Malaa Janha (1965)* *Singer: Pranab Pattanaik* *Composer: Akshaya Mohanty* *Lyricist: Baikunthanath Banamali*
~~	~~~~~~~~~~~~~~~~~~~
ମୋର ଅନ୍ତର ମନ୍ଦିରେ ରହି କୁହୁକରେ ଦେଉଛ ଭୁଲାଇ ରହି ନିକଟରେ ଖୋଜାଉଛ ଦୂରେ ଜୀବ ମରେ ଧାଇଁ ଧାଇଁ ଅନ୍ତର ମନ୍ଦିରେ ରହି	Mora antara mandire rahi Kuhuka re deucha bhulaai Rahi nikata re khojaaucha dure Jiba mare dhaain dhaain Antara mandire rahi
ଦିଶି ଦିଶି ଯାଉଛ ତ ଲୁଚି କିବା କେଉଁ ଭାବ ମନେ ପାଞ୍ଚି ଭକତିର ମାଳା ଗୁନ୍ଥି ରଖିଅଛି ନେବ କି ନ ନେବ ଦିଅ କହି ଅନ୍ତର ମନ୍ଦିରେ ରହି	Disi disi jaaucha ta luchi Kibaa keun bhaaba mane paanchi Bhakati ra maalaa gunthi rakhi achhi Neba ki na neba diya kahi Antara mandire rahi
ତୁମେ ଭକତି ପାଶେ ବନ୍ଧା ସେଥିପାଇଁ କର ଏତେ ଧନ୍ଦା ଅନ୍ଧାରେ ଏତେ କନ୍ଦାଅନା ମୋତେ ପାଶେ ନିଅ ଆଲୋକ ଦେଇ ଅନ୍ତର ମନ୍ଦିରେ ରହି	Tume bhakati paase bandhaa Sethi paain kara ete dhandaa Andhaare ete kandaao naa mote Paase niya aaloka dei Antara mandire rahi

ମୁକୁନ୍ଦ ମୁରାରି **Mukunda Murari**

ଚଳଚ୍ଚିତ୍ର: ମୁକ୍ତି (1977) *କଣ୍ଠଶିଳ୍ପୀ:* ବାଣୀ ଜୟରାମ *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ଶିବବ୍ରତ ଦାସ	*Movie: Mukti (1977)* *Singer: Vani Jayaram* *Composer: Prafulla Kar* *Lyricist: Shibabrata Das*
~~	~~~~~~~~~~~~~~~~~~~~
ମୁକୁନ୍ଦ ମୁରାରି .. ହେ ଚକ୍ରଧାରୀ ଶରଣ ଦିଅ ପୟରେ ଜୟ ଜୟ ନାଥ ହରେ, ହରେ ଜୟ ଜୟ ନାଥ ହରେ ... ମୁକୁନ୍ଦ ମୁରାରି	Mukunda muraari ... hey chakra dhaari Sarana diya paya re Jaya jaya naatha hare, hare Jaya jaya naatha hare ... Mukunda muraari
ଅନ୍ତରତମ ପ୍ରାଣର ପ୍ରତିମ ଅନାଥ ଜୀବନବନ୍ଧୁ ହେ ଅଗତିର ଗତି କ୍ଷମାର ମୂରତି କରୁଣା ପିୟୁଷ ସିନ୍ଧୁ ହେ ଜଗନ୍ନାଥ ସ୍ୱାମୀ ହେ ନୟନ ପଥ ଗାମୀ ଜୟ ଜୟ ନାଥ ହରେ, ହରେ ଜୟ ଜୟ ନାଥ ହରେ ... ମୁକୁନ୍ଦ ମୁରାରି	Antaratama praana ra pratima Anaatha jibana bandhu hey Agati ra gati khyamaa ra murati Karunaa piyusa sindhu hey Jagannatha swami Hey nayana patha gaami Jaya jaya naatha hare, hare Jaya jaya naatha hare ... Mukunda muraari
ଅନ୍ଧାର ଅମା ଆକାଶେ ମଣିମା ତୁମେ ତ ପୂର୍ଣ୍ଣିମା ବିନ୍ଦୁ ହେ ଭକତ ଜନର ମନର ସାଗରେ ତୁମେ ତ ମୁକୁତା ବିନ୍ଦୁ ହେ ଜଗନ୍ନାଥ ସ୍ୱାମୀ ହେ ନୟନ ପଥ ଗାମୀ ଜୟ ଜୟ ନାଥ ହରେ, ହରେ ଜୟ ଜୟ ନାଥ ହରେ ... ମୁକୁନ୍ଦ ମୁରାରି	Andhaara amaa aakaase manimaa Tume ta purnimaa bindu hey Bhakata janara manara saagare Tume ta mukutaa bindu hey Jagannatha swami Hey nayana patha gaami Jaya jaya naatha hare, hare Jaya jaya naatha hare ... Mukunda muraari

ନ ଯା ରାଧିକା — Na Ja Radhika

ଚଳଚ୍ଚିତ୍ର: ସିନ୍ଦୁର ବିନ୍ଦୁ (1976) *କଣ୍ଠଶିଳ୍ପୀ:* ରଘୁନାଥ ପାଣିଗ୍ରାହୀ *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ଶିବବ୍ରତ ଦାସ	*Movie: Sindura Bindu (1976)* *Singer: Raghunath Panigrahi* *Composer: Prafulla Kar* *Lyricist: Shibabrata Das*
~~	~~~~~~~~~~~~~~~~~~~
ନ ଯା ରାଧିକା ଏକା ଏକା	Na jaa raadhikaa ekaa ekaa
ନ ଯା ରାଧିକା ଏକା ଏକା	Na jaa raadhikaa ekaa ekaa
ମାନ ଗୋ ମନା ନ ଯା ଯମୁନା	Maana go manaa na jaa jamunaa
ଜଗିଛି କାହ୍ନା	Jagichi kaanhaa
ନ ଯା ରାଧିକା ...	Na jaa raadhikaa ...
ନନ୍ଦ ସୁତ ବଡ଼ ଅଝଟ	Nanda suta bada ajhata
ବସିଛି ଜଗି ଯମୁନା ଘାଟ	Basichi jagi jamunaa ghaata
ଦେଖିଲେ ଏକା କରିବ ହଟ	Dekhile ekaa kariba hata
ନ ଯା ଗୋ ବ୍ରଜ ରସିକା	Na jaa go braja rasikaa
ନ ଯା ରାଧିକା ...	Na jaa raadhikaa ...
ସହଜେ ତୁ ଗୋ କୋମଳ ମତି	Sahaje tu go komala mati
ନ ବୁଝି କାହ୍ନୁ କପଟ ରୀତି	Na bujhi kaanhu kapata riti
ଦଗାଦିଆକୁ ଦେଇ ତୋ ପ୍ରୀତି	Dagaa diyaa ku dei to priti
ଘେନିବୁ କଳଙ୍କ ଟିକା	Ghenibu kalanka tikaa
ନ ଯା ରାଧିକା ...	Na jaa raadhikaa ...

## ନମସ୍ତେ ପ୍ରଭୁ ଜଗନ୍ନାଥ	## Namaste Prabhu Jagannatha
ଚଳଚ୍ଚିତ୍ର: ବନ୍ଧୁ ମହାନ୍ତି (1977) *କଣ୍ଠଶିଳ୍ପୀ:* ପ୍ରଫୁଲ୍ଲ କର *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ଅତିବଡୀ ଜଗନ୍ନାଥ ଦାସ ~~~~~~~~~~~~~~~~~~~ ନମସ୍ତେ ପ୍ରଭୁ ଜଗନ୍ନାଥ ଅନାଥ ଲୋକଙ୍କର ନାଥ ନମସ୍ତେ ପ୍ରଭୁ ବାସୁଦେବ ଭକତ ଜନଙ୍କ ବାନ୍ଧବ ନମସ୍ତେ ପ୍ରଭୁ ଜଗନ୍ନାଥ ତୁ ବ୍ରହ୍ମା ରୁଦ୍ର ବିଷ୍ଣୁ ତୁହି ତୋ ବିନୁ ଅନ୍ୟ ଗତି ନାହିଁ ତୁହିଟି ଅଗ୍ନି ଦେବ ଇନ୍ଦ୍ର ନୟନୁ ଜାତ ସୂର୍ଯ୍ୟ ଚନ୍ଦ୍ର ନମସ୍ତେ ପ୍ରଭୁ ବାସୁଦେବ ଭକତ ଜନଙ୍କ ବାନ୍ଧବ ନମସ୍ତେ ପ୍ରଭୁ ଜଗନ୍ନାଥ ଭୁଜରୁ ଅନନ୍ତ ମୂରତି କଣ୍ଠରୁ ଜାତ ସରସ୍ୱତୀ ସଦା ଚଞ୍ଚଳ ନିଦ୍ରା ନାହିଁ ସେ ରୂପେ ଶୂନ୍ୟେ ଅଛୁ ରହି ନମସ୍ତେ ପ୍ରଭୁ ବାସୁଦେବ ଭକତ ଜନଙ୍କ ବାନ୍ଧବ ନମସ୍ତେ ପ୍ରଭୁ ଜଗନ୍ନାଥ ଅଶେଷ ତୋହର ମହିମା କେ ଜାଣିପାରେ ଗୁଣସୀମା ଦୁଷ୍ଟ ନିବାରି ସନ୍ଥ ପାଳୁ ତୁ ନାଥ ପରମ ଦୟାଳୁ ନମସ୍ତେ ପ୍ରଭୁ ବାସୁଦେବ ଭକତ ଜନଙ୍କ ବାନ୍ଧବ ନମସ୍ତେ ପ୍ରଭୁ ଜଗନ୍ନାଥ	*Movie: Bandhu Mohanty (1977)* *Singer: Prafulla Kar* *Composer: Prafulla Kar* *Lyricist: Atibadi Jagannatha Das* ~~~~~~~~~~~~~~~~~~~ Namaste prabhu Jagannatha Anaatha lokankara naatha Namaste prabhu baasudeba Bhakata jananka baandhaba Namaste prabhu Jagannatha Tu bramhaa rudra bishnu tuhi To binu anya gati naahin Tuhi ti agni deba indra Nayanu jaata surjya chandra Namaste prabhu baasudeba Bhakata jananka baandhaba Namaste prabhu Jagannatha Bhuja ru ananta murati Kantha ru jaata saraswati Sadaa chanchala nidraa naahin Se rupe sunye achhu rahi Namaste prabhu baasudeba Bhakata jananka baandhaba Namaste prabhu Jagannatha Asesa tohara mahimaa Ke jaani paare guna simaa Dusta nibaari santha paalu Tu naatha parama dayaalu Namaste prabhu baasudeba Bhakata jananka baandhaba Namaste prabhu Jagannatha

ନୀଳମାଧବ ହେ

Neela Madhaba He

ଚଳଚ୍ଚିତ୍ର: ନୀଳମାଧବ (1979) *କଣ୍ଠଶିଳ୍ପୀ:* ଭିକାରି ବଳ *ସଙ୍ଗୀତ ନିର୍ଦ୍ଦେଶକ:* ନିର୍ମଳ କୁମାର *ଗୀତିକାର:* ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ~~~~~~~~~~~~~~~~~~~ ନୀଳମାଧବ ହେ ଘେନ ବାରେ ମୋ ମିନତି ଚରଣ ତଳେ ମୁଁ ଶରଣ ପଶୁଛି କରୁଣା କର ଶ୍ରୀପତି ଘେନ ବାରେ ମୋ ମିନତି ନୀଳମାଧବ ହେ ... ତୁମେ ତ ଗଢ଼ିଛ ଏ ନୀଳ ଆକାଶ ଗଢ଼ିଛ ଏ ବନ ଗିରି ଦେଇଛ ଫୁଲରେ ଜାତି ଜାତି ରଙ୍ଗ ଦେଇଛ ସୁବାସ ଭରି ତୁମରି ଆଦେଶେ ଆତ ଜାତ ଜୀବ ତୁମ ବିନା କାହିଁ ଗତି ଘେନ ବାରେ ମୋ ମିନତି ନୀଳମାଧବ ହେ ... ମହାପ୍ରଭୁ ତୁମେ ଦୟାର ସାଗର ତୁମରି କରୁଣା ବଳେ ମହାମୂର୍ଖ ସିନା ବୋଲାଏ ପଣ୍ଡିତ ପଥର ଭାସଇ ଜଳେ ଶ୍ରୀଚରଣେ ହରି ଏତିକି ଗୁହାରୀ ରହୁ ପଦେ ସଦା ମତି ଘେନ ବାରେ ମୋ ମିନତି ନୀଳମାଧବ ହେ ...	*Movie: Nila Madhaba (1979)* *Singer: Bhikari Bal* *Composer: Nirmal Kumar* *Lyricist: Purnachandra Mallik* ~~~~~~~~~~~~~~~~~~~ Nila maadhaba hey Ghena baare mo minati Charana tale mun sarana pasuchi Karunaa kara sripati Ghena baare mo minati Nila maadhaba hey ... Tume ta gadhicha e nila aakaasa Gadhicha e bana giri Deicha phula re jaati jaati ranga Deicha subaasa bhari Tumari aadese aata jaata jiba Tuma binaa kaahin gati Ghena baare mo minati Nila maadhaba hey ... Mahaa prabhu tume dayaa ra saagara Tumari karunaa bale Mahaa murkha sinaa bolaaye pandita Pathara bhaasai jale Sri charane hari etiki guhaari Rahu pade sadaa mati Ghena baare mo minati Nila maadhaba hey ...

ନୀଳାଦ୍ରି ବିହାରୀ ହରି Niladri Bihari Hari

ଚଳଚ୍ଚିତ୍ର: ସୂର୍ଯ୍ୟମୁଖୀ (1963) *କଣ୍ଠଶିଳ୍ପୀ:* ପ୍ରଣବ ପଟ୍ଟନାୟକ *ସଙ୍ଗୀତ ନିର୍ଦ୍ଦେଶକ:* ଶାନ୍ତନୁ ମହାପାତ୍ର *ଗୀତିକାର:* ଗୁରୁକୃଷ୍ଣ ଗୋସ୍ୱାମୀ ~~~~~~~~~~~~~~~~~~~~	*Movie: Surjyamukhi (1963)* *Singer: Pranab Patnaik* *Composer: Shantanu Mohapatra* *Lyricist: Gurukrishna Goswami* ~~~~~~~~~~~~~~~~~~~~
ନୀଳାଦ୍ରି ବିହାରୀ ହରି ଦୀନବନ୍ଧୁ ଦଇତାରୀ ଦୀନ ଜନେ ନାଥ ଦୟା କର ତୁମରି ଛାମୁରେ ଆଜି କରୁଛି ମୁଁ ଅରଜି ଦୟା କର ପ୍ରଭୁ ଦୟା କର	Nilaadri bihaari hari Dinabandhu daitaari Dina jane naatha dayaa kara Tumari chhaamu re aaji Karuchhi mun araji Dayaa kara prabhu dayaa kara
ଇନ୍ଦ୍ର ଆସନ ମାଗୁନାହିଁ ଇନ୍ଦ୍ର ଭୁବନ ମାଗୁନାହିଁ ଖୋଜୁନାହିଁ ନାଥ ମରତର ଧନ ଚାହୁଁନାହିଁ ପ୍ରଭୁ ମରତରେ ମାନ ଚରଣେ ତୁମରି କରୁଛି ଗୁହାରି ଦୀନ ଜନେ ପ୍ରଭୁ ଦୟା କର ଦୟା କର	Indra aasana maagu naahin Indra bhubana maagu naahin Khoju naahin naatha maratara dhana Chaahun naahin prabhu marata re maana Charane tumari karuchi guhaari Dina jane prabhu dayaa kara Dayaa kara
ଚକ୍ରଧାରୀ ହେ କହୁନାହିଁ ଚକ୍ର ଉହାଡ଼େ ରଖ ନେଇ କରୁନାହିଁ ଅଳି ଦିଅ ବୋଲି ସୁଖ କହୁନାହିଁ ପ୍ରଭୁ ନ ଦିଅ ହେ ଦୁଃଖ କହୁଛି ଏତିକି ମାଗୁଛି ଏତିକି ଦୀନ ଜନେ ପ୍ରଭୁ ଦୟା କର ଦୟା କର ଦୟା କର ପ୍ରଭୁ ଦୟା କର	Chakra dhaari hey kahu naahin Chakra uhaade rakha nei Karu naahin ali diya boli sukha Kahu naahin prabhu na diya he dukha Kahuchi etiki maaguchi etiki Dina jane prabhu dayaa kara Dayaa kara Dayaa kara prabhu dayaa kara

ନିର୍ଗୁଣ ଆତ୍ମା ଗୁଣବନ୍ତ **Nirguna Atmaa Gunabanta**

ଚଳଚ୍ଚିତ୍ର: ବନ୍ଧୁ ମହାନ୍ତି (1977) *କଣ୍ଠଶିଳ୍ପୀ:* ପ୍ରଫୁଲ୍ଲ କର *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ବୃନ୍ଦାବନ ଜେନା ~~~~~~~~~~~~~~~~~~~ ନିର୍ଗୁଣ ଆତ୍ମା ଗୁଣବନ୍ତ ତୋର ମହିମା ଗୋପୀନାଥ ତୋର ମହିମା ନିର୍ଗୁଣ ଆତ୍ମା ଗୁଣବନ୍ତ ... ବ୍ରହ୍ମାଣ୍ଡେ ଦେହବନ୍ତ ହୋଇ ତୋ ଗୁଣ କେ ପାରିବ କହି ଭୂମିରେ ଯେତେ ରେଣୁ ଛନ୍ତି ଆକାଶେ ଯେତେ ତାରା ପନ୍ତି ତୋର ମହିମା ଗୋପୀନାଥ ତୋର ମହିମା ବରଷା ଧାରା ପଡେ ଯେତେ କେ ଜାଣିପାରେ ଏ ଜଗତେ ଏ ତିନି ଗଣନେ ସମର୍ଥ କେହି ବା ଥିବେ ଏ ଜଗତ ତୋର ମହିମା ଗୋପୀନାଥ ତୋର ମହିମା ତୋର ମହିମାଗଣ ଗଣି ସଂସାରେ ଅଛି କେଉଁ ପ୍ରାଣୀ ଯାହାକୁ ହେଉ ତୁ ସଦୟେ ସେ ନ ପଡଇ ମାୟା ମୋହେ ତୋର ମହିମା ଗୋପୀନାଥ ତୋର ମହିମା ନିର୍ଗୁଣ ଆତ୍ମା ଗୁଣବନ୍ତ ତୋର ମହିମା	*Movie: Bandhu Mohanty (1977)* *Singer: Prafulla Kar* *Composer: Prafulla Kar* *Lyricist: Brundaban Jena* ~~~~~~~~~~~~~~~~~~~ Nirguna aatmaa gunabanta Tora mahimaa Goipnaatha tora mahimaa Nirguna aatmaa gunabanta Bramhaande dehabanta hoi To guna ke paariba kahi Bhumire jete renu chhanti Aakaase jete taaraa panti Tora mahimaa Goipnaatha tora mahimaa Barasaa dhaaraa pade jete Ke jaani paare e jagate E tini ganane samartha Kehi baa thibe e jagata Tora mahimaa Goipnaatha tora mahimaa Tora mahimaa gana gani Sansaare achhi keun praani Jaahaaku heu tu sadaye Se na padai maayaa mohe Tora mahimaa Goipnaatha tora mahimaa Nirguna aatmaa gunabanta Tora mahimaa

ପ୍ରଭୁ ପଦ ତଳେ ପ୍ରଣତି ଢାଳେ — Prabhu Pada Tale Pranati Dhaale

ଚଳଚ୍ଚିତ୍ର: ଘର ସଂସାର (1973) *କଣ୍ଠଶିଳ୍ପୀ:* ଭିକାରି ବଳ, ନିର୍ମଳା ମିଶ୍ର *ସଙ୍ଗୀତ ନିର୍ଦ୍ଦେଶକ:* ରାଖାଲ ମହାନ୍ତି *ଗୀତିକାର:* ନାରାୟଣ ପ୍ରସାଦ ସିଂହ ~~~~~~~~~~~~~~~~~~~	*Movie: Ghara Sansara (1973)* *Singer: Bhikari Bal, Nirmala Mishra* *Composer: Rakhal Mohanty* *Lyricist: Narayan Prasad Singh* ~~~~~~~~~~~~~~~~~~~
ପ୍ରଭୁ ପଦ ତଳେ ପ୍ରଣତି ଢାଳେ ତୋଳି ପୂଜା ଫୁଲ ସଞ୍ଜ ସକାଳେ ପ୍ରଭୁ ପଦ ତଳେ ପ୍ରଣତି ଢାଳେ	Prabhu pada tale pranati dhaale Toli puja phula sanja sakaale Prabhu pada tale pranati dhaale
ମଙ୍ଗଳମୟ ତୁମରି କରୁଣା ଜୀବନରେ ଭରେ ସକଳ କାମନା ଶାନ୍ତିର ସୁର ତୋଳେ ପ୍ରଭୁ ପଦ ତଳେ ପ୍ରଣତି ଢାଳେ	Mangalamaya tumari karunaa Jibana re bhare sakala kaamanaa Saanti ra sura tole Prabhu pada tale pranati dhaale
ଚାଲିବାକୁ ତୁମେ ଦେଖାଇଛ ପଥ ଗାଇବାକୁ ତୁମେ ଶିଖାଇଛ ଗୀତ ଗାଏ ନିବେଦନ ସୁରେ ପ୍ରଭୁ ପଦ ତଳେ ପ୍ରଣତି ଢାଳେ	Chaalibaaku tume dekhaaicha patha Gaaibaaku tume sikhaaicha gita Gaaye nibedana sure Prabhu pada tale pranati dhaale
ତୁମରି ଆଶିଷେ ସୁନ୍ଦର ଧରା ପ୍ରିୟ ପରିଜନ ବନ୍ଧୁରେ ଭରା ମମତାର ମଧୁ ଝରେ ପ୍ରଭୁ ପଦ ତଳେ ପ୍ରଣତି ଢାଳେ	Tumari aasise sundara dharaa Priya parijana bandhu re bharaa Mamataa ra madhu jhare Prabhu pada tale pranati dhaale

ପ୍ରଭୁ ପରଂବ୍ରହ୍ମ ପରମେ	Prabhu Param Bramha Parame
ଚଳଚ୍ଚିତ୍ର: ରାମାୟଣ (1980) *କଣ୍ଠଶିଳ୍ପୀ:* ସୁବାଷ ଦାସ *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ପ୍ରଫୁଲ୍ଲ କର ~~~~~~~~~~~~~~~~~~~~	*Movie: Ramayan (1980)* *Singer: Subhas Das* *Composer: Prafulla Kar* *Lyricist: Prafulla Kar* ~~~~~~~~~~~~~~~~~~~~
ପ୍ରଭୁ ପରଂବ୍ରହ୍ମ ପରମେ ପ୍ରଭୁ ପରଂବ୍ରହ୍ମ ପରମେ କୋଟି ପ୍ରଣତି ତୋର ଚରଣେ ଯୁଗେ ଯୁଗେ ତୁ ନାଥ ହେଉ ଧରାରେ ଜାତ ତୋର ଭକତ ହିତ କାରଣେ କୋଟି ପ୍ରଣତି ତୋର ଚରଣେ	Prabhu param bramha parame Prabhu param bramha parame Koti pranati tora charane Juge juge tu naatha Heu dharaa re jaata Tora bhakata hita kaarane Koti pranati tora charane
ଚକ୍ରଧାରୀ ତୁହି କୋଦଣ୍ଡଧାରୀ ଅଶେଷ ରୂପେ ଅବତରି ପାଳୁ ତୁ ସନ୍ଥ ସଦା ଦୁଷ୍ଟ ନିବାରି ସକଳ ଜୀବ ଦୁଃଖହାରୀ ପ୍ରଭୁ ପରଂବ୍ରହ୍ମ ପରମେ କୋଟି ପ୍ରଣତି ତୋର ଚରଣେ	Chakra dhaari tuhi kodanda dhaari Asesa rupe abatari Paalu tu santha sadaa dusta nibaari Sakala jiba dukha haari Prabhu param bramha parame Koti pranati tora charane
ମୁକ୍ତିଦାତା ତୁହି ମଙ୍ଗଳକାରୀ ତୋହରି ପଥ ଅନୁସରି କେତେ ଅଛନ୍ତି ପାପୀ ତୋତେ ସୁମରି ଲଭିବା ପାଇଁ କୃପାବାରି ପ୍ରଭୁ ପରଂବ୍ରହ୍ମ ପରମେ କୋଟି ପ୍ରଣତି ତୋର ଚରଣେ	Mukti daataa tuhi mangala kaari Tohari patha anusari Kete achhanti paapi tote sumari Labhibaa paain krupaa baari Prabhu param bramha parame Koti pranati tora charane
ବ୍ରହ୍ମା ଇନ୍ଦ୍ର ଯେଉଁ ଚରଣ ଧୂଳି ଖୋଜନ୍ତି ଯୁଗ ଯୁଗ ଧରି ଭକ୍ତେ ଦେଇ ସେ ପାଦପଦ୍ମ ମାଧୁରୀ ଭବ ସାଗରୁ କରୁ ପାରି ପ୍ରଭୁ ପରଂବ୍ରହ୍ମ ପରମେ କୋଟି ପ୍ରଣତି ତୋର ଚରଣେ	Bramhaa indra jeun charana dhuli Khojanti juga juga dhari Bhakte dei se paada padma maadhuri Bhaba saagaru karu paari Prabhu param bramha parame Koti pranati tora charane

ପ୍ରଣତି ଜଣାଏ ତୋର ଚରଣେ — Pranati Janaye Tora Charane

ଚଳଚ୍ଚିତ୍ର: ଝିଅଟି ସୀତା ପରି (1983)	*Movie: Jhiati Sita Pari (1983)*
କଣ୍ଠଶିଳ୍ପୀ: ଅନୁରାଧା ପୋଡ଼୍ୱାଲ	*Singer: Anuradha Poudwal*
ସଙ୍ଗୀତ ନିର୍ଦ୍ଦେଶକ: ସରୋଜ ପଟ୍ଟନାୟକ	*Composer: Saroj Patnaik*
ଗୀତିକାର: ଶିବବ୍ରତ ଦାସ	*Lyricist: Shibabrata Das*
~~	~~~~~~~~~~~~~~~~~~~
କରୁଣାମୟୀ ତୁ ଜଗତ ଜନନୀ	Karunaa mayi tu jagata Janani
ଅଭୟ ଦାୟିନୀ ତୁହି ମା ତାରିଣୀ	Abhaya daayini tuhi maa taarini
ପ୍ରଣତି ଜଣାଏ ତୋର ଚରଣେ	Pranati janaaye tora charane
ମା ଗୋ ପ୍ରଣତି ଜଣାଏ ତୋର ଚରଣେ	Maa go pranati janaaye tora charane
ଏତିକି ମିନତି ଶୁଣ ଆଜି ମୋର	Etiki minati suna aaji mora
ସଜାଡି ଦିଅ ମା ଉଜୁଡା ଏ ଘର	Sajaadi diya maa ujudaa e ghara
ଶରଣ ଗଲି ମୁଁ ତୋର ଚରଣେ	Sarana gali mun tora charane
ମା ଗୋ ପ୍ରଣତି ଜଣାଏ ତୋର ଚରଣେ	Maa go pranati janaaye tora charane
ମା ... ଅମା ଅନ୍ଧାର ଦିଅ ପଛେ ମୋତେ	Maa .. amaa andhaara diya pachhe mote
ଭରିଦିଅ ମା ଗୋ ଆଲୋକ ଜଗତେ	Bhari diya maa go aaloka jagate
ଆଲୋକ ଜଗତେ .. ଆଲୋକ ଜଗତେ	Aaloka jagate ... aaloka jagate
ଆଉ କିଛି ଆଶା ନାହିଁ ଏ ମନେ	Aau kichhi aasaa naahin e mane
ମା ଗୋ ପ୍ରଣତି ଜଣାଏ ତୋର ଚରଣେ	Maa go pranati janaaye tora charane
ମା .. ଲୁହ ଦେଇ ମୋତେ କାହାରି ଆଖିର	Maa ... luha dei mote kaahaari aakhi ra
ସେ ଓଠେ ଦିଅ ମା ହସର ଜୁଆର	Se othe diya maa hasara juaara
ହସର ଜୁଆର ... ହସର ଜୁଆର	Hasara juaara ... hasara juaara
ଚାହେନା ମୁଁ କିଛି ଆଉ ଜୀବନେ	Chaahe naa mun kichhi aau jibane
ମା ଗୋ ପ୍ରଣତି ଜଣାଏ ତୋର ଚରଣେ	Maa go pranati janaaye tora charane
କରୁଣାମୟୀ ତୁ ଜଗତ ଜନନୀ	Karunaa mayi tu jagata Janani
ଅଭୟ ଦାୟିନୀ ତୁହି ମା ତାରିଣୀ	Abhaya daayini tuhi maa taarini
ପ୍ରଣତି ଜଣାଏ ତୋର ଚରଣେ	Pranati janaaye tora charane
ମା ଗୋ ପ୍ରଣତି ଜଣାଏ ତୋର ଚରଣେ	Maa go pranati janaaye tora charane

ପୁତ୍ର ସ୍ନେହେ ହେଲୁ ବାଇ

Putra Snehe Helu Bai

ଚଳଚ୍ଚିତ୍ର: ମନ ମନ୍ଦିର (1977)	*Movie: Mana Mandira (1977)*
କଣ୍ଠଶିଳ୍ପୀ: ଚିତ୍ତ ଜେନା	*Singer: Chitta Jena*
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର	*Composer: Prafulla Kar*
ଗୀତିକାର: ପ୍ରଫୁଲ୍ଲ କର	*Lyricist: Prafulla Kar*
~~	~~~~~~~~~~~~~~~~~~~
ଆହା କି ଅପୂର୍ବ ଶୋଭାରେ	Aahaa ki apurba sobhaa re
କୋଳେ ଧରି କୃଷ୍ଣ ଆନନ୍ଦେ ମଗନ	Kole dhari Krishna aanande magana
ନନ୍ଦରାଣୀ ଗୋପପୁରେ	Nanda raani gopa pure
ପୁତ୍ର ସ୍ନେହେ ହେଲୁ ବାଇ ଗୋ ଯଶୋଦେ	Putra snehe helu baai go jasode
ପୁତ୍ର ସ୍ନେହେ ହେଲୁ ବାଇ	Putra snehe helu baai
ଅନ୍ତ ଚିରି ଜାତ କରିନୁ ସିନା ଲୋ	Anta chiri jaata karinu sinaa lo
ତୋ ରଙ୍କରତନ ସେହି ଗୋ ଯଶୋଦେ	To ranka ratana sehi go jasode
ପୁତ୍ର ସ୍ନେହେ ହେଲୁ ବାଇ	Putra snehe helu baai
ଯତନେ ପିନ୍ଧାଉ ମୟୂର ଚନ୍ଦ୍ରିକା	Jatane pindhaau mayura chandrikaa
ଗଳାରେ କୁସୁମ ହାର	Galaa re Kusuma haara
ଖେଳାଇ ବଳାଇ ଭୁଞ୍ଜାଉ ବଳାକୁ	Khelaai balaai bhunjaau balaa ku
ଆଦରେ ଲବଣି ସର	Aadare labani sara
ଆଖିରୁ ଉହାଡ଼ ହେଲେ ତ କୁମର	Aakhiru uhaada hele ta kumara
ଅଧୀରେ ଯାଉ ତୁ ଧାଇଁ ଗୋ ଯଶୋଦେ	Adhire jaau tu dhaain go jasode
ପୁତ୍ର ସ୍ନେହେ ହେଲୁ ବାଇ	Putra snehe helu baai
ବିଧିର ବିଧାନ ମାନି ଶ୍ୟାମଘନ	Bidhi ra bidhaana maani shyaama ghana
ଯେବେ ଗଲେ ମଧୁପୁରେ	Jebe gale madhu pure
ବିକଳେ ମାତା ଗୋ କାନ୍ଦିଲୁ ବାହୁନି	Bikale maataa go kaandilu baahuni
ପୁତ୍ର ରହିଗଲା ଦୂରେ	Putra rahi galaa dure
ଥନ ଭାଙ୍ଗି କ୍ଷୀର ଦେଇଥିଲୁ ସିନା	Thana bhaangi khira dei thilu sinaa
ତୋ ଦୁଃଖ ବୁଝିଲା ନାହିଁ ଗୋ ଯଶୋଦେ	To dukha bujhilaa naahin go jasode
ପୁତ୍ର ସ୍ନେହେ ହେଲୁ ବାଇ	Putra snehe helu baai
ପୁତ୍ର ସ୍ନେହେ ହେଲୁ ବାଇ	Putra snehe helu baai

ରାଧା ବିନା କାହ୍ନା	Radha Bina Kanha
ଚଳଚ୍ଚିତ୍ର: ଆକାଶ ଦୀପ (1979) *କଣ୍ଠଶିଳ୍ପୀ:* ତୃପ୍ତି ଦାସ *ସଙ୍ଗୀତ ନିର୍ଦ୍ଦେଶକ:* ଅକ୍ଷୟ ମହାନ୍ତି *ଗୀତିକାର:* ଶୀର୍ଷାନନ୍ଦ ଦାସ କାନୁନଗୋ ~~~~~~~~~~~~~~~~~~~ ରାଧା ବିନା କାହ୍ନା ହୋ ନୀର ବିନା ଯମୁନା କାହ୍ନା ବିନା ରାଧା ହୋ ସୁର ବିନା ବୀଣା ଶ୍ୟାମ ପାଶେ ଦିଶେ ଆହା ସୁନ୍ଦରୀ ରାଇ ନୀଳ ସରସୀରେ ଅବା ସତେ ନୀଳ କଇଁ ନୀଳ ମେଘ ଶାମୁକାରେ ଜହ୍ନ ଯେ ମୁକୁତା ସହକାରେ ଯଥା ମାଳତୀର ଲତା ମାଳତୀର ଲତା ରାଧା ଆଉ କାହ୍ନା ହୋ କିଏ କାଆର ଗହଣା କାହ୍ନା ବିନା ରାଧା ହୋ ସୁର ବିନା ବୀଣା ପ୍ରେମ ଭକତିରେ ଭିଜା ନବୀନ କିଶୋରୀ ତ୍ରିଭଙ୍ଗୀ ଭଙ୍ଗୀରେ ଶୋଭା ପାଶେ ବଂଶୀଧାରୀ କୁଞ୍ଜେ ଖେଳେ ଶ୍ୟାମ ସଙ୍ଗେ ରାଧା ଲୁଚକାଳି କଳାମେଘ ସାଥେ ଅବା ଖେଳଇ ବିଜୁଳି ଖେଳଇ ବିଜୁଳି ରାଧା ଆଉ କାହ୍ନା ହୋ କିଏ କାଆର ତୁଳନା କାହ୍ନା ବିନା ରାଧା ହୋ ସୁର ବିନା ବୀଣା	*Movie: Akash Deep (1979)* *Singer: Trupti Das* *Composer: Akshaya Mohanty* *Lyricist: Shirshananda Das Kanungo* ~~~~~~~~~~~~~~~~~~~ Raadhaa binaa kaanhaa Ho nira binaa jamunaa Kaanhaa binaa raadhaa Ho sura binaa veenaa Shyaama paase dise aahaa sundari raai Nila sarasi re abaa sate nila kain Nila megha saamukaa re janha je mukutaa Sahakaare jathaa maalati ra lataa Maalati ra lataa Raadhaa aau kaanhaa Ho kiye kaa'ra gahanaa Kaanhaa binaa raadhaa Ho sura binaa veenaa Prema bhakati re bhijaa nabina kisori Tribhangi bhangi re sobhaa paase bansi dhaari Kunje khele shyaama sange raadhaa luchakaali Kalaa megha saathe abaa khelai bijuli Khelai bijuli Raadhaa aau kaanhaa Ho kiye kaa'ra tulanaa Kaanhaa binaa raadhaa Ho sura binaa veenaa

ରାମ ଚରିତ ଏହି ଗାଥା

ଚଳଚ୍ଚିତ୍ର: ସୀତା ଲବକୁଶ (1981)
କଣ୍ଠଶିଳ୍ପୀ: ଏସ. ଜାନକୀ, ସ୍ୱାଗତିକା ରଥ
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର
ଗୀତିକାର: ଉମେଶ ଚନ୍ଦ୍ର ପାଢ଼ୀ

~~~~~~~~~~~~~~~~~~~~

ରାମ ଚରିତ ଏହି ଗାଥା
ଇହପର ସୁଖପ୍ରଦ ଶ୍ରବଣେ ସଦା
ରାମ ଚରିତ ଏହି ଗାଥା

ଅଯୋଧ୍ୟା ନରେଶ ରାଜା ଦଶରଥ
ତାଙ୍କ ତିନି ରାଣୀ କୋଳେ ଚାରି ସୁତ
ରଘୁଶ୍ରେଷ୍ଠ ରାମ କୌଶଲ୍ୟା ନନ୍ଦନ
କୈକେୟୀ କୋଳରେ ଭରତ ଜନମ
ଲକ୍ଷ୍ମଣ ଶତ୍ରୁଘ୍ନ ଯମଜ ସନ୍ତାନ
ସୁମିତ୍ରା ଯେ ତାଙ୍କ ମାତା
ରାମ ଚରିତ ଏହି ଗାଥା

କିଶୋର ବୟସେ ରାମ ଲକ୍ଷ୍ମଣ
ବିଶ୍ୱାମିତ୍ର ସଙ୍ଗେ ଗମିଲେ ଅରଣ୍ୟ
ବଧିଲେ ତାଡକା, ତଡ଼ିଲେ ମାରୀଚ
ନାଶିଲେ ସୁବାହୁ, ମୁନି ହେଲେ ତୋଷ
ଧନ୍ୟ ଧନ୍ୟ କହି ପୁଷ୍ପ ବୃଷ୍ଟି କଲେ
ସରଗେ ସର୍ବ ଦେବତା
ରାମ ଚରିତ ଏହି ଗାଥା

ଅହଲ୍ୟା ଉଦ୍ଧାରି ମିଥିଳା ପ୍ରବେଶି
ତୋଷିଲେ ଜନକ ଶିବଧନୁ ଭାଙ୍ଗି
ଲଭିଲେ ଜାନକୀ ସୁଗୁଣା ଶ୍ରୀରାମ
ସତେ କି ମନ୍ମଥ ରତିର ସଙ୍ଗମ
ପର୍ଶୁରାମଙ୍କ ଦର୍ପ ସଂହାରି
ଆନନ୍ଦେ ଫେରିଲେ ଅଯୋଧ୍ୟା
ରାମ ଚରିତ ଏହି ଗାଥା

Rama Charita Ehi Gaatha

Movie: Sita Lavakusha (1981)
Singer: S. Janaki, Swagatika Rath
Composer: Prafulla Kar
Lyricist: Umesh Chandra Padhi

~~~~~~~~~~~~~~~~~~~

Raama charita ehi gaathaa
Iha para sukhaprada srabane sadaa
Raama charita ehi gaathaa

Ajodhyaa naresa raajaa dasaratha
Taanka tini raani kole chaari suta
Raghu srestha raama kausalyaa nandana
Kaikeyi kola re bharata janama
Lakhmana satrughna jamaja santaana
Sumitraa je taanka maataa
Raama charita ehi gaathaa

Kisora bayase raama lakhmana
Biswaamitra sange gamile aranya
Badhile taadakaa tadile maaricha
Naasile subaahu, muni hele tosa
Dhanya dhanya kahi puspa brusti kale
Sarage sarba debataa
Raama charita ehi gaathaa

Ahalyaa udhaari mithilaa prabesi
Tosile janaka siba dhanu bhaangi
Labhile jaanaki sugunaa sri raama
Sate ki manmatha rati ra sangama
Parsuraamanka darpa sanhaari
Aanande pherile ajodhyaa
Raama charita ehi gaathaa

ରତି ସୁଖ ସାରେ - ଗୀତ ଗୋବିନ୍ଦ

ଚଳଚ୍ଚିତ୍ର: ଜୟଦେବ (1962)
କଣ୍ଠଶିଳ୍ପୀ: ୟେସୁ ଦାସ, ତୃପ୍ତି ଦାସ **
ସଙ୍ଗୀତ ନିର୍ଦ୍ଦେଶକ: ବାଳକୃଷ୍ଣ ଦାଶ
ଗୀତିକାର: ଶ୍ରୀ ଜୟଦେବ

~~~~~~~~~~~~~~~~~~~~

ରତିସୁଖସାରେ ଗତମଭିସାରେ ମଦନ ମନୋହର ବେଶମ୍
ନ କୁରୁ ନିତମ୍ବିନୀ ଗମନବିଳମ୍ବନମନୁସର ତଂ ହୃଦୟେଶମ୍

ଧୀର ସମୀରେ ଯମୁନାତୀରେ ବସତି ବନେ ବନମାଳୀ
ପିନ ପୟୋଧର ପରିସର ମର୍ଦ୍ଦନ ଚଞ୍ଚଳ କରଯୁଗଶାଳୀ

ନାମ ସମେତଂ କୃତ ସଂକେତଂ ବାଦୟତେ ମୃଦୁ ବେଣୁମ୍
ବହୁ ମନୁତେନନୁତେ ତନୁସଙ୍ଗତ ପବନ ଚଳିତମପି ରେଣୁମ୍

ପତତି ପତତ୍ରେ ବିଚଳତି ପତ୍ରେ ଶଙ୍କିତ ଭବଦୁପୟାନମ୍
ରଚୟତି ଶୟନଂ ସଚକିତ ନୟନମ୍ ପଶ୍ୟତି ତବ ପନ୍ଥାନମ୍

ମୁଖରମଧୀରମ୍ ତ୍ୟଜ ମଞ୍ଜୀରମ୍ ରିପୁମିବ କେଳି ସୁଲୋଳମ୍
ଚଳ ସଖି କୁଞ୍ଜମ୍ ସତିମିର ପୁଞ୍ଜମ୍ ଶିଳୟ ନୀଳନିଚୋଳମ୍

ଉରସି ମୁରାରେ ରୁପହିତହାରେ ଘନ ଇବ ତରଳବଳାକେ
ତଡିଦିବ ପୀତେ ରତି ବିପରୀତେ ରାଜସି ସୁକୃତବିପାକେ

ବିଗଳିତ ବସନଂ ପରିହୃତ ରସନଂ ଘଟୟ ଜଘନମପିଧାନମ୍
କିସଳୟ ଶୟନେ ପଙ୍କଜ ନୟନେ ନିଧିମିବ ହର୍ଷନିଧାନମ୍

ହରିରଭିମାନୀ ରଜନୀରିଦାନୀମିୟମପି ଯାତି ବିରାମମ୍
କୁରୁ ମମ ବଚନଂ ସତ୍ୱରରଚନଂ ପୁରୟ ମଧୁରିପୁକାମମ୍

ଶ୍ରୀ ଜୟଦେବେ କୃତହରିସେବେ ଭଣତି ପରମରମଣୀୟଂ
ପ୍ରମୁଦିତ ହୃଦୟଂ ହରିମତି ସଦୟଂ ନମତ ସୁକୃତ କମନୀୟଂ

** ଚଳଚିତ୍ରର ମୂଳ କଣ୍ଠଶିଳ୍ପୀଙ୍କ ସନ୍ଧାନ ନ ମିଳିଥିବାରୁ ଉପରୋକ୍ତ କଣ୍ଠଶିଳ୍ପୀଙ୍କର ନାମ ଉଲ୍ଲେଖିତ ହେଲା, ଯେ କି ପରବର୍ତ୍ତୀ କାଳରେ (1987) ଏହି ଭକ୍ତିଗୀତଟି ସ୍ୱତନ୍ତ୍ର ଭାବରେ ରେକର୍ଡିଙ୍ଗ କରିଛନ୍ତି
~~~~~~~~~~~~~~~~~~~~

Rati Sukha Saare – Gita Govindam

Movie: Jayadev (1962)
*Singer: Yesudas, Trupti Das ***
Composer: Balakrishna Dash
Lyricist: Sri Jayadev
~~~~~~~~~~~~~~~~~~~

Ratisukha saare gatam abhisaare

madana manohara besam |

Na kuru nitambini gamana bilambana

manusara tam hrudayesam ||

Dhira samire jamunaa tire

Basati bane bana maali |

Pina payodhara parisara mardana

Chanchala kara juga saali ||

Naama sametam kruta sanketam

Baadayate mrudu benum |

Bahu manu tenanute tanu sangata

Pabana chalitamapi renum ||

Patati patatre bichalati patre

Sankita bhaba dupa yaanam |

Rachayati sayanam sachakita nayanam

Pasyati taba panthaanam ||

Mukhara madhiram tyaja manjiram

Ripumiba keli sulolam |

Chala sakhi kunjam satimira punjam

Silaya nila nicholam ||

Urasi muraare rupa hita haare

Ghana iba tarala balaake |

Tadidiba pite rati bipartite

Raajasi sukruta bipaake ||

Bigalita basanam parihruta rasanam

Ghataya jaghana mapidhaanam |

Kisalaya sayane pankaja nayane

Nidhimiba harsa nidhaanam ||

Hari rabhimaani raja niridaani

Miyamapi jaati biraamam |

Kuru mama bachanam satrarachanam

Puraya Madhuri pukaamam ||

Sri jayadebe kruta hari sebe

Bhanati parama ramaniyam |

Pramudita hrudayam harimati sadayam

Namata sukruta kamaniyam ||

** Since the original playback singers are unknown, the above singers have been mentioned, who also recorded the song later (in 1987) separately.
~~~~~~~~~~~~~~~~~~~

ରେ ଆତ୍ମନ୍ ନିଦ୍ରା ପରିହରି Re Atman Nidra Parihari

ଚଳଚ୍ଚିତ୍ର: ମମତା (1975) *କଣ୍ଠଶିଳ୍ପୀ:* ପ୍ରଣବ ପଟ୍ଟନାୟକ *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ଭକ୍ତକବି ମଧୁସୂଦନ ରାଓ	*Movie: Mamata (1975)* *Singer: Pranab Patnaik* *Composer: Prafulla Kar* *Lyricist: Bhakta Kabi Madhusudan Rao*
~~	~~~~~~~~~~~~~~~~~~~~
ରେ ଆତ୍ମନ୍ ନିଦ୍ରା ପରିହରି	Re aatman nidraa parihari
ଫେଡ଼ି ଚିନ୍ତାର ଲୋଚନ	Phedi chintaa ra lochana
କର କର ନିରୀକ୍ଷଣ	Kara kara nirikhyana
ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି	Nisabde jibana srota dhaaunchi kipari
ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ	Bhetibaaku mrutyu sindhu karaala lahari
ରେ ଆତ୍ମନ୍ ନିଦ୍ରା ପରିହରି ...	Re aatman nidraa parihari ...
କି ବେଗରେ ଯାଉଅଛି ଚାଲି	Ki bega re jaau achhi chaali
ସେହି ସ୍ରୋତ ସଙ୍ଗେ ମିଶି	Sehi srota sange misi
ଜୀବନର ସୁଖରାଶି	Jibanara sukha raasi
ଯାହାର ସ୍ମରଣେ ନର, ଶୋକ ଶ୍ୱାସ ଢାଳି	Jaahaara smarane nara, soka swaasa dhaali
ଅତୀତକୁ ଉଦ୍‌ବୋଧଇ ବୃଥା ଭାଳି ଭାଳି	Atita ku udbodhai bruthaa bhaali bhaali
ରେ ଆତ୍ମନ୍ ନିଦ୍ରା ପରିହରି ...	Re aatman nidraa parihari ...
ହେ ଈଶ୍ୱର ପତିତ ତାରଣ	Hey iswara patita taarana
ପ୍ରାଣ ରାମ ନିରଞ୍ଜନ	Praana raama niranjana
ଭୟ ବିଘ୍ନ ବିନାଶନ	Bhaya bighna binaasana
ତୁମ୍ଭେ ପ୍ରଭୁ ସନ୍ତାପିତ ପ୍ରାଣର ଚନ୍ଦନ	Tumbhe prabhu santaapita praanara chandana
ସଂସାର ବିଷାକ୍ତ ନେତ୍ରେ ତୁମ୍ଭେ ହେ ଅଞ୍ଜନ	Sansaara bisaakta netre tumbhe hey anjana
ରେ ଆତ୍ମନ୍ ନିଦ୍ରା ପରିହରି ...	Re aatman nidraa parihari ...

ସବୁଥିରୁ ବଞ୍ଚିତ କରି

Sabuthiru Banchita Kari

ଚଳଚ୍ଚିତ୍ର: ନବଜନ୍ମ (1965) *କଣ୍ଠଶିଳ୍ପୀ:* ରଘୁନାଥ ପାଣିଗ୍ରାହୀ *ସଙ୍ଗୀତ ନିର୍ଦ୍ଦେଶକ:* ବାଳକୃଷ୍ଣ ଦାଶ *ଗୀତିକାର:* କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ~~~~~~~~~~~~~~~~~~~ ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ ଯାହା ଦେଇଥିଲ ସବୁ ତ ନେଲଣି ଆଉ ଏବେ କିସ ଛଡାଇବ ହେ ସବୁଥିରୁ ବଞ୍ଚିତ କରି ... ସଂସାରେ ଯେ କରଇ ଆଶ ଧାଏଁ ସିନା ସେ ତୁମ୍ଭ ପାଶ ସକଳ ଭରସା ଯାର ତୁଟିଲାଣି କିସ ବୋଲି ତାକୁ ଡ଼ରାଇବ ହେ ସବୁଥିରୁ ବଞ୍ଚିତ କରି ... ଠକି ଠକି ଥରକୁ ଥର ବୁଝିଲିଣି ତୁମ ଚାତର ମନେ ପାଞ୍ଚିଛ କି ହାଟ ମଝିଟାରେ ଛିଡା କରି ବାଟ ହୁଡ଼ାଇବ ହେ ସବୁଥିରୁ ବଞ୍ଚିତ କରି ... ତୁମ ଫନ୍ଦା ଏଡ଼ିବି ବୋଲି ସବୁ ଧନ୍ଦା ଦେଲିଣି ଠେଲି ଚାରି ଦଉଡି ଯେ କାଟି ସାରିଲାଣି କେଉଁ ଫାନ୍ଦେ ତାକୁ ଜଡ଼ାଇବ ହେ ସବୁଥିରୁ ବଞ୍ଚିତ କରି ... ହାତ ଠାରି ଲୋଭ ଦେଖାଇ ଡାକ ନାଟ ଦେଖିବା ପାଇଁ ସିହାଣ କରୁଛ ଆହୁରି ଥରେ କି ନାକ ଘଷି କାନ ମୋଡ଼ାଇବ ହେ ସବୁଥିରୁ ବଞ୍ଚିତ କରି ...	*Movie: Naba Janma (1965)* *Singer: Raghunath Panigrahi* *Composer: Balakrishna Dash* *Lyricist: Kanta Kabi Laxmikanta Mohapatra* ~~~~~~~~~~~~~~~~~~~ Sabuthiru banchita kari Keun jasa baanaa udaaiba hey Jaahaa deithila sabu ta nelani Aau ebe kisa chhadaaiba hey Sabuthiru banchita kari ... Sansaare je karai aasa Dhaayen sinaa se tumbha paasa Sakala bharasaa jaara tutilaani Kisa boli taaku daraaiba hey Sabuthiru banchita kari ... Thaki thaki tharaku thara Bujhilini tuma chaatara Mane paanchicha ki haata majhi tare Chhidaa kari baata hudaaiba hey Sabuthiru banchita kari ... Tuma phandaa edibi boli Sabu dhandaa delini theli Chaari daudi je kaati saarilaani Keun phaande taaku jadaaiba hey Sabuthiru banchita kari ... Haata thaari lobha dekhaai Daaka naata dekhibaa paain Sihaana karucha aahuri thare ki Naaka ghasi kaana modaaiba hey Sabuthiru banchita kari ...

ସଜନୀରେ କାହିଁ ଗଲେ ଶ୍ୟାମ — Sajani Re Kahin Gale Shyama

ସଜନୀରେ କାହିଁ ଗଲେ ଶ୍ୟାମ	Sajani Re Kahin Gale Shyama
ଚଳଚ୍ଚିତ୍ର: ସମୟ (1975) *କଣ୍ଠଶିଳ୍ପୀ:* ସୁମନ କଲ୍ୟାଣପୁର *ସଙ୍ଗୀତ ନିର୍ଦ୍ଦେଶକ:* ଭୁବନ ହରି *ଗୀତିକାର:* ଗଣେଶ ମହାପାତ୍ର	*Movie: Samaya (1975)* *Singer: Suman Kalyanpur* *Composer: Bhuban Hari* *Lyricist: Ganesh Mahapatra*
~~	~~~~~~~~~~~~~~~~~~~
ସଜନୀରେ କାହିଁ ଗଲେ ଶ୍ୟାମ ସତେ କି ବିଧି ହେଲା ବାମ ସଜନୀରେ କାହିଁ ଗଲେ ଶ୍ୟାମ	Sajani re kaahin gale shyaama Sate ki bidhi helaa baama Sajani re kaahin gale shyaama
କହି ତ ସେ ଥିଲେ ଲେଉଟିବେ ବୋଲି ମଥୁରା ଯାଇ କି ସବୁ ଗଲେ ଭୁଲି ଏଡିକି କପଟୀ ନାହିଁ ଲୋ ସରମ ସଜନୀ ... ସଜନୀ ... ସଜନୀରେ କାହିଁ ଗଲେ ଶ୍ୟାମ	Kahi ta se thile leutibe boli Mathuraa jaai ki sabu gale bhuli Ediki kapati naahin lo sarama Sajani ... sajani ... Sajani re kaahin gale shyaama
କାନ୍ଦି ଲୋଟେ ରାଧା ଏକା ବୃନ୍ଦାବନେ ବିରହ ବିଧୁରା କହ୍ନାଇ ବିହୁନେ ଝରାଇ ଲୋତକ ବାହୁନି ସେ ନାମ ସଜନୀ ... ସଜନୀ ... ସଜନୀରେ କାହିଁ ଗଲେ ଶ୍ୟାମ	Kaandi lote raadhaa ekaa brundaabane Biraha bidhuraa kanhaai bihune Jharaai lotaka baahuni se naama Sajani ... sajani ... Sajani re kaahin gale shyaama

ସଞ୍ଜ ସକାଳେ ତୁମ ଛବି ଖୋଜେ

Sanja Sakaale Tuma Chhabi Khoje

ଚଳଚ୍ଚିତ୍ର: ସ୍ତ୍ରୀ (1968) *କଣ୍ଠଶିଳ୍ପୀ:* ନିର୍ମଳା ମିଶ୍ର *ସଙ୍ଗୀତ ନିର୍ଦ୍ଦେଶକ:* ଭୁବନେଶ୍ୱର ମିଶ୍ର *ଗୀତିକାର:* ଶାରଦା ପ୍ରସନ୍ନ ନାୟକ ~~~~~~~~~~~~~~~~~~~~ ସଞ୍ଜ ସକାଳେ ତୁମ ଛବି ଖୋଜେ ନୀରଭିଜା ନୟନରେ ଜଗତର ନାଥ ଆହେ ଜଗନ୍ନାଥ ଆକୁଳ ଅନ୍ତରେ ଝୁରେ ମାଗୁନାହିଁ ଧନ ମାନ ସନମାନ ମାଗୁନାହିଁ ମୁଁ ଯେ ହୀରା ନୀଳା ମୋତି ମାଗିଥିଲେ ଯାହା ଧ୍ରୁବ ପ୍ରହଲ୍ଲାଦ ମାଗୁଛି ତହିଁରୁ ଦିଅ ମୋତେ କିଛି କରୁଣା ସାଗର ନ କର ହେ ପର ମନର ମରାଳ ଝୁରି ମରେ ସଞ୍ଜ ସକାଳେ ତୁମ ଛବି ଖୋଜେ ... ଗିରି ନଦୀ ବନ ବସନ୍ତ ପବନ ଗଗନ ଜୋଛନା ତାରକା ତପନ ସୁନୀଳ ସାଗର ଭରା ଉପବନ ଝରଣାର ଅଙ୍ଗେ କଳ କଳ ତାନ ହସାଉଛ ସବୁ କନ୍ଦାଉଛ ମୋତେ ପ୍ରଭୁ ହେ କାହିଁକି କୁହ ବାରେ ସଞ୍ଜ ସକାଳେ ତୁମ ଛବି ଖୋଜେ ... ଏତେ ପାଖେ ଥାଇ ଥାଅ ଏତେ ଦୂରେ ପିତା ମାତା ବୋଲି ଡାକଇ ଆତୁରେ ଡାକଇ ଆତୁରେ ଆରତ କଣ୍ଠରେ ଆରତ କଣ୍ଠରେ ଆକୁଳ ମନରେ ନିଅ ତୋଳି କୋଳେ, କୋଳେ ନିଅ ତୋଳି ମିନତୀ ମୋହର ନୀରବରେ ସଞ୍ଜ ସକାଳେ ତୁମ ଛବି ଖୋଜେ ...	*Movie: Stree (1968)* *Singer: Nirmala Mishra* *Composer: Bhubaneswar Mishra* *Lyricist: Sarada Prasanna Nayak* ~~~~~~~~~~~~~~~~~~~~ Sanja sakaale tuma chhabi khoje Nira bhijaa nayanare Jagatara naatha aahe jagannatha Aakula antare jhure Maagu naahin dhana maana sanamaana Maagu naahin mun je hiraa nilaa moti Maagi thile jaahaa dhruba prahallaada Maaguchi tahin ru diya mote kichhi Karunaa saagara na kara hey para Manara maraala jhuri mare Sanja sakaale tuma chhabi khoje ... Giri nadi bana basanta pabana Gagana jochhanaa taarakaa tapana Sunila saagara bharaa upabana Jharanaa ra ange kala kala taana Hasaaucha sabu kandaaucha mote Prabhu hey kaahinki kuha baare Sanja sakaale tuma chhabi khoje ... Ete paakhe thaai thaao ete durey Pitaa maataa boli daakai aature Daakai aature aarata kantha re Aarata kantha re aakula mana re Niya toli kole kole niya toli Minati mohara neerava re Sanja sakaale tuma chhabi khoje ...

ସେ ତ ଭକତ ଭାବରେ ବନ୍ଧାରେ — Se Ta Bhakata Bhaabare Bandhaare

ଚଳଚ୍ଚିତ୍ର: ଶ୍ରୀ ଜଗନ୍ନାଥ (1979)	*Movie: Sri Jagannath (1979)*
କଣ୍ଠଶିଳ୍ପୀ: ଏସ. ଜାନକୀ	*Singer: S. Janaki*
ସଙ୍ଗୀତ ନିର୍ଦ୍ଦେଶକ: ଅକ୍ଷୟ ମହାନ୍ତି	*Composer: Akshaya Mohanty*
ଗୀତିକାର: ବିନୋଦିନୀ ଦେବୀ	*Lyricist: Binodini Devi*
~~	~~~~~~~~~~~~~~~~~~~~
ସେ ତ ଭକତ ଭାବରେ ବନ୍ଧାରେ	Se ta bhakata bhaaba re bandhaa re
ସେ ତ ଭକତ ଜୀବନ ଧନ	Se ta bhakata jibana dhana
ତୁ ତାକୁ ଖୋଜିଲେ ସେ ତୋତେ ଖୋଜଇ	Tu taaku khojile se tote khojai
ସିଏ ତୋ ହୃଦଚନ୍ଦନରେ	Siye to hruda chandana re
ଉଣା କର ନାହିଁ ମନ	Unaa kara naahin mana
ସେ ତ ଭକତ ଭାବରେ ବନ୍ଧାରେ ...	Se ta bhakata bhaaba re bandhaa re ...
ସିଏ ତୋ ସାଗର ତୁ ତାର ଲହରୀ	Siye to saagara tu taara lahari
ସିଏ ନଦୀଝର ତୁ ତାର ଭଉଁରୀ	Siye nadi jhara tu taara bhaunri
ତୁ କାନ୍ଦିଲେ କାନ୍ଦେ ତୁ ହସିଲେ ହସେ	Tu kaandile kaande tu hasile hase
ସିଏ ତୋ ଆପଣା ଜନରେ	Siye to aapanaa jana re
ଉଣା କର ନାହିଁ ମନ	Unaa kara naahin mana
ସେ ତ ଭକତ ଭାବରେ ବନ୍ଧାରେ ...	Se ta bhakata bhaaba re bandhaa re ...
ଭାବକୁ ନିକଟ ଅଭାବକୁ ଦୂର	Bhaaba ku nikata abhaaba ku dura
ତୁ ତାହାର ଦେହ ତୋ ବୁକୁ ତା ଘର	Tu taahaara deha to buku taa ghara
ତୁ ଢ଼ାଳିଲେ ଲୁହ ତା ମନ ବିକଳ	Tu dhaalile luha taa mana bikala
ତୁ ଜୀବ ସେ ଜୀବନରେ	Tu jiba se jibana re
ଉଣା କର ନାହିଁ ମନ	Unaa kara naahin mana
ସେ ତ ଭକତ ଭାବରେ ବନ୍ଧାରେ ...	Se ta bhakata bhaaba re bandhaa re ...

ସିଂହବାହିନୀ	Singha Baahini
ଚଳଚ୍ଚିତ୍ର: ମନ ଆକାଶ (1974) *କଣ୍ଠଶିଳ୍ପୀ:* ସିକନ୍ଦର ଆଲାମ, ଭିକାରି ବଳ, ଏସ. ଜାନକୀ *ସଙ୍ଗୀତ ନିର୍ଦ୍ଦେଶକ:* ଉପେନ୍ଦ୍ର କୁମାର *ଗୀତିକାର:* ଶିବବ୍ରତ ଦାସ ~~~~~~~~~~~~~~~~~~~ ସିଂହବାହିନୀ ଶକ୍ତି ପ୍ରଦାୟିନୀ ମା ଆସ ଅବତରି ଏ ଧରାଧାମକୁ ମା ଗୋ ଶୁଣ ମାଗୁଣି ସିଂହବାହିନୀ ... ଯୁଗେ ଯୁଗେ ମା ଗୋ ତୁମ କରୁଣାରୁ ମାନବର ଦେହ ଧରି ତୁମ ଆନନ୍ଦ ଧାମେ ଫେରିଯାଉ ତୁମ କାମ ଆମେ କରି ଆସ ମା ଦୁର୍ଗା ବିକଶିତ ହୁଅ ନବୀନ ଅରୁଣ ପରି ସିଂହବାହିନୀ ... ତ୍ରିଶୂଳ ଧାରିଣୀ ରିପୁ ନାଶିନୀ ମା ସାହା ହୁଅ ତୁମେ ଆସି ମଙ୍ଗଳମୟୀ ସେ ରୂପକୁ ଚାହିଁ ରହିଛୁ ଭାରତବାସୀ ଦିଅ ମା ଭକ୍ତି ଦିଅ ମା ଶକ୍ତି ମାଗୁଅଛୁ କର ଯୋଡି ସିଂହବାହିନୀ ... ତମସା ତିମିର ପୁରି ରହିଥିଲା ମୋର ଏ ଭାରତ ଦେଶେ ଅନ୍ଧାର ନାଶି ଉଦୟ ହେଲ ଗୋ ଗଗନ ପ୍ରାନ୍ତେ ଶେଷେ ତୁମରି ଆଭାର ଉଷାର ଆଲୋକେ ଦଶ ଦିଗ ଉଠୁ ହସି ସିଂହବାହିନୀ ...	*Movie: Mana Akasha (1974)* *Singer: Sikandar Alam, Bhikari Bal, S Janaki* *Composer: Upendra Kumar* *Lyricist: Shibabrata Das* ~~~~~~~~~~~~~~~~~~~ Singha baahini shakti pradaayini maa Aasa abatari e dharaa dhaama ku Maa go suna maaguni Singha baahini ... Juge juge maa go tuma karunaaru Maanaba ra deha dhari Tuma aananda dhaame pheri jaau Tuma kaama aame kari Aasa maa durgaa bikasita hua Nabina aruna pari Singha baahini ... Trishula dhaarini ripu naasini maa Saahaa hua tume aasi Mangala mayi se rupa ku chaahin Rahichu bhaarata baasi Diya maa bhakti diya maa shakti Maagu achhu kara Jodi Singha baahini ... Tamasaa timira puri rahithilaa Mora e bhaarata dese Andhaara naasi udaya hela go Gagana praante sese Tumari aabhaa ra ushaa ra aaloke Dasa diga uthu hasi Singha baahini ...

## ତାରିବା ଶକତି ଅଛି ବୋଲି	## Tariba Sakati Achhi Boli
ଚଳଚ୍ଚିତ୍ର: ଭକ୍ତ ସାଲବେଗ (1983) *କଣ୍ଠଶିଳ୍ପୀ:* ଅନୁରାଧା ପୋଡ଼ୱାଳ *ସଙ୍ଗୀତ ନିର୍ଦ୍ଦେଶକ:* ଭୁବନେଶ୍ୱର ମିଶ୍ର *ଗୀତିକାର:* ନରସିଂହ ମହାପାତ୍ର	*Movie: Bhakta Salabega (1983)* *Singer: Anuradha Paudwal* *Composer: Bhubaneswar Mishra* *Lyricist: Narasingha Mohapatra*
~~	~~~~~~~~~~~~~~~~~~~~
ତାରିବା ଶକତି ଅଛି ବୋଲି ତୁହି ହେଲୁ ଜଗତର ନାଥ ଯାତନା ସାଗରେ ଭସାଇ ନିରାଶେ ନେଉଛୁ କିବା ପରଖ ତାରିବା ଶକତି ଅଛି ବୋଲି ...	Taaribaa sakati achhi boli Tuhi helu jagatara naatha Jaatanaa saagare bhasaai niraase Neuchhu kibaa parakha Taaribaa sakati achhi boli ...
ତରଣୀଟି ଦେଇ ଖଞ୍ଜିଲୁ ତୋଫାନ ଉଛୁଳା ଜୁଆରେ ଦୋହଲେ ପରାଣ ଚକା ଆଖି ତୋର ଥକି ନ ଯାଉରେ ରଖ ମୋ ଜୀବନ ରଖ ତାରିବା ଶକତି ଅଛି ବୋଲି ...	Tarani ti dei khanjilu tofaana Uchhulaa juaare dohale paraana Chakaa aakhi tora thaki na jaau re Rakha mo jibana rakha Taaribaa sakati achhi boli ...
ଦେଲୁ ଯାହା ଯାଚି ଖୋଜି ମୁଁ ନ ଥିଲି ତିଳ ତିଳ ସରି ତାରେ ହସାଇଲି ଛଡାଇ ପାରିବୁ ନାହିଁ ସେହି ହସ ଦେ ମୋତେ ଯେତେ ଦୁଃଖ ତାରିବା ଶକତି ଅଛି ବୋଲି ...	Delu jaahaa jaachi khoji mun na thili Tila tila sari tare hasaaili Chhadaai paaribu naahin sehi hasa De mote jete dukha Taaribaa sakati achhi boli ...
ବଡ଼ପଣ ସିନା ହେବ ତୋର ଚୁନା ରଖି ସନମାନ ମାନ ମୋର ମନା ଭଲ ମନ୍ଦ କିଛି ହେଲେ ମୋ ଧନର ସରିବ ତୋ ମହତ ତାରିବା ଶକତି ଅଛି ବୋଲି ...	Bada pana sinaa heba tora chunaa Rakhi sanamaana maana mora manaa Bhala manda kichhi hele mo dhana ra Sariba to mahata Taaribaa sakati achhi boli ...

ତୋତେ ଜୁହାର କରିବି ନାହିଁ

ଚଳଚ୍ଚିତ୍ର: ବାଜେ ବଇଁଶୀ ନାଚେ ଘୁଙ୍ଗୁର (1986)
କଣ୍ଠଶିଳ୍ପୀ: ବୁଦ୍ଧ ପ୍ରସାଦ ରାଓ
ସଙ୍ଗୀତ ନିର୍ଦ୍ଦେଶକ: ଅକ୍ଷୟ ମହାନ୍ତି
ଗୀତିକାର: ସଚ୍ଚି ମହାନ୍ତି
~~~~~~~~~~~~~~~~~~~

କାହ୍ନୁରେ ...
ତୋତେ ଜୁହାର କରିବି ନାହିଁ
ତୋତେ ଗୁହାରି କରିବି ନାହିଁ
ହାତେ ମୋର ବେଣୁ ଦେଇ
ଯେତେ ସୁଖ ଥିଲା ତହିଁ
କହ କାହିଁ ନେଲୁ ତୁ ଛଡାଇ
ତୋତେ ଜୁହାର କରିବି ନାହିଁ ...

ତୋ ସୁଖ ତୋହର ଆଉ ମୋ ଦୁଃଖ ମୋହର
ସେ ଲାଗି ଲିଭାଇ ଦେଲୁ ହସ ମୋ ମୁହଁର
ତୋତେ କହି କିଛି ଲାଭ ନାହିଁ
ଲୁହ ଢାଳି ମୋର ଲାଭ ନାହିଁ
ତୋର ପ୍ରଭୁ ପଣେ ତୁହି
ସେମିତି ଥାଆରେ ରହି
ପ୍ରଭୁ ବୋଲି ଡାକିବି ମୁଁ ନାହିଁ
ତୋତେ ଜୁହାର କରିବି ନାହିଁ ...

ତୋ ମନ ତୋତେ ବଡ଼, ମୋତେ କିବା ଲଗା
ତୋ ପାଇଁ ମନଘର ନିତି ମୋର ଭଙ୍ଗା
ଆଉ ବଇଁଶୀ ବାଇବି ନାହିଁ
ତୋର ମୁହଁ ମୁଁ ଚାହିଁବି ନାହିଁ
ଯାହା ଦେଇଥିଲୁ ମୋତେ
ନେଇଯାରେ ସବୁ ସତେ
ତୋ ବଇଁଶୀ ନେଏ ରେ ଫେରାଇ
ତୋତେ ଜୁହାର କରିବି ନାହିଁ ...

Tote Juhaara Karibi Naahin

Movie: Baaje Bainsi Nache Ghungura (1986)
Singer: Buddha Prasad Rao
Composer: Akshaya Mohanty
Lyricist: Sachi Mohanty
~~~~~~~~~~~~~~~~~~~

Kaanhu re ...
Tote juhaara karibi naahin
Tote guhaari karibi naahin
Haate mora benu dei
Jete sukha thilaa tahin
Kaha kaahin nelu tu chhadaai
Tote juhaara karibi naahin ...

To sukha tohara aau mo dukha mohara
Se laagi libhaai delu hasa mo muhan ra
Tote kahi kichhi laabha naahin
Luha dhaali mora laabha naahin
Tora prabhu pane tuhi
Semiti thaa're rahi
Prabhu boli daakibi mun naahin
Tote juhaara karibi naahin ...

To mana tote bada mote kibaa lagaa
To paain mana ghara niti mora bhangaa
Aau bainsi baaibi naahin
Tora muhan mun chaahinbi naahin
Jaahaa deithilu mote
Nei jaa're sabu sate
To bainsi ne're pheraai
Tote juhaara karibi naahin ...

ତୋର ଇଚ୍ଛା ପୂର୍ଣ୍ଣ ହେଉ ମହାବାହୁ — Tora Ichha Purna Heu Mahabahu

ଚଳଚ୍ଚିତ୍ର: ପୂଜା ଫୁଲ (1985)	*Movie: Puja Phula (1985)*
କଣ୍ଠଶିଳ୍ପୀ: ସୁରେଶ ୱାଡେକର	*Singer: Suresh Wadekar*
ସଙ୍ଗୀତ ନିର୍ଦ୍ଦେଶକ: ପ୍ରଫୁଲ୍ଲ କର	*Composer: Prafulla Kar*
ଗୀତିକାର:	*Lyricist:*
~~	~~~~~~~~~~~~~~~~~~~~
କରି କରାଉ ଥାଉ ତୁହି	Kari karaau thaau tuhi
ତୋ ବିନୁ ଅନ୍ୟ ଗତି ନାହିଁ	To binu anya gati naahin
ତୋ ମାୟା ସିନା ଜାଣୁ ତୁହି	To maayaa sinaa jaanu tuhi
ବୁଝିବ କିଏ ଅଛି କାହିଁ	Bujhiba kiye achhi kaahin
ଫୁଲ ଫୁଟି ହସୁ ଅବା ମଉଳି ଯାଉ	Phula phuti hasu abaa mauli jaau
ବସନ୍ତେ ବରଷା ଆସି ବରଷି ଯାଉ	Basante barasaa aasi barasi jaau
ଏ ଦୁନିଆ ରହୁ ଅବା ଉଜୁଡି ଯାଉ	E duniyaa rahu abaa ujudi jaau
ତୋର ଇଚ୍ଛା ପୂର୍ଣ୍ଣ ହେଉ ମହାବାହୁ	Tora ichhaa purna heu mahaa baahu
ବିରାଜୁ ତୁହି ସକଳ ପ୍ରାଣେ	Biraaju tuhi sakala praane
ସକଳ ପ୍ରାଣୀ ତୋର ଶରଣେ	Sakala praani tora sarane
କାହାକୁ ଗଢୁ କିଏ ବା ଜାଣେ	Kaahaaku gadhu kiye baa jaane
କାହାକୁ ଭାଙ୍ଗୁ କେଉଁ କାରଣେ	Kaahaaku bhaangu keun kaarane
ଏ ମଣିଷ ସ୍ୱର୍ଗେ ଅବା ନରକେ ଯାଉ	E manisa swarge abaa narake jaau
ଅଧର୍ମର ଜୟ ଅବା ଧର୍ମର ହେଉ	Adharma ra jaya abaa dharma ra heu
ଆଲୋକ ଝରୁ ବା ଏଠି ଅନ୍ଧାର ହେଉ	Aaloka jharu baa ethi andhaara heu
ତୋର ଇଚ୍ଛା ପୂର୍ଣ୍ଣ ହେଉ ମହାବାହୁ	Tora ichhaa purna heu mahaa baahu
ଅସୀମ ତୁହି ପ୍ରେମ ସାଗର	Asima tuhi prema saagara
ଅମାପ ତୋର ଦୟା ଭଣ୍ଡାର	Amaapa tora dayaa bhandaara
ଖଳ ଦୁର୍ଜନେ କରି ସଂହାର	Khala durjane kari sanhaara
ସନ୍ଥ ସୁଜନେ କରୁ ଉଦ୍ଧାର	Santha sujane karu udhaara
ସାଗର ଶିଥିଳ ଅବା ଉତ୍ତାଳ ହେଉ	Saagara sithila abaa uttaala heu
ଅଣଚାଶ ବହୁ ଅବା ମଳୟ ବହୁ	Anachaasa bahu abaa malaya bahu
ଧରା ବୁକେ ସୃଷ୍ଟି ଅବା ପ୍ରଳୟ ହେଉ	Dharaa buke srusti abaa pralaya heu
ତୋର ଇଚ୍ଛା ପୂର୍ଣ୍ଣ ହେଉ ମହାବାହୁ	Tora ichhaa purna heu mahaa baahu
ଯେ ଫୁଲ ଗଢା ତୋ ପୂଜା ପାଇଁ	Je phula gadhaa to puja paain
ସେ ଫୁଲେ କଣ୍ଟା ରଖିଛୁ କାହିଁ	Se phule kantaa rakhichu kaahin
ଚନ୍ଦ୍ର ଦେହେ କଳଙ୍କ ଦେଇ	Chandra dehe kalanka dei
ବିଚିତ୍ରକର୍ମା ବୋଲାଉ ତୁହି	Bichitra karmaa bolaau tuhi
ତୋର ଏ ଲୀଳା ସରି ନ ଯାଉ	Tora e lilaa sari na jaau
ଜୟ ଜଗନ୍ନାଥ ଜଗତ ଗାଉ	Jaya jagannatha jagata gaau
ଜୟ ଜୟ ଜଗନ୍ନାଥ ଜୟ ଜଗନ୍ନାଥ	Jaya Jaya jagannatha Jaya jagannatha

ତୁମେ ଦେବ ମୁଁ ପୂଜାରିଣୀ — Tume Deba Mun Pujarini

ଚଳଚ୍ଚିତ୍ର: ଭୁଲି ହୁଏନା (1987) *କଣ୍ଠଶିଳ୍ପୀ:* ଗୀତା ଦାସ *ସଙ୍ଗୀତ ନିର୍ଦ୍ଦେଶକ:* ପ୍ରଫୁଲ୍ଲ କର *ଗୀତିକାର:* ପ୍ରଫୁଲ୍ଲ କର ~~~~~~~~~~~~~~~~~~~~ ତୁମେ ଦେବ, ମୁଁ ପୂଜାରିଣୀ ତୁମେ ଦାନୀ, ମୁଁ ଭିକାରୁଣୀ ତୁମେ ଧ୍ୟାନ, ମୁଁ ତପସ୍ୱିନୀ ତୁମେ ପ୍ରେମ, ମୁଁ ପାଗଳିନୀ ତୁମେ ଦେବ .... ତୁମେ ରାଧାର ଶ୍ୟାମ, ତା ମୁରଲୀ ମୋହନ ତୁମେ ମୀରାର ପ୍ରେମ, ତା ଜୀବର ଜୀବନ ମୁଁ ନୁହେଁ ରାଧା, ମୁଁ ନୁହେଁ ମୀରା ମୁଁ ପିଆସୀ ଚାତକୀ ତୁମେ ବରଷା ଧାରା ତୁମେ ସୂର୍ଯ୍ୟ, ମୁଁ କମଳିନୀ ତୁମେ ଦାନୀ, ମୁଁ ଭିକାରୁଣୀ ତୁମେ ଦେବ .... ହେ ସୁନ୍ଦର ଶ୍ୟାମଳ ବଂଶୀଧାରୀ ତୁମେ ନାଥ ଜଗନ୍ନାଥ ଦୁଃଖହାରୀ ମୋତେ ନିଅ ତୋଳି, ଆହେ ବନମାଳୀ ରଖ ଶ୍ରୀ ଚରଣେ କରି ମୋତେ ଧୂଳି ତୁମେ ଚନ୍ଦନ, ମୁଁ ଯେ ପାଣି ତୁମେ ଦାନୀ, ମୁଁ ଭିକାରୁଣୀ ତୁମେ ଧ୍ୟାନ, ମୁଁ ତପସ୍ୱିନୀ ତୁମେ ପ୍ରେମ, ମୁଁ ପାଗଳିନୀ ତୁମେ ଦେବ	*Movie: Bhuli Huena (1987)* *Singer: Gita Das* *Composer: Prafulla Kar* *Lyricist: Prafulla Kar* ~~~~~~~~~~~~~~~~~~~~ Tume deba, mun pujaarini Tume daani, mun bhikaaruni Tume dhyaana, mun tapaswini Tume prema, mun paagalini Tume deba ... Tume raadhaa ra shyaama, taa murali mohana Tume meeraa ra prema, taa jibara jibana Mun nuhen raadhaa, mun nuhen meeraa Mun piyaasi chaataki tume barasaa dhaaraa Tume surjya, mun kamalini Tume daani, mun bhikaaruni Tume deba ... Hey sundara shyaamala bansi dhaari Tume naatha jagannatha dukha haari Mote niya toli, aahe bana maali Rakha sri charane kari mote dhuli Tume chandana, mun je paani Tume daani, mun bhikaaruni Tume dhyaana, mun tapaswini Tume prema, mun paagalini Tume deba ...

ତୁମେ ମାଧବ ତୁମେ କେଶବ — Tume Madhaba Tume Keshaba

ଚଳଚ୍ଚିତ୍ର: ଆଶାର ଆକାଶ (1983)	*Movie: Asha Ra Aakash (1983)*
କଣ୍ଠଶିଳ୍ପୀ: ଆରତୀ ମୁଖାର୍ଜୀ	*Singer: Arati Mukherjee*
ସଙ୍ଗୀତ ନିର୍ଦ୍ଦେଶକ: ମହେନ୍ଦ୍ର ଆଚାର୍ଯ୍ୟ	*Composer: Mahendra Acharya*
ଗୀତିକାର: ମହେନ୍ଦ୍ର ଆଚାର୍ଯ୍ୟ	*Lyricist: Mahendra Acharya*
~~	~~~~~~~~~~~~~~~~~~~
ତୁମେ ମାଧବ ତୁମେ କେଶବ ତୁମେ ବାନ୍ଧବ ହେ	Tume maadhaba tume kesaba
ଭକତ ଜୀବନ ଭକତ ପରାଣ .. ହୋ ...	Tume baandhaba hey
ତୁମେ ତ ସୁନ୍ଦର ହେ	Bhakata jibana bhakata paraana ... ho ...
ତୁମେ ତ ସୁନ୍ଦର ହେ	Tume ta sundara hey ... tume ta sundara hey
ତୁମେ ପିତା ମାତା ମୋର	Tume pitaa maataa mora
ତୁମେ ସଖା ସହୋଦର	Tume sakhaa sahodara
ସୁଖେ ତୁମ କର ସୁଖୀ	Sukhe tuma kara sukhi
ଦୁଃଖେ ତୁମ ହେଉ ଦୁଃଖୀ	Dukhe tuma heu dukhi
ତୁମରି ଆଶିଷ ବାରେ ଦିଅ ଢାଳି	Tumari aasisa baare diya dhaali
କରୁଣା ବାରିଧି ହେ	Karunaa baaridhi hey
ତୁମେ ଜପ ତପ ଧ୍ୟାନ	Tume japa tapa dhyaana
ଜ୍ଞାନଦାତା ଭଗବାନ	Gyaana daataa bhagabaana
ଦିଅ ବିଦ୍ୟା ଦିଅ ବୁଦ୍ଧି	Diya bidyaa diya buddhi
ଦିଅ ଜ୍ଞାନ ଦିଅ ସିଦ୍ଧି	Diya gyaana diya siddhi
ଏତିକି ମିନତି ଚରଣେ ତୁମରି ... ହୋ ...	Etiki minati charane tumari ... ho ...
ମଙ୍ଗଳ ମୂରତି ହେ	Mangala murati hey

ତୁମେ ମୋର ମୁଁ ତୁମର

Tume Mora Mun Tumara

ଚଳଚ୍ଚିତ୍ର: ଅଭିମାନ (1977)
କଣ୍ଠଶିଳ୍ପୀ: ସ୍ୱରୂପା ଚକ୍ରବର୍ତ୍ତୀ ଓ ରାଣୀ ବର୍ମା
ସଙ୍ଗୀତ ନିର୍ଦ୍ଦେଶକ: ରାଧାକୃଷ୍ଣ ଭଞ୍ଜ, ସରୋଜ ପଟ୍ଟନାୟକ
ଗୀତିକାର: ଠାକୁର ଶ୍ରୀ ଅଭିରାମ ପରମହଂସ

~~~~~~~~~~~~~~~~~~~~

ତୁମେ ମୋର ମୁଁ ତୁମର
ଆହେ ମୋର ସ୍ୱାମୀ
ତୁମେ କି ଜାଣନା ଆହେ ଗୁରୁ ଅନ୍ତର୍ଯ୍ୟାମୀ
ଆହେ ମୋର ସ୍ୱାମୀ
ତୁମେ ମୋର ମୁଁ ତୁମର
ମୁଁ ତୁମର ତୁମେ ମୋର

ନ ଜାଣେ ଧର୍ମାଧର୍ମ ଆହେ ସ୍ୱାମୀ ଅଭିରାମ
ତୁମ୍ଭେ ପ୍ରେମ ଦେଲେ ମୁହିଁ ହୋଇବି ପ୍ରେମୀ
ତୁମେ କି ଜାଣନା ଆହେ ଗୁରୁ ଅନ୍ତର୍ଯ୍ୟାମୀ
ଆହେ ମୋର ସ୍ୱାମୀ
ତୁମେ ମୋର ମୁଁ ତୁମର
ମୁଁ ତୁମର ତୁମେ ମୋର

ନ ଇଛେ ସୁଖଦୁଃଖକୁ ସର୍ବ ଅର୍ପିତ ତୁମ୍ଭଙ୍କୁ
ତୁମ୍ଭ କୃପା ବିନା ମାୟା ସଂସାରେ ଭ୍ରମି
ତୁମେ କି ଜାଣନା ଆହେ ଗୁରୁ ଅନ୍ତର୍ଯ୍ୟାମୀ
ଆହେ ମୋର ସ୍ୱାମୀ
ତୁମେ ମୋର ମୁଁ ତୁମର
ମୁଁ ତୁମର ତୁମେ ମୋର

କହେ ଅଭିରାମ ବାଇ ମୋ ବଳେ କର୍ମ ନୁହଁଇ
ତୋ କୃପାରେ ନିଗମକୁ ପାରେ ମୁଁ ଗମି
ତୁମେ କି ଜାଣନା ଆହେ ଗୁରୁ ଅନ୍ତର୍ଯ୍ୟାମୀ
ଆହେ ମୋର ସ୍ୱାମୀ
ତୁମେ ମୋର ମୁଁ ତୁମର
ମୁଁ ତୁମର ତୁମେ ମୋର

Movie: Abhimana (1977)
Singer: Swarupa Chakravarty & Rani Varma
Composer: Radhakrishna Bhanja / Saroj Pattnaik
Lyricist: Thakur Sri Abhirama Paramahansa

~~~~~~~~~~~~~~~~~~~~

Tume mora mun tumara
Aahe mora swaami
Tume ki jaananaa aahe guru antarjyaami
Aahe mora swami
Tume mora mun tumara
Mun tumara tume mora

Na jaane dharmaadharma aahe swaami abhiraama
Tumbhe prema dele muhin hoibi premi
Tume ki jaananaa aahe guru antarjyaami
Aahe mora swami
Tume mora mun tumara
Mun tumara tume mora

Na ichhe sukha dukha ku sarba arpita tumbhanku
Tumbha krupaa binaa maayaa sansaare bhrami
Tume ki jaananaa aahe guru antarjyaami
Aahe mora swami
Tume mora mun tumara
Mun tumara tume mora

Kahe abhiraama baai mo bale karma nuhai
To krupaa re nigama ku paare mun gami
Tume ki jaananaa aahe guru antarjyaami
Aahe mora swami
Tume mora mun tumara
Mun tumara tume mora

ତୁମେ ତ ଦୟାଳୁ ଦାତା　　　　Tume Ta Dayaalu Daataa

ଚଳଚ୍ଚିତ୍ର: ବାଟ ଅବାଟ (1980) *କଣ୍ଠଶିଳ୍ପୀ:* ଅନୁରାଧା ପୋଡ଼ୱାଲ *ସଙ୍ଗୀତ ନିର୍ଦ୍ଦେଶକ:* ଭୁବନ ହରି *ଗୀତିକାର:* ବୃନ୍ଦାବନ ଜେନା	*Movie: Baata Abaata (1980)* *Singer: Anuradha Paudwal* *Composer: Bhuban Hari* *Lyricist: Brundaban Jena*
~~ ତୁମେ ତ ଦୟାଳୁ ଦାତା ବୋଲି ପ୍ରଭୁ ଜଗତେ ପଡୁଛି ହୁରି ... ଜଗତେ ପଡୁଛି ହୁରି ମୁଁ ଯେ ଅକିଞ୍ଚନ ଦୀନୁ ଅତି ଦୀନ ଦିଅ ମା ଅଞ୍ଜଳି ଭରି ଦିଅ ମା ଅଞ୍ଜଳି ଭରି	~~~~~~~~~~~~~~~~~~~~ Tume ta dayaalu daataa boli prabhu Jagate paduchi huri ... jagate paduchi huri Mun je akinchana dinu ati dina Diya maa anjali bhari Diya maa anjali bhari
ଭରି ଦିଅ ସୁଖ ଶରଧା ସେନେହ ମୋ ଘରେ ବାହାରେ ପ୍ରଭୁ ଦୟାମୟ ଜୀବନର ଯେତେ ସଞ୍ଚିତ ଧରମେ ହସାଇ ରଖ ମୋ ପୁରୀ ତୁମେ ତ ଦୟାଳୁ ଦାତା ବୋଲି ପ୍ରଭୁ ...	Bhari diya sukha saradhaa seneha Mo ghare baahaare prabhu dayaamaya Jibanara jete sanchita dharame Hasaai rakha mo puri Tume ta dayaalu daataa boli prabhu ...
ଦାତା ପଣେ ସାତ ସାଗରର ବାରି କାହିଁକି ଦେଲ ମୋ ନୟନରେ ଭରି ମାଗି ତ ନ ଥିଲି ହାତ ପାତି କେବେ ଦିଅ ଏତେ ସୁଖ ଶିରୀ ତୁମେ ତ ଦୟାଳୁ ଦାତା ବୋଲି ପ୍ରଭୁ ...	Daataa pane saata saagarara baari Kaahinki dela mo nayana re bhari Maagi ta na thili haata paati kebe Diya ete sukha siri Tume ta dayaalu daataa boli prabhu ...
ତୁମେ ପରା ଦୁବ କରିପାର ଦାରୁ ଅନ୍ଧକୁ ନୟନ ଦିଅ ମହାମେରୁ ଲାଜ ରଖ ମୋର ମାଗୁଣି କରୁଛି ଚକାଆଖି ଦୁଃଖହାରୀ ଚକାଆଖି ଦୁଃଖହାରୀ	Tume paraa duba kari paara daaru Andha ku nayana diya mahaameru Laaja rakha mora maaguni karuchi Chakaa aakhi dukha haari Chakaa aakhi dukha haari

ତୁମେଇ ସକଳ ସତ୍ୟ   Tumei Sakala Satya

ଚଳଚ୍ଚିତ୍ର: ଟିକେ ହସ ଟିକେ ଲୁହ (1981) *କଣ୍ଠଶିଳ୍ପୀ:* ପ୍ରଣବ ପଟ୍ଟନାୟକ *ସଙ୍ଗୀତ ନିର୍ଦ୍ଦେଶକ:* ପୂର୍ଣ୍ଣ ଖୁଣ୍ଟିଆ *ଗୀତିକାର:* ରଜନୀକାନ୍ତ ନାୟକ	*Movie: Tike Hasa Tike Luha (1981)* *Singer: Pranab Patnaik* *Composer: Purna Khuntia* *Lyricist: Rajanikant Nayak*
~~	~~~~~~~~~~~~~~~~~~~
ତୁମେଇ ସକଳ ସତ୍ୟ ତୁମେଇ ସୁନ୍ଦର ଦିବ୍ୟ ଜ୍ୟୋତିର୍ମୟ ବିଶ୍ୱ ଆଲୋକିତ କର ହେ ସତ୍ୟ ଶିବ ସୁନ୍ଦର ହେ ସତ୍ୟ ଶିବ ସୁନ୍ଦର	Tumei sakala satya tumei sundara Dibya jyotirmaya biswa aalokita kara Hey satya siba sundara Hey satya siba sundara
ଶରଣ ରକ୍ଷଣ ତୁମେ ତୃଷିତ ପ୍ରାଣର ଶକତି ମୁକତି ଦିଅ ଜୀବନ ଆଧାର ଦୟାମୟ ହେ ଭବୁ ପାରି କର ... ଭବୁ ପାରି କର ତୁମେଇ ସକଳ ସତ୍ୟ ତୁମେଇ ସୁନ୍ଦର	Sarana rakhyana tume trusita praana ra Sakati mukati diya jibana aadhaara Dayaamaya hey Bhabu paari kara ... bhabu paari kara Tumei sakala satya tumei sundara
ତୁମରି ମଧୁର ନାମ ଅମୃତ ନିର୍ଝର ତୁମେ ଯେ ନୂତନ ନିତ୍ୟ ମହିମା ଅପାର ମଧୁମୟ ହେ ରୁଦ୍ର ମନୋହର ... ରୁଦ୍ର ମନୋହର ତୁମେଇ ସକଳ ସତ୍ୟ ତୁମେଇ ସୁନ୍ଦର ତୁମେଇ ସକଳ ସତ୍ୟ ତୁମେଇ ସୁନ୍ଦର	Tumari madhura naama amruta nirjhara Tume je nutana nitya mahimaa apaara Madhumaya hey Rudra manohara ... rudra manohara Tumei sakala satya tumei sundara Tumei sakala satya tumei sundara